

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୦ ଜାନୁଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 20 JANUARY 2022
Vol.No. 33 ■ No. 19 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022



ପ୍ରକାଶ ଅପେକ୍ଷାରେ....
ନୂଆବର୍ଷ ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବିଜେପିରେ ସାମିଲ ହେଲେ ମୁଲାୟମଙ୍କ ବୋହୂ



ନୂଆଦିଲ୍ଲୀ,୧୯/୦୧: ପଦ୍ମ ଶିବିରରେ ଅଖିଳେଶଙ୍କ ଭାଇ ବୋହୂ ଅପର୍ଣ୍ଣା । ବିଧାନସଭା ନିର୍ବାଚନକୁ ନେଇ ଉତ୍ତରପ୍ରଦେଶ ରାଜନୀତି ରୋଚକ ହେଉଥିବା ବେଳେ ଅଖିଳେଶଙ୍କୁ ବଡ ଝଟକା ଦେଇଛନ୍ତି ଭାଇ ବୋହୂ ଅପର୍ଣ୍ଣା ଯାଦବ । ମୁଲାୟମ ଯାଦବଙ୍କ ସାନ ବୋହୂ ଅପର୍ଣ୍ଣା ଆଜି ସାଇକେଲକୁ ଛାଡି ବିଧିବଦ୍ଧ ଭାବେ ବିଜେପିରେ ସାମିଲ ହୋଇଛନ୍ତି । ଉତ୍ତରପ୍ରଦେଶ ଉପ-ମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଓ ରାଜ୍ୟ ବିଜେପି ଅଧକ୍ଷ ସ୍ୱତନ୍ତ୍ର ଦେବ ସିଂଙ୍କ ଉପସ୍ଥିତିରେ ବିଜେପିରେ ସାମିଲ ହୋଇଛନ୍ତି ଅପର୍ଣ୍ଣା । ଆଉ ଏହାକୁ ଚଳିତ ଉତ୍ତରପ୍ରଦେଶ ରାଜନୀତିରେ ସବୁଠୁ ବଡ ଦଳ ଅଦଳବଦଳ ବୋଲି କୁହାଯାଉଛି । ଅପର୍ଣ୍ଣା ବିଜେପିରେ ସାମିଲ ହେବା ପରେ ଅଖିଳେଶ ଯାଦବ ମୁହଁ ଖୋଲିଛନ୍ତି । ବିଜେପିରେ ସାମିଲ ହୋଇଥିବାରୁ ଅପର୍ଣ୍ଣାଙ୍କୁ ଶୁଭକାମନା ଜଣାଇବା ସହ ଅଖିଳେଶ କହିଛନ୍ତି, ସମାଜବାଦୀ ବିଚାରଧାରାର ବିସ୍ତାର ହେଉଛି । ଯାହାଙ୍କୁ ଆମେ ଟିକେଟ ଦେଇପାରୁନାହୁଁ ସେମାନଙ୍କୁ ବିଜେପି ଟିକେଟ ଦେଉଛି । ମୋର ବିଶ୍ୱାସ ବିଜେପିରେ ମଧ ଆମର ବିଚାରଧାରା ରହିବ । ତେବେ ଅପର୍ଣ୍ଣାଙ୍କୁ ମୁଲାୟମ ସିଂ ଯାଦବ ଅନେକବାର ବୁଝାଇବାକୁ ଚେଷ୍ଟା କରିଛନ୍ତି କିନ୍ତୁ ସେ ମାନିନାହାନ୍ତି । ତେବେ ଅପର୍ଣ୍ଣାଙ୍କୁ ସମାଜବାଦୀ ପାର୍ଟିରୁ ଟିକେଟ ନ ମିଳିବାରୁ ସେ ବିଜେପିରେ ସାମିଲ ହେଲେ କି ପ୍ରଶ୍ନର ଉତ୍ତରରେ ଅଖିଳେଶ କହିଛନ୍ତି, ଏବେଯାଏଁ ସମସ୍ତ ପ୍ରାର୍ଥୀଙ୍କୁ ଟିକେଠ ବଣ୍ଟାଯାଇନାହିଁ । ତୃଣମୂଳସ୍ତରରୁ ଆସିଥିବା ବିଭିନ୍ନ ରିପୋର୍ଟ ଆଧାରରେ ହିଁ କାହାକୁ ଟିକେଟ ଦିଆଯିବ ଓ କାହାକୁ ଦିଆଯିବନି ତାହା ସ୍ଥିର ହୋଇଥାଏ । ବିଜେପିରେ ସାମିଲ ହେବା ପରେ ଅପର୍ଣ୍ଣା କହିଛନ୍ତି, ମୋ ପାଇଁ ଦେଶ ସର୍ବପ୍ରଥମ । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟଧାରାରେ ମୁଁ ପ୍ରଭାବିତ । ଏବେ ମୁଁ ରାଷ୍ଟ୍ରର ବିକାଶକୁ ଆଗେଇ ନେବା ପାଇଁ ଆଗକୁ ଆସିଛି । ତେଣୁ ସମସ୍ତଙ୍କର ସହଯୋଗ ଆବଶ୍ୟକ । ବିଜେପିରେ ସାମିଲ ହୋଇ ଅପର୍ଣ୍ଣା ଖୁସିବ୍ୟକ୍ତ କରିବା ସହ ମୋଦୀ ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନ, ମହିଳାଙ୍କ ନିଆଯାଉଥିବା ପଦକ୍ଷେପ ଓ ବିଭିନ୍ନ ବିକାଶ ମୂଳକ ଯୋଜନାକୁ ପ୍ରଶଂସା କରିଛନ୍ତି ଅପର୍ଣ୍ଣା । ଅପର୍ଣ୍ଣା ଯାଦବ ୨୦୧୭ରେ ସମାଜବାଦୀ ଟିକେଟରୁ ନିର୍ବାଚନ ଲଢି ପରାଜିତ ହୋଇଥିଲେ । ବିଜେପି ପ୍ରାର୍ଥୀଙ୍କ ଠାରୁ ଅପର୍ଣ୍ଣା ପରାଜିତ ହୋଇଥିଲେ ମଧ ପ୍ରାୟ ୬୩ ହଜାରରୁ ଅଧିକ ଭୋଟ ହାତେଇଥିଲେ । ତେଣୁ ଅପର୍ଣ୍ଣା ସେହି ଭୋଟବ୍ୟାଙ୍କ ବଳରେ ବିଜେପିରେ ସାମିଲ ହୋଇ ବିଜୟ ବାନା ଉଡାଇବାକୁ ଲକ୍ଷ୍ୟ ରଖିଥିବା ଚର୍ଚ୍ଚା ହେଉଛି । ▶▶ପୃଷ୍ଠା ୭

## ଯେକୌଣସି ମୁହୂର୍ତ୍ତରେ ୟୁକ୍ରେନ୍ ଆକ୍ରମଣ କରିପାରେ ରୁଷ୍ : ଆମେରିକା



ନୂଆଦିଲ୍ଲୀ,୧୯/୦୧: ଅବିଳମ୍ବେ ରୁଷ୍ ୟୁକ୍ରେନ୍ ଆକ୍ରମଣ କରିପାରେ ବୋଲି ମଙ୍ଗଳବାର ଦିନ ଯୁକ୍ତରାଷ୍ଟ୍ର ଆମେରିକା ସତର୍କ ସୂଚନା ଦେଇ କହିଥିବା ବେଳେ ପ୍ରେସ୍ ସଚିବ ଜେନ୍ ସାକି କହିଛନ୍ତି, ୟୁକ୍ରେନ୍ ସୀମାନ୍ତରେ ଅତ୍ୟନ୍ତ ବିପଜ୍ଜନକ ପରିସ୍ଥିତି ସୃଷ୍ଟି ହେଉଛି। ରୁଷୀୟ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ ୟୁକ୍ରେନ୍ ସୀମାନ୍ତକୁ ୧ ଲକ୍ଷ ସୈନିକ ପଠାଇ ସଙ୍କଟ ସୃଷ୍ଟି କରିଛନ୍ତି ବୋଲି ସାକି ଦୋଷାରୋପ କରିଛନ୍ତି। ଏଥିରେ ମିଳିତ ସମରାଭ୍ୟାସ ପାଇଁ ବେଲାରୁଷ୍ ଏବଂ ଅତିରିକ୍ତ ସମରାଭ୍ୟାସ ପାଇଁ ୟୁକ୍ରେନ୍ର ପୂର୍ବାଞ୍ଚଳ ସୀମାନ୍ତକୁ ପଠାଯାଇଥିବା ସୈନିକମାନେ ମଧ ଅନ୍ତର୍ଭୁକ୍ତ ଅଟନ୍ତି। ସ୍ପଷ୍ଟ ରୂପେ କହିବାକୁ ଗଲେ, ଏହା ଅତ୍ୟନ୍ତ ବିପଜ୍ଜନକ ପରିସ୍ଥିତି ବୋଲି ଆମର ମନେହୁଏ। ଆମେ ଏଭଳି ପରିସ୍ଥିତିରେ ପହଞ୍ଚିଛୁ ଯେ, ଯେକୌଣସି ମୁହୂର୍ତ୍ତରେ ରୁଷ୍ ୟୁକ୍ରେନ୍ ଆକ୍ରମଣ କରିପାରେ। ଆମ କଳନା ଠାରୁ ଏହି ଆକ୍ରମଣ ଆହୁରି ସାଙ୍ଘାତିକ ହୋଇପାରେ। କୂଟନୀତି ଅବଲମ୍ବନ ନ କଲେ ରୁଷ୍ ଚରମ ଆର୍ଥିକ ପରିଣତି ଭୋଗିବ। ଆର୍ଥିକ କଟକଣା ଭୋଗିବେ କି, ନାହିଁ ତାହା ଏବେ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ ଏବଂ ରୁଷୀୟମାନଙ୍କ ଉପରେ ନିର୍ଭର କରେ ବୋଲି ସାକି ପୁନର୍ବାର କହିଛନ୍ତି। ଆମେରିକାର ବରିଷ୍ଠ ବୈଦେଶିକ ବିଭାଗର ଅଧିକାରୀମାନଙ୍କ କହିବା ଅନୁସାରେ, ୟୁକ୍ରେନ୍ର ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ଅଖଣ୍ଡତାକୁ ସମର୍ଥନ ଜଣାଇବା ପାଇଁ ବ୍ଲିଙ୍କେନ୍ ପ୍ରଥମେ ୟୁକ୍ରେନ୍ ଗସ୍ତରେ ଯିବେ। ଏହାପରେ ସେ ଜର୍ମାନି ଗସ୍ତ କରି ରୁଷ୍ର କାର୍ଯ୍ୟକଳାପକୁ ମିଳିତ ଭାବେ ପ୍ରତିରୋଧ କରିବା ଲାଗି ୟୁରୋପୀୟ ମିତ୍ରରାଷ୍ଟ୍ରଙ୍କ ସହ ବ୍ୟପକ ମନ୍ତ୍ରଣା କରିବେ।

## ରାଜ୍ୟରେ ଆଉ ୬ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର, ୧୯/୦୧ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତ ଆଉ ୬ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହ କରୋନା କାରଣରୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୪୮୯୪ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ୨ ଜଣଙ୍କର ମୃତ୍ୟୁ ଘଟିଛି । ସେହିପରି ଭଦ୍ରକ, କଟକ, ଜଗତସିଂହପୁର ଓ ଝାରସୁଗୁଡା ଜିଲ୍ଲାରେ ଜଣେ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

## ମାର୍ଚ୍ଚ ୧୧ ସୁଦ୍ଧା 'ଏଣ୍ଡେମିକ'ର ରୂପ ନେଇପାରେ କରୋନା



ନୂଆଦିଲ୍ଲୀ,୧୯/୦୧: ପ୍ରାୟ ଦୁଇ ବର୍ଷ ହେଲା କରୋନା କଲବଲ କରିବା ପରେ କେବେ ଯିବ ତାକୁ ନେଇ ସମସ୍ତଙ୍କ ମନରେ ପ୍ରଶ୍ନ ଉଠୁଛି । ଆଉ ଏହାରି ଭିତରେ ବଡ ବୟାନ ଦେଇଛନ୍ତି ଆଇସିଏମଆର ମହାମାରୀ ବିଶେଷଜ୍ଞ ସମୀରନ ପଣ୍ଡା । ସେ କହିଛନ୍ତି ଯଦି ଓମିକ୍ରନ ଡେଲଟାର ସ୍ଥାନ ନେଇଯାଏ ଏବଂ ଅନ୍ୟ କୌଣସି ନୂଆ ପ୍ରଜାତି ସୃଷ୍ଟି ନହୁଏ ତେବେ ମାର୍ଚ୍ଚ ୧୧ ସୁଦ୍ଧା ମହାମାରୀ, ଏଣ୍ଡେମିକର ରୂପ ନେବ ଅର୍ଥାତ ସ୍ଥାନୀୟ ସଂକ୍ରମଣରେ ସୀମିତ ରହିବ କରୋନା ଓମିକ୍ରନ ସଂକ୍ରମଣ ବଢ଼ି ଚାଲିଥିବା ବେଳେ ଆଶ୍ୱସ୍ତିକର ବୟାନ ଦେଇଛନ୍ତି ଆଇସିଏମଆରର ମହାମାରୀ ବିଶେଷଜ୍ଞ ଡାକ୍ତର ସମୀରନ ପଣ୍ଡା । ସେ କହିଛନ୍ତି, "ଓମିକ୍ରନ ଯଦି ଡେଲଟାର ସ୍ଥାନ ନେଇଯାଏ । ତେବେ ମାର୍ଚ୍ଚ ୧୧ ତାରିଖ ସୁଦ୍ଧା କରୋନା ମହାମାରୀ ସ୍ଥାନୀୟ ସଂକ୍ରମଣରେ ସୀମିତ ହୋଇ ରହିଯିବ । କିନ୍ତୁ ଏଥିପାଇଁ ଲୋକଙ୍କୁ କୋଭିଡ ଗାଇଡ୍ଲାଇନ୍ କଡାକଡି ଭାବେ ପାଳନ କରିବାକୁ ପଡିବ । କୌଣସି ନୂଆ ପ୍ରଜାତି ଏହି ସମୟ ଭିତରେ ଦେଖାନଦେଲେ ସ୍ଥାନୀୟ ସଂକ୍ରମଣରେ କରୋନା ସୀମିତ ହେବାର ସମ୍ଭାବନା ଅଧିକ ରହିଛି ।" କରୋନା ଟିକା ନେଇଥିଲେ ଏବଂ ଓମିକ୍ରନ୍ ଭୂତାଣୁ ଦ୍ୱାରା ସଂକ୍ରମିତ ହେଲେ ଏହା ଭବିଷ୍ୟତରେ ଡେଲ୍ଟା ଭୂତାଣୁ ବିରୋଧରେ ମଧ ସୁରକ୍ଷା ପ୍ରଦାନ କରିବ । ଏହି ସୂଚନା ଦେଇଛନ୍ତି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମୁଖ୍ୟ ବୈଜ୍ଞାନିକ ସୌମ୍ୟ ସ୍ୱାମୀନାଥନ୍ । ଟିକା ନେଇନଥିଲେ ଏବଂ କରୋନା ସଂକ୍ରମିତ ହେଲେ ଏହା କୌଣସି ପ୍ରକାର ଭୂତାଣୁ ବିରୋଧରେ ▶▶ପୃଷ୍ଠା ୭

## ତୃତୀୟ ଦିନରେ ପ୍ରାର୍ଥୀପତ୍ର ଦାଖଲ କଲେ ୫୨ ହଜାର ୮୬୮ ଜଣ

ଭୁବନେଶ୍ୱର,୧୯/୦୧(ନି.ପ୍ର): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲର ତୃତୀୟ ଦିନରେ ମୋଟ୍ ୫୨ ହଜାର ୮୬୮ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ୩୭ ହଜାର ୨୩୨ ଜଣ ୱାର୍ଡମେମ୍ବର ପ୍ରାର୍ଥୀ, ୮୯୪୭ ଜଣ ସରପଂଚ ପ୍ରାର୍ଥୀ, ୬୨୦୫ ଜଣ ସମିତି ସଭ୍ୟ ପ୍ରାର୍ଥୀ ଓ ୪୮୪ ଜଣ ଜିଲ୍ଲା ପରିଷଦ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ନାମାଙ୍କନ ଦାଖଲ ପ୍ରକ୍ରିୟା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ରାଜ୍ୟ ନିର୍ବାଚନ କମିଶନଙ୍କ ସଚିବଙ୍କ ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ଗତକାଲି ଦ୍ୱିତୀୟ ଦିନରେ ୧୩ ହଜାର ୩୫୬ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ। ପଂଚାୟତ ନିର୍ବଚାନ ପାଇଁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଜାନୁଆରୀ ୧୭ ତାରିଖ ଠାରୁ ଆରମ୍ଭ ହୋଇଯାଇଛି। ପ୍ରଥମ ଦିନରେ ୧୧୨୨ ଜଣ ସରପଂଚ ପ୍ରାର୍ଥୀ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ୫୧୨ ଜଣ ସମିତି ସଭ୍ୟ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସେହିପରି ୨୨ ଜଣ ଜିଲ୍ଲା ପରିଷଦ ପ୍ରାର୍ଥୀ ସେମାନଙ୍କର ନାମାଙ୍କନପତ୍ର ଦାଖଲ କରିଥିଲେ।

## ବିଜେପିରେ ମିଶିଲେ ସିଡିଏସ୍ ବିପିନ ରାୱତଙ୍କ ଭାଇ



ଉତ୍ତରାଖଣ୍ଡ, ୧୯/୦୧ (ନି.ପ୍ର): ହେଲିକପ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଥିବା ଦେଶର ପ୍ରଥମ ସିଡିଏସ୍ ଜେନେରାଲ ବିପିନ ରାୱତଙ୍କ ଭାଇ ଆଜି ବିଜେପିରେ ମିଶିଛନ୍ତି। ଆଗକୁ ଉତ୍ତରାଖଣ୍ଡ ବିଧାନସଭା ନିର୍ବାଚନ ଥିବା ବେଳେ ସିଡିଏସ୍ ?ଙ୍କ ଭାଇ କର୍ଣ୍ଣେଲ(ଅବସରପ୍ରାପ୍ତ) ବିଜୟ ରାୱତ ଆଜି ପଦ୍ମ ଧରିଛନ୍ତି। ବିଜେପିରେ ମିଶିବା ପୂର୍ବରୁ କର୍ଣ୍ଣେଲ ବିଜୟ ରାୱତ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମିଙ୍କୁ ଭେଟିଥିଲେ। ଏହାପରେ ସେ ବିଧିବଦ୍ଧ ଭାବେ ମୁଖ୍ୟମନ୍ତ୍ରୀ ଧାମିଙ୍କ ଉପସ୍ଥିତିରେ ବିଜେପିରେ ମିଶିଛନ୍ତି। କୁହାଯାଉଛି ଯେ ବିଜେପି ଶ୍ରୀ ରାୱତଙ୍କୁ ଉତ୍ତରାଖଣ୍ଡ ବିଧାନସଭା ନିର୍ବାଚନରେ ପ୍ରାର୍ଥୀ କରିବ। ବିଜୟ ରାୱତ କହିଛନ୍ତି, "ମୁଁ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ରାଜ୍ୟ ପାଇଁ ରଖିଥିବା ଦୂରଦୃଷ୍ଟିକୁ ପସନ୍ଦ କରେ। ମୋ ଭାଇ(ବିପିନ ରାୱତ)ଙ୍କ ମୁଣ୍ଡରେ ମଧ ସମାନ କଥା ଚାଲିଥିଲା। ତାଙ୍କ ଚିନ୍ତାଧାରା ବିଜେପି ସହ ପୂରା ସମାନ। ଉତ୍ତରାଖଣ୍ଡବାସୀଙ୍କ ସେବା ହିଁ ମୋର ଏକମାତ୍ର ଲକ୍ଷ୍ୟ।" ସେ ବିଜେପିରେ ମିଶିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭବିଷ୍ୟତ ପାଇଁ କରୁଥିବା ଯୋଜନାଗୁଡ଼ିକୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, "ବିଜେପିରେ ମୋତେ ଯୋଗଦେବାକୁ ସୁଯୋଗ ମିଳିଥିବାରୁ ମୁଁ କୃତଜ୍ଞ। ସେନାରୁ ଅବସର ନେବା ପରେ ମୋ ବାପା ବିଜେପିରେ ମିଶିଥିଲେ। ଏବେ ମୁଁ ସେପରି ସୁଯୋଗ ପାଇଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଚିନ୍ତାଧାରା ବେଶ ଭଲ। ସେ ସବୁବେଳେ ଭବିଷ୍ୟତ କଥା ଚିନ୍ତା କରିନ୍ତି। ଏହି ଚିନ୍ତାଧାରା ହିଁ ମୋତେ ବିଜେପି ଆଡ଼କୁ ଆକୃଷ୍ଟ କରିଛି।" ଏହି ମିଶ୍ରଣ ପର୍ବରେ ମୁଖ୍ୟମନ୍ତ୍ରୀ ଧାମିଙ୍କ ସହ ବିଜେପିର ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଡିସେମ୍ବର ୮ରେ ସିଡିଏସ୍ ରାୱତ, ତାଙ୍କ ପତ୍ନୀ ମଧୁଲିକା ଓ ଅନ୍ୟ ୧୨ ଜଣ ସେନା କର୍ମଚାରୀ ହେଲିକପ୍ଟର ଯୋଗେ ସୁଲୁର ଏୟାରବେସରୁ ୱେଲିଙ୍ଗଟନ୍ ଯାଉଥିଲେ। ତେବେ ସେଠାରେ ପହଞ୍ଚିବାର କିଛି ମିନିଟ୍ ? ପୂର୍ବରୁ କୁନୁର ଠାରେ ଘଟିଥିଲା ବଡ଼ ଅଘଟଣ। ହେଲିକପ୍ଟର କ୍ରାଶ କରିବାରୁ ଏଥିରେ ଥିବା ସମସ୍ତ ୧୪ ଜଣଙ୍କ ମୃତ୍ୟୁ ଘଟିଥିଲା।

## ଶ୍ମଶାନରେ ଚେଇଁ ଉଠିଲା ମୃତ ଘୋଷିତ ଶିଶୁ!

କରଞ୍ଜିଆ, ୧୯/୦୧ (ନି.ପ୍ର): ଡାକ୍ତରଖାନାରେ ଡାକ୍ତର କଲେ ମୃତ ଘୋଷଣା। କିନ୍ତୁ ଶ୍ମଶାନରେ ହଠାତ୍ ଚେଇଁ ଉଠିଲା ମୃତ ଘୋଷିତ ହୋଇଥିବା ନବଜାତ ଶିଶୁ। ଆଜି ଏମିତି ଅଭାବନୀୟ ଘଟଣା ସାମ୍ନାକୁ ଆସିଛି ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରୁ। ଯେଉଁଠାରେ ସମୟ ପୂର୍ବରୁ ଜନ୍ମ ହୋଇଥିବା ନବଜାତକୁ ଡାକ୍ତର ମୃତ ଘୋଷଣା କରିଥିଲେ। ହେଲେ ଶଶ୍ମାନକୁ ନେଇ ପୋତିବାକୁ ଯାଉଥିବା ବେଳେ ଶିଶୁଟି କାନ୍ଦି ଉଠିଥିଲା। ଏବେ ଏହାକୁ ନେଇ ପ୍ରବଳ ଉତ୍ତେଜନା ଦେଖା ଦେଇଛି। ଆଜି ଅପରାହ୍ଣ ୨.୦୬ ମିନିଟ ସମୟରେ କରଂଜିଆ ଉପଖଣ୍ଡ ଚିକିତ୍ସାଳୟରେ ରାଇମଣି ମୁଣ୍ଡା ସ୍ୱାମୀ ସୁନିଆ ମୁଣ୍ଡାଙ୍କ ଔରସରୁ ଏକ ଶିଶୁ ଜନ୍ମ ନେଇଥିଲା। ହେଲେ ମେଡିକାଲ କର୍ତ୍ତୃପକ୍ଷ ଶିଶୁଟିକୁ ମୃତ ଘୋଷିତ କରିଥିଲେ। ଯାହା ପରେ ମେଡିକାଲ କର୍ତ୍ତୃପକ୍ଷ ଶିଶୁକୁ ଏକ ବ୍ୟାଗରେ ପୁରାଇ ପରିବାରଙ୍କୁ ହସ୍ତାନ୍ତର କରିଥିଲା। ଏହାପରେ ମୃତ ଶିଶୁଙ୍କ ପରିବାର ଛୁଆକୁ ନେଇ ନିଜ ପୈତୃକ ଗ୍ରାମ କେନ୍ଦୁଝର ଜିଲ୍ଲାର ଖଡିକାପଦା ଗ୍ରାମରେ ମାଟିଖୋଳି ମାଟିରେ ପୋତିବା ପାଇଁ ଯାଉଥିବା ବେଳେ ଛୁଆଟି କାନ୍ଦି ଉଠିଥିଲା। ▶▶ପୃଷ୍ଠା ୭

## ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ମଦ, ବନ୍ଧୁକ ଓ ଅସ୍ତ୍ରଶସ୍ତ୍ର ଉପରେ ନିଷେଧାଦେଶ ଜାରି କଲେ ରାଜ୍ୟ ନିର୍ବାଚନ କମିଶନ

ଭୁବନେଶ୍ୱର,୧୯/୦୧(ନି.ପ୍ର): ତ୍ରିସ୍ତରୀୟ ପଂଚାୟତିରାଜ ଅନୁଷ୍ଠାନଗୁଡ଼ିକରେ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନଙ୍କ ତରଫରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇସାରିଛି ଓ ତଦନୁସାରେ ଆସନ୍ତା ଫେବୃଆରୀ ୧୬ ତାରିଖଠାରୁ ଫେବୃଆରୀ ୨୪ ତାରିଖ ମଧ୍ୟରେ ୫ଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ । ନିର୍ବାଚନକୁ ଅବାଧ, ସ୍ୱଚ୍ଛ ଓ ଶାନ୍ତିଶୃଙ୍ଖଳାର ସହ ସଂପାଦନ କରିବା ନିମନ୍ତେ ଲାଇସେନ୍ସପ୍ରାପ୍ତ ବନ୍ଧୁକ ବା ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ସହ ମତଦାନ କେନ୍ଦ୍ରକୁ ଯିବା କିମ୍ବା ମତଦାନ କେନ୍ଦ୍ର ନିକଟରେ ଚଳପ୍ରଚଳ ହେବା ଉପରେ ନିଷେଧାଦେଶ ଜାରି କରାଯାଇଛି । ତା.୧୪/୦୨/୨୦୨୨ରିଖ ଅପରାହ୍ଣ ୫ ଘଟିକାଠାରୁ ତା. ୦୧/୦୩/୨୦୨୨ରିଖ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ ନିର୍ବାଚନ ଅଧିକାରୀ ପୁଲିଙ୍ଗ ଅଧିକାରୀ, ପୁଲିସ୍ ଅଧିକାରୀ ଏବଂ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ବ୍ୟତୀତ କୌଣସି ବ୍ୟକ୍ତି ମତଦାନ କେନ୍ଦ୍ର କିମ୍ବା ମତଦାନ କେନ୍ଦ୍ର ଆଖପାଖ ଅଂଚଳରେ ରହିପାରିବେ ନାହିଁ ବୋଲି ରାଜ୍ୟ ନିର୍ବାଚନ କମିଶନର ସଂପୃକ୍ତ ବିଭାଗକୁ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ହେବାକୁ ଥିବା ତ୍ରିସ୍ତରୀୟ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ଉପରେ ନିର୍ବାଚନ କମିଶନର ଗୁରୁତ୍ୱାରୋପ କରିଛନ୍ତି । ମତଦାନର ୪୮ ଘଂଟା ପୂର୍ବରୁ ଏବଂ ▶▶ପୃଷ୍ଠା ୭

## ଉତ୍ତରପ୍ରଦେଶ ପାଇଁ ବିଜେପି ଘୋଷଣା କଲା ୩୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା

### ମୋଦୀଙ୍କ ସହ ପ୍ରଚାର ମୈଦାନକୁ ଓହ୍ଲାଇବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ,୧୯/୦୧: ଦିନ ଗଡିବା ସହ ସରଗରମ ହେଉଛି ଉତ୍ତରପ୍ରଦେଶ ରାଜନୀତି । ପ୍ରତିଦିନ ବଦଳୁଛି ଉତ୍ତରପ୍ରଦେଶ ରାଜନୀତିର ପାଣିପାଗ । ଆଜି ଅଖିଳେଶଙ୍କ ଭାଇ ବୋହୂ ତଥା ମୁଲାୟମଙ୍କ ସାନ ବୋହୂ ବିଜେପିରେ ଯୋଗ ଦେଇ ଉତ୍ତରପ୍ରଦେଶ ରାଜନୀତିକୁ ରୋଚକ କରିଛନ୍ତି । ଆଉ ଏସବୁ ଭିତରେ ଆଜି ବିଜେପି ଉତ୍ତରପ୍ରଦେଶ ପାଇଁ ଷ୍ଟାର ପ୍ରଚାରକ ତାଲିକା ଘୋଷଣା କରିଛି । ବିଜେପି ଘୋଷଣା କରିଥିବା ୩୦ ଜଣିଆ ଷ୍ଟାର ପ୍ରଚାରକ ତାଲିକାରେ ଦଳର ଅନେକ ବଡ ଚେହେରା ରହିଛନ୍ତି । ବଡ ବଡ ସଭା ଓ ସମାବେଶକୁ ଅନୁମତି ମିଳିନଥିବାରୁ ଭର୍ଚୁଆଲରେ ଲୋକଙ୍କ ପାଖରେ ପହଞ୍ଚିବେ ନେତା । ବିଜେପି ଘୋଷଣା କରିଥିବା ୩୦ ଜଣିଆ ଷ୍ଟାର ପ୍ରଚାରକ ତାଲିକାରେ ପ୍ରଧାନମନ୍ତ୍ରୀ ମୋଦୀ, ବିଜେପି ଅଧକ୍ଷ ଜେ.ପି ନଡ୍ଡା, ଗୃହମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଭଳି ବଡ ଚେହେରାଙ୍କ ନାଁ ରହିଛି । ଏମାନଙ୍କ ବ୍ୟତୀତ ସ୍ମୃତି ଇରାନୀ, କେଶବ ପ୍ରସାଦ ମୌର୍ଯ୍ୟ, ରାଧା ମୋହନ ସିଂ, ମୁକ୍ତାର ଆବାସ ନକଭିଙ୍କ ଭଳି ଚେହେରାଙ୍କୁ ମଧ ଷ୍ଟାର ପ୍ରଚାରକ ତାଲିକାରେ ସ୍ଥାନ ମିଳିଛି । ତେବେ ଷ୍ଟାର ପ୍ରଚାରକ ତାଲିକାରୁ ଉତ୍ତରପ୍ରଦେଶରୁ ବିଜେପି ସାଂସଦ ଥିବା ବରୁଣ ଗାନ୍ଧୀ ଓ ମାନେକା ଗାନ୍ଧୀଙ୍କୁ ବାଦ୍ ଦିଆଯାଇଛି । ପୂର୍ବରୁ ବିଭିନ୍ନ ପ୍ରସଙ୍ଗରେ ବିଜେପି ସାଂସଦ ବରୁଣ ଗାନ୍ଧୀ ଦଳୀୟ ନେତୃତ୍ୱଙ୍କ ଉପରେ ପ୍ରଶ୍ନବାଚୀ ଉଠାଇଥିଲେ । ଏପରିକି ଯୋଗୀ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ଘେରିବା ସହ ଲକ୍ଷ୍ମୀପୁରରେ ଆନ୍ଦୋଳନକାରୀଙ୍କ ଉପରେ ଗାଡି ଚଢାଇ ହତ୍ୟା କରିବା ଘଟଣାରେ ନିଜ ଦଳର ମନ୍ତ୍ରୀଙ୍କୁ କାଠଗଡାରେ ଛିଡା କରିଥିଲେ । ଯାହା ଦଳ ପାଇଁ ଅଡୁଆ ସୃଷ୍ଟି କରିଥିବା ବେଳେ ବିରୋଧୀଙ୍କ ପାଇଁ ସରକାରଙ୍କୁ ଘେରିବାକୁ ସୁଯୋଗ ସୃଷ୍ଟି କରିଥିଲା । ଅନ୍ୟପଟେ ମୁଲାୟମଙ୍କ ବୋହୂ ବିଜେପିରେ ସାମିଲ ହେବାକୁ ନେଇ ଯୋଗୀ ଆଦିତ୍ୟନାଥ କହିଛନ୍ତି, ଅପର୍ଣ୍ଣାଙ୍କ ଦଳରେ ସାମିଲ କରି ବିଜେପି ଆହୁରି ଶକ୍ତିଶାଳୀ ହୋଇଛି । ବିଜେପିର ଡବଲ ଇଞ୍ଜିନ ସରକାରଙ୍କ କାମ ଦ୍ୱାରା ଅପର୍ଣ୍ଣା ପ୍ରଭାବିତ ହୋଇ ଦଳରେ ସାମିଲ ହୋଇଛନ୍ତି ।

## ୫ ଜିଲ୍ଲାରେ ଘନ କୁହୁଡ଼ି ସମ୍ଭାବନା, ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର,୧୯/୦୧(ନି.ପ୍ର): ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ୫ଟି ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘନ କୁହୁଡି ହେବାର ସମ୍ଭାବନା ରହିଛି । ଏହି ଜିଲ୍ଲା ଗୁଡିକ ମଧ୍ୟରେ କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲା ଅନ୍ୟତମ । ଏହି ୫ଟି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରୀ କରାଯାଇଛି । ଭାରତୀୟ ପାଣିପାଗ ବିଭାଗର ଭୁବନେଶ୍ୱର ସ୍ଥିତ ଆଂଚଳିକ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ସେହିପରି ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ କରାଯାଇଥିବା ବୁଲେଟିନରେ କୁହା ଯାଇଛି ଯେ ଆସନ୍ତା ୨୪ ଘଂଟା ପାଇଁ ରାଜ୍ୟରେ ପାଣିପାଗରେ ସେପରି କୌଣସି ବଡ଼ ଧରଣ ପରିବର୍ତ୍ତନର ସମ୍ଭାବନା ନାହିଁ। ରାଜ୍ୟର ଜିଲ୍ଲାଗୁଡ଼ିକରେ ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବାର ସମ୍ଭାବନା ରହିଛି। ତେବେ, ଦକ୍ଷିଣ ଆଭ୍ୟନ୍ତରୀଣ ଓଡିଶାର ଜିଲ୍ଲାଗୁଡ଼ିକର କିଛି ସ୍ଥାନରେ ଏବଂ ଉପକୂଳ ଓଡ଼ିଶା, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଅଗଭୀରରୁ ମଧ୍ୟମ ଧରଣର କୁହୁଡି ପଡ଼ିବାର ସମ୍ଭାବନା ରହିଛି ବୋଲି ଏଥିରେ ଉଲ୍ଲେଖ ରହିଛି । ଅନ୍ୟପକ୍ଷରେ, ଆସନ୍ତା ୨୪ ଘଂଟା ମଧ୍ୟରେ ସର୍ବନିମ୍ନ ତାପମାତ୍ରା ▶▶ପୃଷ୍ଠା ୭

# ୩ ମଣ୍ଡିରୁ ୯ ୮ କୁଇଂଟାଲ ଧାନ ଜବତ କଲା ଯୋଗାଣ ବିଭାଗ

ମାଲକାନଗିରି,୧୯/୧ (ନି.ପ୍ର): ମାଲକାନଗିରି ଜିଲ୍ଲାର ବିଭିନ୍ନ ମଣ୍ଡିରେ ଦଲାଲମାନେ ନିଜର ଧାନକୁ ବିକ୍ରି କରିବା ନେଇ ଯୋଜନା କରୁଥିବା ଖବର ପାଇବା ପରେ ଜିଲ୍ଲା ଯୋଗାଣ ଅଧିକାରୀ ଅଜୟ କୁମାର ରଥଙ୍କ ନେତୃତ୍ୱରେ ଏକ ଟିମ ଚଢଉ କରି ୯୮ କ୍ବିଂଟାଲ ଧାନ ଜବତ କରିଛି । ମାଲକାନଗିରି ଜିଲ୍ଲାରେ ଚାଲିଥିବା ୬୫ ମଣ୍ଡିରେ ଆଜି ପର୍ଯ୍ୟନ୍ତ ସୁରୁଖୁରୁରେ ଧାନ କିଣା ଚାଲିଥିବା ବେଳେ କାଁଭାଁ ମଣ୍ଡିରେ ଦଲାଲମାନେ ସକ୍ରିୟ ହୋଇ ନିଜର ଗଚ୍ଛିତ ଧାନକୁ ବିକ୍ରି କରିବା ପାଇଁ ଯୋଜନା କରୁଛନ୍ତି । ତେବେ ଏ ନେଇ ଜିଲ୍ଲା ଯୋଗାଣ ବିଭାଗ ସବୁ ମଣ୍ଡି ଉପରେ ନଜର ରଖୁଛି । ବିଶେଷ ସୂତ୍ରରୁ ଖବର ପାଇ ଜିଲ୍ଲା ଯୋଗାଣ ଅଧିକାରୀ କୋରକୋଣ୍ଡା ବ୍ଲକର ନିଲାକାମ୍ବେରୁ ମଣ୍ଡିରେ ଗଙ୍ଗା ମାଡକାମୀ ନାମକ ବ୍ୟକ୍ତି ୨୩.୪୬ କ୍ବିଂଟାଲ ଧାନ ବିକ୍ରି କରିବା ପାଇଁ ଯୋଜନା କରୁଥିବା ବେଳେ ଧରାପଡିଛି । ସେହିପରି ଖଇରପୁଟ ବ୍ଲକର ଖଇରପୁଟ ମଣ୍ଡିରେ ଦାମୋଦର ଦୋରା ନାମକ ବ୍ୟକ୍ତି ୪୫ କ୍ବିଂଟାଲ ଧାନ ବିକ୍ରି କରୁଥିବା ବେଳେ ଧରାପଡିଥିବା ବେଳେ ଗୋବିନ୍ଦପାଲ୍ଲୀ ମଣ୍ଡିରେ ଭୀମ ଦୁରଲା ନାମକ ବ୍ୟକ୍ତି ୩୦ କ୍ବିଂଟାଲ ଧାନ ବିକ୍ରି କରିଥିବା ବେଳେ ଯୋଗାଣ ବିଭାଗ ଚଢଉ କରି ଧାନକୁ ଜବତ କରିଛି । ତେବେ ତିନୋଟି ସ୍ଥାନରୁ ମୋଟ ୯୮ କ୍ବିଂଟାଲ ଧାନ ଜବତ କରାଯାଇଥିବା ଜିଲ୍ଲା ଯୋଗାଣ ଅଧିକାରୀ ଅଜୟ କୁମାର ରଥ ପ୍ରକାଶ କରିଛନ୍ତି । ପ୍ରକାଶ ଥାଉକି ଗତ କିଛି ଦିନ ତଳେ କୋରକୋଣ୍ଡା ବ୍ଲକର ପିତାକଟା ମଣ୍ଡିରେ ଇର୍ମା ପଡିଆମି ନାମକ ଚାଷୀକୁ ଦଲାଲ ମଣ୍ଡିରେ ଛିଡା କରି ୬୩.୯୧ କ୍ବିଂଟାଲ ଧାନ ବିକ୍ରି କରିବାକୁ ଚେଷ୍ଟା କରୁଥିଲେ । ସେହିପରି ଏନ ଧାରବତ ନାମକ ବ୍ୟକ୍ତି ମଧ୍ୟ ୧୯.୯୭ କ୍ବିଂଟାଲ ଧାନ ବିକ୍ରି କରିବା ନେଇ ମଣ୍ଡିରେ ଉପସ୍ଥିତ ଥିଲା । ତେବ ଏହି ଦୁଇ ବ୍ୟକ୍ତିଙ୍କୁ ଯେତେବେଳେ ଯୋଗାଣ ଅଧିକାରୀ ଏବଂ ଟିମ ଚଢଉ କରି ପଚରାଉଚରା କରିଥିଲା , ଏମାନେ ଏହି ଧାନ କେଉଁଠୁ ଆସିଲା କିଛି କହିପାରିନଥିଲେ । ତେବେ ଏମାନଙ୍କ ପଛରେ ଦଲାଲଙ୍କ ହାତ ଥିବା ଯୋଗାଣ ବିଭାଗ ଜାଣିପାରିଥିଲା । ଯୋଗାଣ ବିଭାଗ ଏହି ଧାନକ ଜବତ କରିଥିଲା !

# ଦଳୀୟ ଗୋଷ୍ଠୀ କନ୍ଦଳ ପାଇଁ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଶେଷ ହେଉନି

ସାଲେପୁର,୧୯/୧ (ନି.ପ୍ର): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଘୋଷଣା ହେବା ପରେ ନିର୍ବାଚନ କମିଶନଙ୍କ ପକ୍ଷରୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି । ହେଲେ ମାହାଙ୍ଗା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ ର ୨୭ଗୋଟି ପଂଚାୟତରେ ଓ କଟକ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୪ଟି ପଂଚାୟତରେ ବିଜେଡି ଦଳରେ ଗୋଷ୍ଠୀ କନ୍ଦଳ, ବିଜେପି ଦଳରେ ଉପଯୁକ୍ତ ପ୍ରାର୍ଥୀ ନମିଳିବା ଓ କଂଗ୍ରେସ ଦଳରେ ପ୍ରାର୍ଥୀ ବିକ୍ରି ହୋଇଯିବା ଘଟଣାକୁ କେନ୍ଦ୍ର କରି ଦଳୀୟ ସମର୍ଥିତ ସରପଂଚ, ସମିତିସଭ୍ୟ ଓ ଜିଲ୍ଲା ପରିଷଦ ଦଳୀୟ ପ୍ରାର୍ଥୀ ଘୋଷଣା କରାଯାଇପାରୁନାହିଁ । ବିଜେଡି ପକ୍ଷରୁ ମାହାଙ୍ଗା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୨୭ଟି ପଂଚାୟତରେ ଥିବା ୨୪,୨୬ ଓ ୨୭- ମୋଟ ୩ଟି ଜୋନ୍ରେ ଜିଲ୍ଲା ପରିଷଦ ସଭ୍ୟ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିବା ବେଳେ କଟକ ସଦର ନିର୍ବାଚନମଣ୍ଡଳୀର ୧୪ଟି ପଂଚାୟତରେ ଥିବା ୨୫ ଓ ୨୮- ୨ଟି ଜୋନ୍ ରୁ କେବଳ ଗୋଟିଏ ଜୋନ୍ ଘୋଷଣା କରାଯାଇଛି । ଏହି ବ୍ଲକ ର ମୋଟ୍ ୫ଟି ଜୋନ୍ ମଧ୍ୟରୁ ବିଜେଡି ଦଳ ପକ୍ଷରୁ ୨୪ନଂ ଜୋନରେ ବିପ୍ଲବ କାପ, ୨୫ନଂ ଜୋନରେ ଇଂ. ବିଳାସ କୁମାର ଭୋଇ, ୨୬ ନଂ ଜୋନରେ ଜସ୍ମିତା ସେଠୀ ଓ ୨୭ନଂ ଜୋନରେ ଭୂପତି ଭୂଷଣ ଷଣ୍ଢଙ୍କ ନାମ ଘୋଷଣା କରାଯାଇଥିବା ବେଳେ ୨୮ନଂ ଜୋନ୍ ପାଇଁ ନାମ ଘୋଷଣା କରାଯାଇନଥିବା ଜଣାଯାଇଛି । ସେହିପରି ବିଜେପି ପକ୍ଷରୁ ଜିଲ୍ଲା ପରିଷଦ ଜୋନ୍ ପାଇଁ ଉପଯୁକ୍ତ ପ୍ରାର୍ଥୀ ମିଳୁନଥିବାରୁ ଅଦ୍ୟାବଧି କାହାରି ନାମ ଘୋଷଣା କରାଯାଇନାହିଁ । ଜାତୀୟ ଦଳ କଂଗ୍ରେସ ପକ୍ଷରୁ ମାହାଙ୍ଗା କଂଗ୍ରେସ ନେତା ୩ଟି ଜୋନ୍ ପାଇଁ ପ୍ରାର୍ଥୀ ଚୟନ କରିଥିଲେ ମଧ୍ୟ ନାମାଙ୍କନ ପତ୍ର ର ଶେଷ ଦିନରେ ସେମାନଙ୍କର ନାମ ଘୋଷଣା କରିବେ ବୋଲି ପ୍ରକାଶ କରିଛନ୍ତି । କାରଣ କଂଗ୍ରେସର ପ୍ରାର୍ଥୀ ଆଗୁଆ ଘୋଷଣା ହେବା ପରେ ସେମାନଙ୍କୁ ବିରୋଧି ଦଳର ନେତାମାନେ କ୍ଷମତା ଓ ଅର୍ଥ ବଳରେ ବାଟବଣା କରିଦେଇଥିବାରୁ ନେତା ଏଭଳି ନିଷ୍ପତି ନେଇଛନ୍ତି । ଜିଲ୍ଲା ପରିଷଦ ଛଡା ଏହି ବ୍ଲକର ସରପଂଚ ଓ ସମିତିସଭ୍ୟ ପଦ ଦଳୀୟ ସମର୍ଥନରେ ପ୍ରାର୍ଥୀ ଚୟନ କାର୍ଯ୍ୟ ମଧ୍ୟ ଶେଷ ହୋଇନି । ମାହାଙ୍ଗା ଅଂଶର ୨୭ଟି ପଂଚାୟତ ମଧ୍ୟରୁ ୨୧ଟି ପଂଚାୟତରେ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିବା ବେଳେ ସରପଡା, ନଗସପୁର, ଶୁକରପଡା, କଟିକଟା ଓ ଅସୁରେଶ୍ୱର ପଂଚାୟତର ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇନଥିବା ଜଣାଯାଇଛି । ସେହିପରି କଟକଦର ଅଂଶ ର ୧୪ଟି ପଂଚାୟତ ମଧ୍ୟରୁ ୯ଟି ପଂଚାୟତରେ ପ୍ରାର୍ଥୀପତ୍ର ଘୋଷଣା କରାଯାଇଥିବା ବେଳେ ୫ଟି ପଂଚାୟତରେ ଘୋଷଣା କରାଯାଇନାହିଁ । ଅନୁରୂପ ଭାବେ ବିଜେପି ଦଳ ପକ୍ଷରୁ ପଂଚାୟତ ସ୍ତରରେ ମଧ୍ୟ ମାତ୍ର ୧୦ଟି ପଂଚାୟତରେ ପ୍ରାର୍ଥୀ ଘୋଷଣା କରାଯାଇଥିବା ବେଳେ ଅନ୍ୟ ଗୁଡିକ ବାକି ରହିଛି । କଂଗ୍ରେସ ପକ୍ଷରୁ ଗୋଟିଏ ହେଲେ ପଂଚାୟତରେ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇନାହିଁ ।

# ସାହିତ୍ୟିକ ମନ୍ଦରଧର ମହାପାତ୍ରଙ୍କ ସ୍ମୃତି ଚାରଣ ସଭା



ବାସୁଦେବପୁର, ୧୯/୧ (ନି.ପ୍ର): ବ୍ରାହ୍ମଣ ଗାଁ ନିକଟସ୍ଥ ଗୋପୀବିନ୍ଧା ଗ୍ରାମରେ ବିଶିଷ୍ଟ ସାହିତ୍ୟିକ, ସାମ୍ବାଦିକ, ସମାଜସେବୀ ମନ୍ଦର ଧର ମହାପାତ୍ରଙ୍କ ଏକାଦଶାହ ଅବସରରେ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ଶିକ୍ଷାବିତ ଦୁଃଶାସନ ରାଉତ, ସହିଦ ତୀର୍ଥଯାତ୍ରୀର ପ୍ରତିଷ୍ଠାତା ତ୍ରୈଲୋଚନ ଜେନା, ଶିଳ୍ପପତି ମହେଶ ଦାସ, ଅବସରର ସମ୍ପାଦକ ବନମାଳୀ ବାରିକ, ବରିଷ୍ଠ ସାମ୍ବାଦିକ କିଶୋର କୁମାର ମହାପାତ୍ର, କବି ପ୍ରହ୍ଲାଦ ବାରିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମନ୍ଦର ଧର ମହାପାତ୍ର ଙ୍କ ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବାଇ ଚଢେଇ ର ସମ୍ପାଦକ କବି ବିକାଶ ଶତପଥୀ,ପଣ୍ଡିତ ଦୟାନିଧି ଦାଶ, କୈଳାସ ସାହୁ, ମୁକ୍ତିକାନ୍ତ ପାଢ଼ୀ, ଆଡଭୋକେଟ ସ୍ମୃତି ରଂଜନ ପଳିତା,ସୁବାସିନୀ ମହାପାତ୍ର, କବି ବସନ୍ତ ଦାସ, କବି ରତ୍ନାକର ପଣ୍ଡା, ରଘୁନାଥ ନାୟକ, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଅଶୋକ ଦାସ, ସାମ୍ବାଦିକ ନାରାୟଣ ପ୍ରସାଦ ବାରିକ , ଅପୂର୍ବ ମହାପାତ୍ର, ଅର୍ଣ୍ଣବ ମହାପାତ୍ର ପ୍ରମୁଖ ସ୍ମୃତି ଚାରଣ କରିଥିଲେ । ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚନ ହୋଇଥିଲା । ଏହି ସଭାରେ ବହୁ ସଂଖ୍ୟାରେ କବି ସାହିତ୍ୟିକ, ସମାଜସେବୀ, ଜନସାଧାରଣ ଯୋଗଦେଇଥିଲେ ।

# ବିଶୁଦ୍ଧ ଓ ଥଣ୍ଡା ପାନୀୟ ଜଳ ଯନ୍ତ୍ରର ଲୋକାର୍ପଣ

ଘସିପୁରା,୧୯/୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ଟ୍ରକ୍ ମାଲିକ ସଂଘ ପକ୍ଷରୁ ଆନନ୍ଦପୁର ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ଏକ ବିଶୁଦ୍ଧ ଓ ଥଣ୍ଡା ପାନୀୟ ଜଳ ଯନ୍ତ୍ରର ଲୋକାର୍ପଣ ହୋଇଯାଇଛି । ଏହି ଜଳ ଯନ୍ତ୍ରକୁ କେନ୍ଦୁଝର ଟ୍ରକ୍ ମାଲିକ ସଂଘର ସଭାପତି ରମାକାନ୍ତ ନାଏକ, ସମ୍ପାଦକ ସୂର୍ଯ୍ୟନାରାୟଣ କର, ଭଗବାନ ସାହୁ, କ୍ଷୀରୋଦ ସାହୁ, କୁଳମଣି ସାହୁ, ପ୍ରତାପ ସାହୁ ଉପସ୍ଥିତ ରହି ଫିତାକାଟି ଉଦଘାଟନ କରିଥିଲେ । ଓକିଲ ସଂଘର ସଭାପତି ଦୟାନିଧି ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପସଭାପତି ସଚ୍ଚିଦାନନ୍ଦ ପଟ୍ଟନାୟକ, କୋଷାଧ୍ୟକ୍ଷ ସୁବାଷ ତ୍ରିପାଠୀ, ସଦସ୍ୟ କହ୍ନେଇ ଚରଣ ସାହୁ, ଜୁମର ସିଂହ ମହାନ୍ତି, ତ୍ରିଲୋଚନ ତ୍ରୀପାଠୀ, ବରିଷ୍ଠ ଆଇନଜୀବୀ ଲକ୍ଷ୍ମୀଧର ମିଶ୍ର, ବରିଷ୍ଠ ଆଇନଜୀବୀ ମହେନ୍ଦ୍ର ମହାପାତ୍ର, ବାଇଧର ସେଠୀ, ଭାଗୀରଥି ଦାଶ, ଆଲୋକ ରାଉତ, ଅଶୋକ ରାଉଳ, ଦୁର୍ଗେଶ ମିଶ୍ର, ରମେଶ ବାରିକ, ଜୟନ୍ତ ରାଜ, ରବୀନ୍ଦ୍ର ସ୍ୱାଇଁ, ମହେନ୍ଦ୍ର ରାମ, ଚର୍ତୁଭୁଜ ଯେନା, ସସ୍ମିତା ସ୍ନେହଦର୍ଶୀନୀଙ୍କ ସହିତ ବହୁ ସଂଖ୍ୟାରେ ଓକିଲ ସଂଘର ସଦସ୍ୟ ଉପସ୍ଥିତ ଥିଲେ । କୋର୍ଟ କାର୍ଯ୍ୟରେ ଏବଂ ବଜାର ବ୍ୟାଙ୍କ, ଆହାର କେନ୍ଦ୍ରକୁ ଦୂରଦୂରାନ୍ତରୁ ଆସୁଥିବା ଜନସାଧାରଣ ଏହାଦ୍ୱାରା ଉପକୃତ ହୋଇପାରିବେ ବୋଲି ଆଶା କରାଯାଉଛି ।

# କିନ୍ନରଙ୍କ ଆଇନ ଅଧିକାର ଏବଂ ସମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ସଚେତନତା ଶିବିର

ଜୟପୁର,୧୯/୧ (ନି.ପ୍ର): ଜିଲ୍ଲା ଆଇନସେବା ପ୍ରାଧିକରଣ କୋରାପୁଟ ଜୟପୁର ଆନୁକୂଲ୍ୟରେ କିନ୍ନରଙ୍କ ଆଇନ ଅଧିକାର ଏବଂ ସାମ୍ବିଧାଇକ ଅଧିକାର ଓ କତ୍ରତବ୍ୟ ଉପରେ ଆଇନ ସଚେତନତା ଶିବିର ଅନଲାଇନ ଗୁଗୁଲ ମିଟ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା । ଏଥିରେ କିନ୍ନରଙ୍କ ପାଇଁ ସୁବିଧା ଥିବା ଆଇନ ଓ ସରକାରଙ୍କ ବିଭିନ୍ନ ଯୋଜନା ରହିଛି । ନିଜକୁ ଉଦ୍ୟୋଗ ପ୍ରତିଷ୍ଠା କରିବା ପାଇଁ ବିଭିନ୍ନ ପ୍ରକାର ତାଲିମ ଦିଆଯାଇଥାଏ । ତା ମଧ୍ୟରେ ରହିଛି ସିଲେଇ ତାଲିମ ଅଗରବତୀ ତାଲିମ, ସାଇକଲ ମରାମତି ତାଲିମ, ମୋବାଇଲ ମରାମତି ତାଲିମ ଇତ୍ୟାଦି ଦିଆଯାଇଥାଏ । ଗୋଟିଏ ଗୋଟିଏ ଗୃପ ତିଆରି କରି ଛୋଟ ବଡ ବ୍ୟବସାୟ କରିବା ପାଇଁ ମଧ୍ୟ ସେମାନଙ୍କୁ ଲୋନ ମଧ୍ୟ ଦିଆଯାଇଥାଏ । ସେଥି ମଧ୍ୟରୁ ଶିକ୍ଷା ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ସୁବିଧା,ସ୍ମାର୍ଟ କାର୍ଡ ଏବଂ ତାଙ୍କ ପାଇଁ ମାସିକ ଭତ୍ତା, ପ୍ରଥମରୁ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ଷ୍ଟାଇପେଣ୍ଡ ସୁବିଧା ସବୁ ସରକାର ସୁବିଧା ରହିଛି ବୋଲି ଉପଖଣ୍ଡ ଶସକ୍ତି କରଣ ସାମାଜିକ ସୁରକ୍ଷା ଅଧିକାରୀ ସୌଦାମିନୀ ପ୍ରଧାନ କହିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ସୌମେନ୍ଦ୍ର କୁମାର ରାଜଗୁରୁ ଯୋଗଦେଇ କିନ୍ନରଙ୍କ ଆଇନ ଅଧିକାର ଏବଂ ସାମ୍ବିଧାନିକ ଅଧିକାର ଓ କତ୍ରତବ୍ୟ ବିଷୟରେ ଯୋଗ ଦେଇଥିବା ପ୍ୟାନେଲ ଆଇନଜୀବି, ପାରା ଲିଗାଲ ସ୍ୱେଚ୍ଛାସେବୀ, ଆଇନ ସାକ୍ଷରତା ବ୍ଲକର ଛାତ୍ର ଛାତ୍ରୀ ଏବଂ ଆଇନ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ସୁଚାଇ ଦେଇଥିଲେ । ଏହି ଶିବିରକୁ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଶୁଭଗେତମ ମିଶ୍ର ପରିଚାଳନା କରିଥିଲେ । ଏହି ଶିବିରରେ ଉପସ୍ଥିତ ଥିଲେ ପବ୍ଲିକ ୟୁଟିଲିଟି ଅଧ୍ୟକ୍ଷ ସରୋଜ କୁମାର ସାହୁ, ପକ୍ସୋ କୋର୍ଟର ବିଚାରପତି ପ୍ରଦୀପ ସାସମଲ, ଭିଜିଲାନସ ଜଜ ରାଜେଶ ଏକ୍କା, ପାରିବାରିକ ବିଚାରପତି ପବିତ୍ର ମୋହନ ସାମଲ,ମୁଖ୍ୟ ଦଣ୍ଡାଦେଶ ଅଧିକାରୀ ଦୀଲୀପ କୁମାର ସାହୁ, ରେଜିଷ୍ଟ୍ରାର ସିଭିଲ କୋର୍ଟ ଶରତ କୁମାର ଜେନା, ଏପିପି ଗାୟତ୍ରୀ ଦେବୀ ଉପସ୍ଥିତ ରହି କିନ୍ନରଙ୍କ ଆଇନ ଅଧିକାର ଏବଂ ସାମ୍ବିଧାନିକ ଅଧିକାର ଓ କତ୍ରତବ୍ୟ ସଚେତନତା ଶିବିର ଉପରେ ଆଲୋକପାତ କରିଥିଲେ ।

# ମାହାଙ୍ଗା ଅଂଚଳରେ ମୁଗ ଓ ବିରି ବିହନର ଘୋର ଅଭାବ : ଚିନ୍ତାରେ ଚାଷୀ

ସାଲେପୁର,୧୯/୧ (ନି.ପ୍ର): କଟକ ଜିଲ୍ଲା ମାହାଙ୍ଗା ବ୍ଲକର ୩୭ଟି ପଂଚାୟତରେ ଚାଷୀମାନେ ଏବେ ମୁଗ ଓ ବିରି ବୁଣିବା ପାଇଁ ବିହନର ଅଭାବ ଯୋଗୁ ଚିନ୍ତାରେ ପଡିଛନ୍ତି । ଗତବର୍ଷ ମୁଗ ଓ ବିରି ଚାଷରୁ ଚାଷୀମାନେ ବିହନ ବି ପାଇ ନଥିଲେ । ବଜାରରେ ମୁଗ ଓ ବିରି ବିହନ ଉପଲବ୍ଧ ହେଉନାହି । ଚାଷୀମାନେ ଧାନ ଉଠାଇବା ପରେ ବିଲ ଚାଷ କଲେଣି । ବିହନ ପାଇଁ ଚାଷୀମାନେ ବାର ଦୁଆର ସୁଙ୍ଘିପିଣ୍ଡା ହେଉଥିଲା ବେଳେ ଏପର୍ଯ୍ୟନ୍ତ ବ୍ଲକ କୃଷି କାର୍ଯ୍ୟାଳୟ ଚାଷୀମାନଙ୍କ ପାଇଁ ଆବଶ୍ୟକୀୟ ମୁଗ ଓ ବିରି ବିହନ ଯୋଗାଇବାରେ ଫେଲ ହୋଇଛି । ସାଧାରଣରେ ଅଭିଯୋଗ ହେଉଛି ଯେ, ବ୍ଲକ କୃଷି କାର୍ଯ୍ୟାଳୟ କାହା ସ୍ୱାର୍ଥରେ କାର୍ଯ୍ୟ କରୁଛି । ଚାଷୀଙ୍କ ଆବଶ୍ୟକ ସମୟରେ ନା ଯୋଗାଇ ଦିଆଯାଉଛି ବିହନ ନା ମିଳୁଛି ପରାମର୍ଶ । କୃଷି କାର୍ଯ୍ୟାଳୟରେ କର୍ମଚାରୀଙ୍କ ମରୁଡ଼ି । ନାହାନ୍ତି ଗ୍ରାମ୍ୟକୃଷି କର୍ମଚାରୀ ଯାହା ଫଳରେ ଚାଷୀମାନଙ୍କୁ ମିଳୁନି ପରାମର୍ଶ । ମାହାଙ୍ଗା ବ୍ଲକରେ ଆତ୍ମା ଏବେ କାଗଜକଲମରେ ଚାଲିଛି । ଚାଷୀ ଜାଣନ୍ତି ନାହିଁ ସରକାର ତାଙ୍କ ପାଇଁ କି କି ଯୋଜନା ପ୍ରସ୍ତୁତ କରୁଛନ୍ତି । ଏଣୁ ମୁଗ ଓ ବିରି ଚାଷ ପାଇଁ ତୁରନ୍ତ ରାଜ୍ୟ ସରକାର ମାହାଙ୍ଗା ଅଂଚଳର ଚାଷୀମାନଙ୍କ ନିମନ୍ତେ ଉନ୍ନତମାନର ବିହନ ସୁଲଭ ମୂଲ୍ୟରେ ଯୋଗାଇଦେବାକୁ ମାହାଙ୍ଗା ଅଂଚଳର ବୁଦ୍ଧିଜୀବି ମହଲରେ ଦାବି ହେଉଛି ।

# ଦୁର୍ଘଟଣାରେ ଲୁନା ଆରୋହୀ ଗୁରୁତର

ପାଣିକୋଇଲି ,୧୯/୧ (ନି.ପ୍ର): ପାଣିକୋଇଲି ଥାନା ଅର୍ନ୍ତଗତ ୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଶର୍ମା ପେଟ୍ରୋଲ ପମ୍ପ ନିକଟରେ ଆଜି ମଧ୍ୟାହ୍ନରେ ଜଣେ ପରିବା ବିକାଳୀ ଲୁନା ଆରୋହୀ ଦୁର୍ଘଟଣାର ଶିକାର ହୋଇ ଗୁରୁତର ଆହତ ହୋଇଛି । ଜାତୀୟ ରାଜପଥ ପୋଟ୍ରୋଲିଙ୍ଗ ଟିମ ଆହତକୁ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । ପ୍ରକାଶ ଯେ କୁଆଖିଆ ଥାନା ଅନ୍ତର୍ଗତ ଗୋପାଳପୁର ପ୍ରଥମାଖଣ୍ଡି ଗ୍ରାମର ବେଣୁଧର ମଲ୍ଲିକଙ୍କ ପୁଅ ପ୍ରମୋଦ ଏକ ଲୁନା (ଓଡି ୩୪-୧୭୯୩ ) ଯୋଗେ ପରିବା ବ୍ୟବସାୟ କରନ୍ତି । ଆଜି ମଧ୍ୟାହ୍ନରେ ପାଣିକୋଇଲିରେ ପରିବା ବିକି ଲୁନା ଯୋଗେ ଘରକୁ ଫେରୁଥିବା ବେଳେ ଶର୍ମା ପେଟ୍ରୋଲ ପମ୍ପ ନିକଟରେ ଭାରସାମ୍ୟ ହରାଇ ପଡିଯିବାରୁ ଗୁରୁତର ଭାବେ ଆହତ ହୋଇଥିଲେ ।

# ବାସୁଦେବପୁର ବିଜେଡିର ପ୍ରାର୍ଥୀ ତାଲିକା ଘୋଷଣା



ବାସୁଦେବପୁର,୧୯/୧ (ନି.ପ୍ର): ବାସୁଦେବପୁର ବିଜୁ ଜନତା ଦଳ କାର୍ଯ୍ୟାଳୟ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ୨୯ ପଂଚାୟତ ର ସରପଞ୍ଚ ଓ ସମିତି ସଭ୍ୟ ଙ୍କ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି । ଆଉ ୭ ପଂଚାୟତ ର ପ୍ରାର୍ଥୀ ଙ୍କ ନାମ ପରେ ଘୋଷଣା କରାଯିବ ବୋଲି ସୂଚନା ମିଳିଛି । ବ୍ଲକ ସଭାପତି ଦୀନବନ୍ଧୁ ଦାସ ଏହି ସଭାରେ ସଭାପତିତ୍ୱ କରିଥିଲେ । ବରିଷ୍ଠ ନେତା ତଥା ବରଣ୍ଡୁଆ ପଂଚାୟତ ର ପୂର୍ବତନ ସରପଂଚ ନଗେନ୍ଦ୍ର ବିଶ୍ୱାଳ ଏହି ସମ୍ମିଳନୀରେ ପ୍ରାର୍ଥୀ ତାଲିକା ଘୋଷଣା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ନେତା ପ୍ରଫୁଲ୍ଲ ବିଶ୍ୱାଳ, ପ୍ରଶାନ୍ତ ନାୟକ, ଜୟକୃଷ୍ଣ ନାୟକ, ଶ୍ୟାମ ସୁନ୍ଦର ମହାନ୍ତି, ମାନସ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ସହଯୋଗ କରିଥିଲେ ବିଜୁ ଛାତ୍ର ଜନତା ଦଳ ର କାଳନ୍ଦୀ ସାହୁ, ସୌଭାଗ୍ୟ ବିଶ୍ୱାଳ, ସମ୍ବିତ ମହାନ୍ତି, ଶଶୀ ଭୂଷଣ ବାରିକ ଓ ଅକ୍ଷୟ ମହାନ୍ତି ।

# ଦିଗପହଣ୍ଡିରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଗଞ୍ଜାମ,୧୯/୧ (ନି.ପ୍ର): ବାଚସ୍ପତି ଡା.ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅନୁମତି କ୍ରମେ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାମଚନ୍ଦ୍ର ଦେବ କଲ୍ୟାଣ ମଣ୍ଡପ ବଡଦାଣ୍ଡ ଠାରେ ବାଚସ୍ପତିଙ୍କ ଅତି ପ୍ରିୟ ରାମକୃଷ୍ଣ ପାଢୀ ବା ଚଗଲା ଭାଇଙ୍କ ନେତୃତ୍ୱରେ ଜୀବନ ବିନ୍ଦୁ ଓ ଓଡିଶା ମୋ ପରିବାର ମିଳିତ ଆନୁକୁଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ମହତ୍ କାର୍ଯ୍ୟରେ ମୁଖ୍ୟ ଅତିଥି ଭାବରେ ଜୀବନ ବିନ୍ଦୁର ରାଜ୍ୟ ସଂଯୋଜକ ଅରୁପ ପଟ୍ଟନାୟକ ଯୋଗଦେଇ ଏହି ରକ୍ତଦାନ ଶିବିରର ଶୁଭାରମ୍ଭ କରିଥିଲେ । ଓଡିଶା ମୋ ପରିବାର ରାଜ୍ୟ ସମ୍ପାଦକ ଶ୍ରୀ ରୁଦ୍ର ସାମନ୍ତରା । ଜୀବନ ବିନ୍ଦୁର ଜିଲ୍ଲା ସଂଯୋଜକ ସୁବାଷ ମହାରଣା, ପୂର୍ବତନ ନଗରପାଳ ଭି.ରବିନାରାୟଣ ରାଜୁ. ବରିଷ୍ଠ ଆଇନଜୀବି ଶ୍ରୀ ହରପ୍ରସାଦ ରଥ । ବରିଷ୍ଠ ବିଜେଡି ନେତା ଜଗନ୍ନାଥ ସାବତ, ରାଜ୍ୟ ଯୁବ ବି.ଜେ.ଡି ସାଧାରଣ ସମ୍ପାଦକ ଲକ୍ଷ୍ମଣ ଚୌଧୁରୀ, ନିରୁପମା ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ଦିଗପହଣ୍ଡିର ବିକୁ ନାୟକ, ମୁନା ନାୟକ, ସନ୍ତୋଷ ଗୌଡ, ସୁଶାନ୍ତ ବିଷୋଇ, ପିଙ୍କୁ ଘଡେଇ, ରଞ୍ଜନନ ପଣ୍ଡା, ସାଗର ସେଠୀ, ରବି ସେଠୀଙ୍କ ସହିତ ଶତାଧିକ ଯୁବ ଛାତ୍ର ସହଯୋଗ କରିଥିଲେ ।

# ସମସେରପଦର ଗ୍ରାମରେ ମନରେଗା ଦୁର୍ନୀତି : ଜିଲ୍ଲାପାଳ ଓ ବିଡିଓଙ୍କୁ ଲିଖିତ ଅଭିଯୋଗ

ନୂଆପଡ଼ା,୧୯/୧ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଢୁଆଝର ପଂଚାୟତର ସମସେରପଦର ଗ୍ରାମରେ ମନରେଗା ଯୋଜନାରେ ବ୍ୟାପକ ଅର୍ଥ ଆତ୍ମସାତ କରିଥିବା ଅଭିଯୋଗ ହୋଇଛି । ଏନେଇ ସମସେରପଦର ଗ୍ରାମର ୱାର୍ଡସଭ୍ୟ ଧନୁର୍ଦ୍ଧର ମାଝୀଙ୍କ ସହ ଗ୍ରାମବାସୀ ଖଡିଆଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ନୂଆପଡା ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରି ଏହାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରିଛନ୍ତି । ସମସେରପଦର ଗ୍ରାମରେ ମନରେଗା ଯୋଜନାରେ ଆରଡି ରୋଡ ଠାରୁ ଡୂକରୀବୁଢି ରାସ୍ତା ଏବଂ ଗଙ୍ଗାଦୀ ଗୁଡ଼ି ଠାରୁ ଡୂକରୀବୁଢ଼ୀ ରାସ୍ତାର ମାଟି କାମ ହୋଇଥିଲା । କିନ୍ତୁ ଏହି ରାସ୍ତାକାର୍ଯ୍ୟରେ ଯେଉଁମାନେ ଆନ୍ଧ୍ରପ୍ରଦେଶ ରାଜ୍ୟକୁ ଦାଦନ ଖଟିଯାଇଛନ୍ତି ସେମାନଙ୍କ ନାମରେ କାର୍ଯ୍ୟ କରିଥିବା ଦର୍ଶାଇ ଅର୍ଥ ଆତ୍ମସାତ କରିଥିବା ଅଭିଯୋଗ ହୋଇଛି ।

# ମାଲକାନଗିରି ପୌର ପରିଷଦ ଅଣସଂରକ୍ଷିତ ଅଧ୍ୟକ୍ଷ ପଦବୀ ଲାଗି କଡା ଟକ୍କର ହେବ

ମାଲକାନଗିରି ,୧୯/୧ (ନି.ପ୍ର): ପୌର ପରିଷଦ ଏବଂ ବିଜ୍ଞାପିତ ଅଂଚଳର ଅଧ୍ୟକ୍ଷ ପଦବୀ ପାଇଁ ରାଜ୍ୟ ସରକାର ସଂରକ୍ଷଣ ତାଲିକା ପ୍ରକାଶ କରିଛନ୍ତି । ତେବେ ମାଲକାନଗିରି ଜିଲ୍ଲାରେ ରହିଥିବା ଗୋଟିଏ ପୌର ପରିଷଦ ଏବଂ ଗୋଟିଏ ବିଜ୍ଞାପିତ ଅଂଚଳର ଅଧ୍ୟକ୍ଷ ପଦବୀ ଅଣସଂରକ୍ଷିତ ରହିଥିବା ଜଣାପଡିଛି । ଏଥର ସିଧାସଳଖ ଅଧ୍ୟକ୍ଷ ନିର୍ବାଚିତ ହେବାକୁ ଥିବା ବେଳେ ମାଲକାନଗିରି ଏବଂ ବାଲିମେଳାରେ କଡା ଟକ୍କର ହେବ ବୋଲି ଅନୁମାନ କରାଯାଉଛି । ବିଶେଷକରି ମାଲକାନଗିରି ପୌର ପରିଷଦରେ ତିନି ପ୍ରମୁଖ ଦଳର ନେତାଙ୍କ ସମେତ ସ୍ୱାଧୀନ ପ୍ରାର୍ଥୀଙ୍କର ମଧ୍ୟ ଭିଡ ଜମିବ ବୋଲି ଆଲୋଚନା ଜୋର ଧରିଛି । ବହୁ ସମାଜସେବି ନିଜକୁ ଏବେ ଠାରୁ ଏହି ପଦବୀ ପାଇବା ପାଇଁ ଜୋରଦାର ଉଦ୍ୟମ ଆରମ୍ଭ କରିଛନ୍ତି । ମାଲକାନଗିରି ପୌର ପରିଷଦରେ ୧୯ଟି ୱାର୍ଡ ରହିଥିବା ବେଳେ ୨୦୨୨ରେ ହେବାକୁ ଥିବା ପୌର ନିର୍ବାଚନ ପାଇଁ ୱାର୍ଡ ଗୁଡିକର ମଧ୍ୟ ସଂରକ୍ଷିତ ତାଲିକା ପ୍ରକାଶ ପାଇଛି । ମାଲକାନଗିରି ପୌର ପରିଷଦର ୨ ନମ୍ବର ୱାର୍ଡ ଅଣସଂରକ୍ଷିତ ରହିଥିବା ବେଳେ ୨ ନମ୍ବର ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି । ସେହିପରି ୩ ନମ୍ବର ୱାର୍ଡ ଅନୁସୂଚିତ ଜାତି , ୪ ନମ୍ବର ୱାର୍ଡ ଅନୁସୂଚିତ ଜାତି ମହିଳା , ୫ ନମ୍ବର ୱାର୍ଡ ଅନୁସୂଚିତ ଜନଜାତି , ୬ ନମ୍ବର ଅଣସଂରକ୍ଷିତ ୨୪ , ୦୩୯ ଭୋଟର ମହିଳା , ୭ ନମ୍ବର ଅନୁସୂଚିତ ଜାତି ୮ ନମ୍ବର ଅଣସଂରକ୍ଷିତ ମହିଳା , ୯ ନମ୍ବର ୱାର୍ଡ ଅନୁସୂଚିତ ଜାତି ମହିଳା , ୧୦ ନମ୍ବର ୱାର୍ଡ ଅଣସଂରକ୍ଷିତ ମହିଳା , ୧୧ ନମ୍ବର ୱାର୍ଡ ଅଣସଂରକ୍ଷିତ ମହିଳା , ୧୨ ନମ୍ବର ୱାର୍ଡ ଅଣସଂରକ୍ଷିତ , ୧୩ ନମ୍ବର ୱାର୍ଡ ଅଣସଂରକ୍ଷିତ , ୧୪ ନମ୍ବର ୱାର୍ଡ ଅଣସଂରକ୍ଷିତ ମହିଳା ୧୫ ନମ୍ବର ୱାର୍ଡ ଅଣସଂରକ୍ଷିତ ୧୬ ନମ୍ବର ୱାର୍ଡ ଅଣସଂରକ୍ଷିତ ମହିଳା , ୧୭ ନମ୍ବର ୱାର୍ଡ ଅନୁସୂଚିତ ଜନଜାତି , ୧୮ ନମ୍ବର ୱାର୍ଡ ଅନୁସୂଚିତ ଜନଜାତି ଏବଂ ୧୯ ନମ୍ବର ୱାର୍ଡ ଅଣସଂରକ୍ଷିତ ପାଇଁ ସଂରକ୍ଷିତ ରହିଥିବା ଜଣାପଡିଛି । ନିର୍ବାଚନ ଯେତେ ପାଖେଇ ଆସିବ ପୌର ପରିଷଦର ଅଧ୍ୟକ୍ଷ ପଦବୀ ପାଇଁ ତିନି ପ୍ରମୁଖ ଦଳରେ ଆଶାୟୀଙ୍କ ସଂଖ୍ୟା ମଧ୍ୟ ବଢିବ ବୋଲି କୁହାଯାଇଛି । ଫେବୃଆରୀ ମାସରେ ପଂଚାୟତ ନିର୍ବାଚନ ରହିଥିବା ଯୋଗୁଁ ତିନି ପ୍ରମୁଖ ଦଳ ସହ ଅନ୍ୟ ଦଳମାନେ ଏହାକୁ ଫୋକସ କରୁଥିବା ଦେଖିବାକୁ ମିଳିଛି । ମାଲକାନଗିରି ଜିଲ୍ଲାରେ ପୌର ନିର୍ବାଚନ ପାଇଁ ୨୦ଟି ବୁଥ ରହିଛି । ବୁଥ ନମ୍ବରଗୁଡିକ ୫୨ରୁ ଆରମ୍ଭ ହୋଇ ୭୨ ପର୍ଯ୍ୟନ୍ତ ରହିଛି । ୭୦ ନମ୍ବର ବୁଥରେ ସର୍ବାଧିକ ୧୫୩୬ ଜଣ ଭୋଟର ରହିଥିବା ବେଳେ ୬୧ ନମ୍ବର ବୁଥରେ ସବୁଠାରୁ କମ ୮୫୩ ଜଣ ଭୋଟର ରହିଛନ୍ତି । ତେବେ ମାଲକାନଗିରି ପୌର ପରିଷଦର ୨୦ଟି ବୁଥରେ ମୋଟ ୨୪ ହଜାର ୩୯ ଜଣ ଭୋଟର ରହିଥିବା ବେଳେ ସେଥିମଧ୍ୟରୁ ପୁରୁଷ ଭୋଟର ସଂଖ୍ୟା ୧୧ ହଜାର ୬୫୧ ହୋଇଥିବା ବେଳେ ମହିଳା ଭୋଟର ୧୨ ହଜାର ୨୮୬ ଜଣ ଏବଂ ତୃତୀୟ ଜେଣ୍ଡର ଭୋଟର ମାତ୍ର ୨ ଜଣ । ୧୯ଟି ୱାର୍ଡ ମଧ୍ୟରୁ ୯ ଟି ୱାର୍ଡ ଅଣସଂରକ୍ଷିତଙ୍କ ପାଇଁ ରହିଥିବା ବେଳେ ୪ଟି ୱାର୍ଡ ଅନୁସୂଚିତ ଜନଜାତି ଏବଂ ୬ଟି ୱାର୍ଡ ଅନୁସୂଚିତ ଜାତିଙ୍କ ପାଇଁ ରହିଛି । ଅଣସଂରକ୍ଷିତ ୱାଡ କାଉନସେଲର ପାଇଁ ମଧ୍ୟ ଆଶାୟୀ ବଢିବାର ସମ୍ଭାବନା ରହିଛି । ଯାହାକୁ ନେଇ ଦଳମାନଙ୍କର ମୁଣ୍ଡ ବ୍ୟଥା ହେବ ବୋଲି କୁହାଯାଇଛି । ଗୋଷ୍ଠୀ କନ୍ଦଳ ମଧ୍ୟ ବଢିବାର ସମ୍ଭାବନା ରହିଛି ।

# ପଦ୍ମବନ ପୀଠରେ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୁଷ୍ୟାଭିଷେକ ଉତ୍ସବ

ସାଲେପୁର,୧୯/୧ (ନି.ପ୍ର): ପବିତ୍ର ପୁଷପୂର୍ଣ୍ଣିମା ଅବସରରେ ନେମାଳ ପଦ୍ମବନ ପୀଠରେ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୁଷ୍ୟାଭିଷେକ ଉତ୍ସବ କୋଭିଡ୍ କଟକଣା ଅନୁସାରେ ପାଳିତ ହୋଇଛି । ପୀଠରେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରୀ ହେବା ପରେ ପୀଠରେ ସାଧାରଣ ଦର୍ଶନକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଥିଲା । ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ସମସ୍ତ ରୀତିନୀତି ପରି ପଦ୍ମବନ ପୀଠରେ ମହାପୁରୁଷଙ୍କର ଆଜି ପୁଷ୍ୟାଭିଷେକ ଅବସରରେ ସମସ୍ତ ରୀତିନୀତିରେ ଅନୁଷ୍ଠିତ ହୋଇଛି । ଏହି ଅବସରରେ ପଂଚସଖା ପୀଠମାନଙ୍କରୁ ଆଜ୍ଞାମାଳ ଅଣାଯାଇ ମହାପୁରୁଷଙ୍କ ସେବାପୂଜାରେ ଅର୍ପଣ କରାଯାଇଥିଲା । ପ୍ରଭାତରୁ ମହାପୁରୁଷ ଅଚ୍ୟୁତାନନ୍ଦଙ୍କର ବେଢା ସୋଧନ ପରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପ୍ରଭୁଙ୍କର ସ୍ନାନ ପୂଜା ସମାପନ ପରେ ମଙ୍ଗଳଆଳତୀ, ନିତ୍ୟାନୀ ଭୋଗ, ଫୁଲ, ଚନ୍ଦନ ଲାଗି କରାଯାଇ ରୂପାର ମୁକୁଟ ଲାଗି କରାଯାଇଥିଲା । ବେଢା ଚର୍ତୁପାଶ୍ୱର୍କୁ ବିଭିନ୍ନ ଫୁଲରେ ସାଜସଜ୍ଜା କରାଯିବା ସହିତ ମହାପୁରୁଷଙ୍କ ପୀଠକୁ ଫୁଲର ଏକ ସୁସଜ୍ଜିତ ମନ୍ଦିର ନିର୍ମାଣ କରାଯାଇଥିଲା । ମଧାହ୍ନରେ ସେବାୟତମାନଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ପଗଡିଯାତ୍ରା ଆୟୋଜନ କରାଯାଇଥିଲା । ଏହି ପଗଡିଯାତ୍ରାରେ ଏକବୃହତକାୟ ପଗଡିକୁ ପ୍ରଥମେ କୁଞ୍ଜବିହାରୀ ମଠର ଅଧିଶ୍ୱର ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା । ଏହାପରେ ସେବାୟତମାନେ ପଗଡିକୁ ଏକ ପାଲିଙ୍କିରେ ସୁସଜ୍ଜିତ କରି କାନ୍ଧରେ କାନ୍ଧେଇ ପାରମ୍ପରିକ ବାଦ୍ୟ, ଘଂଟ ଘଂଟା, ସଂକୀର୍ତନ ସହାକାରେ ପ୍ରଥମେ ଦଧିବାମନଜୀଉ ମନ୍ଦିର, ମା'ତାରିଣୀ ପୀଠ, ମଙ୍ଗଳା ମନ୍ଦିର ପରିକ୍ରମା କରାଇ ଶେଷରେ ମହାପୁରୁଷଙ୍କ ପୀଠ ଚର୍ତୁପାର୍ଶ୍ୱରେ ପରିକ୍ରମା କରାଯିବା ପରେ ଦେବାଦେବୀଙ୍କୁ ନୈବେଦ୍ୟ ଲାଗି କରାଯାଇଥିଲା । ପଗଡିଯାତ୍ରା ମହାପୁରୁଷଙ୍କ ନିକଟରେ ପହଂଚିବା ପରେ ମୁଖ୍ୟ ସେବାୟତମାନଙ୍କ ଦ୍ୱାରା ମହାପୁରୁଷଙ୍କୁ ଲାଗି କରାଯାଇଥିଲା । ଏଥିରେ ମହାପୁରୁଷଙ୍କ ଲାଗି ବିଭିନ୍ନ ପ୍ରକାର ପିଠାପଣା ବ୍ୟଞ୍ଜନାଦି ପ୍ରସ୍ତୁତି କରାଯାଇ ପ୍ରଭୁଙ୍କୁ ଲାଗି କରାଯାଇଥିଲା ।

ବିବିଧ ବିଶ୍ୱ

ଦେଶ ବିଦେଶର ଜଣାଅଜଣା

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ଗୁରୁବାର, ଜାନୁଆରୀ ୨୦, ୨୦୨୨

## ହରି ଓ ହରଙ୍କ ପୀଠ

# ହରିଶଙ୍କର

ପୁରାଣ ପ୍ରସିଦ୍ଧ ଗନ୍ଧମାର୍ଦନ ପର୍ବତର ପାଦଦେଶରେ ଅବସ୍ଥିତ ହରିଶଙ୍କର । ଘଞ୍ଚ ବନାନୀ, ମନଲୋଭା ପ୍ରାକୃତିକ ସୌନ୍ଦର୍ଯ୍ୟ, ଚିରସ୍ରୋତା ଝରଣା ସହିତ ଅନେକ କିଛି ଏଠାରେ ଦେଖିବାକୁ ମିଳିଥାଏ । ଏହା ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ମାନ୍ୟତା ପାଇଥିଲେ ସୁଦ୍ଧା ଆଧାତ୍ମିକ ଦୃଷ୍ଟିରୁ, ଏହି ପୀଠ ଅଧିକ ଗୁରୁତ୍ୱ ବହନ କରୁଛି । କ୍ଳାନ୍ତ ଜୀବନରୁ ଟିକେ ବିରାମ ପାଇଁ ଏଠାକୁ ବୁଲି ଆସିଥାନ୍ତି ବର୍ଷତମାମ ପର୍ଯ୍ୟଟକ । ଗନ୍ଧମାର୍ଦ୍ଦନ ପର୍ବତ ମଧ୍ୟରୁ ଛୋଟ ବଡ଼ ମିଶି ପ୍ରାୟ ୩୭ଟି ଝରଣା ବାହାରିଅଛି ଏବଂ ଏହାର ଭିନ୍ନଭିନ୍ନ ନାମ ରହିଅଛି ।





ସ୍ଥିତି ଓ ଐତିହାସିକ ପୃଷ୍ଠଭୂମି ପୁରାଣ ପ୍ରସିଦ୍ଧ ଗନ୍ଧମାର୍ଦନ ପର୍ବତର ପାଦଦେଶରେ ଅବସ୍ଥିତ ହରିଶଙ୍କର ମନ୍ଦିର ରାଜ୍ୟର ଅନ୍ୟତମ ପ୍ରମୁଖ ପ୍ରାଚୀନ ମନ୍ଦିର ଅଟେ । ଶୈବ ଓ ବୈଷ୍ଣବ ଧର୍ମର ପ୍ରତୀକ ଉଭୟ ହରି ଓ ଶଙ୍କର ଯୁଗ୍ମ ଭାବେ ଏଠାରେ କାହିଁ କେଉଁ କାଳରୁ ପୂଜା ପାଇ ଆସୁଛନ୍ତି । ଏଠାରେ ତୁଳସୀ ଏବଂ ବେଳପତ୍ର ଉଭୟ ପୂଜାରେ ବ୍ୟବହାର ହୋଇଥାଏ ।

ହରିଶଙ୍କର ମନ୍ଦିର ସମ୍ପର୍କରେ ଏକାଧିକ କିମ୍ବଦନ୍ତୀ ଓ ଆଖ୍ୟାୟିକା ଶୁଣିବାକୁ ମିଳେ । ଗୋଟିଏ ହେଲା ତ୍ରେତୟା ଯୁଗରେ ଲକ୍ଷ୍ମଣଙ୍କ ଶକ୍ତିଭେଦ ବେଳେ ବିଶଲ୍ୟକରଣି ଗଛକୁ ଚିହ୍ନି ନ ପାରି ହନୁମାନ ପର୍ବତ ସହ ଉପାଡ଼ି ଆଣିଥିଲେ । ବିଶଲ୍ୟକରଣୀ ଦ୍ୱାରା ଲକ୍ଷ୍ମଣଙ୍କର ପ୍ରାଣରକ୍ଷା ହୋଇଥିଲା । ଗନ୍ଧମାର୍ଦନ ପର୍ବତକୁ ହନୁମାନ ଯଥାସ୍ଥାନରେ ନେଇ ଥୋଇ ଆସିବା କଥା, କିନ୍ତୁ ଯିବା ଆସିବାରେ ଅଧିକ ସମୟ ଅତିବାହିତ ହେବ ଭାବି ଏହିଠାରେ ପକାଇଦେଇ ଚାଲିଯାଇଥିଲେ । ଐତିହାସିକ ତଥ୍ୟ ଅନୁସାରେ ହରିଶଙ୍କର ମନ୍ଦିର ନିର୍ମାଣ ୧୨୪୬-୧୩୧୧ ମଧ୍ୟରେ ହୋଇଥିଲା । ରାଜା ପ୍ରଥମ ବୈଜଳ ସିଂ ଦେଓଙ୍କ ତୃତୀୟ ପାଟରାଣୀ ଦୁର୍ଲ୍ଲଭ ଏହି ମନ୍ଦିର ନିର୍ମାଣ କରିଥିଲେ । ଏ ସମ୍ପକରେ ମଧ୍ୟ ଏକ କିମ୍ବଦନ୍ତୀ ରହିଛି । ସହଦେବ ଭୁଏ ଏବଂ ରୋଦନା ନାମ୍ନୀ ଆଦିବାସୀ କନ୍ଧ ଦମ୍ପତି ପଟକନ୍ଦା ଖୋଳୁଥିବା ବେଳେ ହରିଶଙ୍କରଙ୍କ ଯୁଗଳ ମୂର୍ତ୍ତିରେ ଗଇଁତି ବାଜିଥିଲା ଏବଂ ସେଠାରେ ରକ୍ତ ଧାରଧାର ହୋଇ ବହି ଯାଇଥିଲା । ଏହି ଖବର ପାଇବା ପରେ ରାଣୀ ଦୁର୍ଲଭ ଦେବୀ ଘଟଣା ସ୍ଥଳରେ ପହଞ୍ଚି ହରିଶଙ୍କର ଯୁଗଳ ମୂର୍ତ୍ତିକୁ ଆବିଷ୍କାର କରିଥିଲେ । ପରେ ସେଠାରେ ମନ୍ଦିର ନିର୍ମାଣ କରିଥିଲେ ।





### କେମିତି ଯିବେ, ରହିବେ କେଉଁଠି:

ବଲାଙ୍ଗିର ଠାରୁ ହରିଶଙ୍କର ୮୩ କିମି ଦୂର ପଡ଼ିଥିବା ବେଳେ ବସ ଯୋଗେ ଆସିବାକୁ ପଡ଼ିଥାଏ । ଟ୍ରେନ ଯୋଗେ ଆସିଲେ ହରିଙ୍କର ରୋଡ଼ ଷ୍ଟେସନରେ ଓହ୍ଲାଇ ଖପ୍ରାଖୋଲ ହୋଇ ହରିଶଙ୍କରକୁ ୩୩ କିମି ଦୂର ପଡ଼ିଥାଏ । ଏଠାରେ ରହିବା ପାଇଁ ଛୋଟ ବଡ଼ ହୋଟେଲ ରାହିଛି । ପର୍ଯ୍ୟଟକଙ୍କ ସୁବିଧା ପାଇଁ ଏଠାରେ ଅନ୍ନ ଭୋଗ ବିକ୍ରୟର ବ୍ୟବସ୍ଥା ରହିଛି ଯାହା ସୁଲଭ ମୂଲ୍ୟରେ ମିଳିଥାଏ ।

ସମୁଦ୍ର ପତନରୁ ୩ହଜାର ଫଉଟରୁ ଉଚ୍ଚରେ ଥିବା ଏହି ପର୍ବତ ଏକ ଏବଂଦ୍ୱିଚ୍ଛିନ୍ନ ଭାବେ ପ୍ରାୟ ୯୦କିମି ବ୍ୟାପି ଏହାର ପୂର୍ବ ଓ ପଶ୍ଚିମ ଦିଗକୁ ଲମ୍ବି ରହିଅଛି । ଏହାର ଓସାର ପ୍ରାୟ ଦଶ କିଲୋମିଟର ।

### ବିଶେଷ ଆକର୍ଷଣ:

ପର୍ବତ ଉପରେ ନୃସିଂହନାଥରୁ ହରିଶଙ୍କର ଆସଦଦିବା ପାଇଁ ଏକ ଚଲାପଥ ବାଟ ରହିଛି । ୧୬କିମି ଦୂର ଏହି ଗିରିପଥ ଦେଇଯିବା ବେଳେ ଅନେକ ଦର୍ଶନୀୟ ସ୍ଥାନ ଦେଖିବାକୁ ମିଳିଥାଏ । ଏହି ବାଟରେ ଗଲାବେଳେ ଭୀମ ମରୁଆ ଗୁମ୍ଫା, ଚାଳଧାର, କପିଳଧାର, ସପନ୍ତଧାର, ସତ୍ୟଆମ୍ବ, ଚଜନ୍ଦନ ଅର୍ଗଳି ଆଦି ରହିଥିବା ବେଳେ ଏହାକୁ ଦେଖି ପର୍ଯ୍ୟଟକମାନେ ଅଭିଭୂତ ହୋଇପଡ଼ନ୍ତି । ମହର୍ଷି କପିଳ, ମାର୍କଣ୍ଡ, ଅଷ୍ଟବକ୍ର, ନାଗାର୍ଜୁନ ପ୍ରମୁଖ ମୁନି ଋଷି ଏହି ସ୍ଥାନରେ ରହି ତପସ୍ୟା ଆରାଧନା କରୁଥିଲେ । ଏଠାରେ ବୌଦ୍ଧ ବିଦ୍ୟାପୀଠ ରହିଥିବା ବେଳେ ନାଗାର୍ଜୁନ ନାମଧାରୀ ସନ୍ୟାସୀ ଏଠାରେ ରହି ବୌଦ୍ଧ ଧର୍ମର ପ୍ରଚାର ପ୍ରସାର କରୁଥିଲେ ବୋଲି ଇତିହାସରୁ ଜଣାପଡ଼େ । ସେ ସମୟରେ ଗନ୍ଧମାର୍ଦ ପର୍ବତକୁ ପରିମଳଗିରି ବିହାର ବୋଲି କୁହାଯାଉଥିଲା । ସେହିପରି ୬୨୦ ଖ୍ରୀଷ୍ଟାବ୍ଦରେ ହର୍ଷବର୍ଦ୍ଧନ ଏବଂ ୬୩୯ ଖ୍ରୀଷ୍ଟାବ୍ଦରେ ଚୀନ ପରିବ୍ରାଜକ ହୁଏନ ସାଂ ଏହି ପୀଠକୁ ଆସିଥିବା ନେଇ ଇତିହାସରୁ ଜଣାପଡ଼େ । ଏହି ପୀଠର ସବୁଠାରୁ ବଡ଼ କାର୍ଯ୍ୟକଅମ ନୃସିଂହ ଚୁତୁର୍ଦ୍ଦଶୀ ମେଳା । ଏହି ସମୟରେ ହଜାର ହଜାର ଶ୍ରଦ୍ଧାଳୁ ଅନ୍ଧାର ରାତିରେ ଏହି ପାହାଡ଼ ଉପର ଦେଇ ଯିବା ଆସିବା କରୁଥିବା ଦେନଖିବାକୁ ମିଳିଥାଏ । ଏହି ପର୍ବତରେ ୨୭୦୦ ପ୍ରକାରର ବୃକ୍ଷଲତା, ୨୨୫ରୁ ଉର୍ଦ୍ଧ୍ୱ ବନୌଷଧି, ୨୬ ପ୍ରକାର ବନ୍ୟଜନ୍ତୁ ସହିତ ବହୁ ବିଚିତ୍ର ପକ୍ଷୀ ଦେଖିବାକୁ ମିଳିଥାଏ ।

## ଫେଷ୍ଟିଭାଲ ୱିଅର

ଫେଷ୍ଟିଭାଲ ସିଜନରେ ନୂଆ ନୂଆ ଫେଷ୍ଟିଭାଲ ଫ୍ୟାସନ କଲେକସନର ଲଞ୍ଚ ହୋଇଥାଏ । ତେଣୁ ଆପଣ ଏହି ଟ୍ରେଣ୍ଡି ଫେଷ୍ଟିଭ କଲେକ୍ସନରୁ ଆପଣଙ୍କ ପାଇଁ ଫେଷ୍ଟିଭ ଆଉ ଫିଟକୁ ପସନ୍ଦ କରିପାରନ୍ତି । ଏହା ବ୍ୟତୀତ ଆପଣ ଫେଷ୍ଟିଭ ଫ୍ୟାସନ ଟ୍ରେଣ୍ଡ ବିଷୟରେ ଜାଣି ନିଜ ପାଇଁ ସୁନ୍ଦର ଆଉଟଫିଟ ଡିଜାଇନ କରିପାରିବେ । ତେବେ ଏଠାରେ ଏକ ଫ୍ୟାସନ ୱିକ ଅନୁସାରେ ଲେଟେଷ୍ଟ ଫ୍ୟାସନ ଟ୍ରେଣ୍ଡସର କେତେକ ଆଉଟଫିଟ୍ ବିଷୟରେ ଜାଣିବା ଯାହାକୁ ଆପଣ ପିନ୍ଧିବା ଦ୍ୱାରା ଗ୍ଲାମରସ ଓ ଷ୍ଟନିଙ୍ଗ ଚାଲିବେ ।



**ଲାଇଟୱାର୍କ:**
ଆଜିକାଲିର ଟ୍ରେଣ୍ଡରେ କଣ୍ଟେମ୍ପୋରାରୀ ଇଣ୍ଡିଆନ ୱିଅରରେ ମହିଳାମାନଙ୍କର ନଜର କମ ରହୁଛି । ଏହା ବ୍ୟତୀତ ହାଲୁକା କାମ ସହିତ ଠିକ ଡିଜାଇନର ସମୟ ଆସିଛି । ଏବେ ହେଭି କାମ ଆଉଟ ଅଫ ହେଟ୍ ହୋଇସାରିଲାଣି । ତେବେ ଆପଣ ମଧ୍ୟ ଆପଣଙ୍କ ଶରୀରକୁ ସୁଟ୍ କରିବା ପରି ଅଲଗା ଅଲଗା କଟସର ଟପ ସହିତ ପ୍ୟାଣ୍ଟକୁ ଷ୍ଟାଇଲ କରି ଫେଷ୍ଟିଭ ଓ ଟ୍ରେଣ୍ଡି ଲୁକ୍ ପାଆନ୍ତୁ ।

**ହ୍ୟାଣ୍ଡକ୍ରାଫଟେଡ ଏମ୍ବେଲିଶମେଣ୍ଟ:**
ଏଇ ଏଥର ଫ୍ୟାସନ ଟ୍ରେଣ୍ଡରେ ହ୍ୟାଣ୍ଡକ୍ରାଫଟେଡ ମୋଟିଫ ଓ କଟସର ନୂଆ ଷ୍ଟାଇଲର ଆଉଟ ଫିଟ୍ ରହିଛି । ଏହି ଆଉଟ ଫିଟ ଉପରେ ଅଧିକ ଏକ୍ସପେରିମେଣ୍ଟ ହୋଇଛି ଓ ଫ୍ୟାଶସ ମୋଟିଫସ ସହିତ ନୂଆନୂଆ ଏକ୍ସପେରିମେଣ୍ଟ ମଧ୍ୟ ହେଉଛି । ଏଥରର ଫେଷ୍ଟିଭ ସିଜନରେ କଣ୍ଟେମ୍ପୋରାରୀ ଇଣ୍ଡିଆନ ୱିଅରରେ ମୁଗଲ ଜାଲୀ ପରି ମୋଟିଫସ ଟ୍ରେଣ୍ଡରେ ରହିବାର ଅଛି ।



**ଫେବ୍ରିକ୍:**
ଯଦି ଗ୍ଲାମର ଚାହାନ୍ତି ତେବେ ଫେବ୍ରିକ ମଧ୍ୟ ବଢ଼ିଆ ହେବା ଆବଶ୍ୟକ । ଏପରି ସ୍ଥଳେ ଚନ୍ଦେରୀ କର୍ଟନ, ମଲମଲ, ଜର୍ଜେଟ ଓ ମଡ୍ଲେ ସାଟିନ ପରି ଫେକ୍ରିକର ମଡ଼ର୍ଡ ଷ୍ଟାଇଲସର ଫାଇଦା ଉଠାଇପାରିବେ । ଯଦି ଆପଣ ଏହି ଫେଷ୍ଟିଭାଲ ସିଜନରେ ଭିନ୍ନ ଦେଖାଯିବାକୁ ଚାହାଁନ୍ତି ତେବେ ଏହି ଫେଷ୍ଟିଭାଲ ଫେବ୍ରିକ୍ସ ସହିତ ନିଜର ଖାସ ଷ୍ଟାଇଲ ଷ୍ଟେମେଣ୍ଟ କରାନ୍ତୁ ।

## ପାନୀୟର ଉତ୍ତମ ପ୍ରଭାବ

**ଖାଦ୍ୟ ବିଶେଷଜ୍ଞଙ୍କ ମତରେ ଚା ପାନୀୟ ହେଉ କିମ୍ବା କୋଲ୍ଡଡ୍ରିଙ୍କସ କିମ୍ବା ସରବତ, ଏଗୁଡ଼ିକ ଯଥା ସମୟରେ ନ ପିଇଲେ ଶରୀର ଉପରେ କୁପ୍ରଭାବ ପକାଇଥାଏ ।**

♦ ଚା' କେବଳ ସକାଳ ଜଳଖିଆ ନଚେତ ସନ୍ଧ୍ୟାବେଳେ ପିଇବା ଉଚିତ । ଦିନକୁ ଅତିବେଶୀରେ ୨ଥରରୁ ଅଧିକ ଚା' ପିଉଥିବାଲୋକେ ଉଚ୍ଚ ରକ୍ତଚାପ ରୋଗର ଶିକାର ହୋଇଥାନ୍ତି । ଏହା ସହ ଅନ୍ୟ ସମୟରେ ଏହି ପାନୀୟ ପିଇଲେ ପେଟ ଗରମ ହେବା ସହ ହଜମ ପ୍ରକ୍ରିୟା ପ୍ରଭାବିତ ହୋଇଥାଏ ।

♦ ବିଭିନ୍ନ ପ୍ରକାର ଫଳରସ ସ୍ୱାସ୍ଥ୍ୟ ବର୍ଦ୍ଧକ । ଜଳଖିଆ ଖାଇବାର ୧୫ମିନିଟ୍ ପୂର୍ବରୁ ଫଳରସ ପିଇବା ସଠିକ ସମୟ । ଏହା ଶରୀରକୁ ଶକ୍ତି ପ୍ରଦାନ କରେ ।

♦ ତେଲମସଲା ଜାତୀୟ ଖାଦ୍ୟ ଖାଇଲାବେଳେ ଦହି ଖାଇବା ଅନୁଚିତ । ଗରିଷ୍ଠ ଭୋଜନ ଖାଇଲାବେଳ ଦହି ଖାଇଲେ ଓଜନ ଅସ୍ୱାଭାବିକ ଭାବେ ବଢ଼ିବା ସହ ପେଟର ଆକାର ବଢ଼େ । ଜଙ୍କ ଫୁଡ୍ ଓ ମୃଦୁ ପାନୀୟ ଏକା ସଙ୍ଗେ ଖାଇବା ଅନୁଚିତ । ଏହା ମଧ୍ୟ ଓଜନ ବଢ଼ାଇଥାଏ ।

♦ କ୍ଷୀର ରାତିରେ ଶୋଇବାର ୧ଘଣ୍ଟା ପୂର୍ବରୁ ଉଷୁମ କରି ପିଇନେବା ଭଲ । ନିୟମିତ ଏପରି କରୁଥିବା ବ୍ୟକ୍ତିଙ୍କୁ ସକାଳବେଳେ ବେଶ ଫୁର୍ତ୍ତି ଲାଗେ ।

## ଆଣ୍ଟି ବାୟୋଟିକର୍ ବ୍ୟବହାର୍




ଡାକ୍ତରଙ୍କ ବିନା ପରାମର୍ଶରେ ଆଣ୍ଟିବାୟୋଟିକ ଔଷଧ ଖାଇଥବା ଦ୍ୱାରା ରୋଗ ଭଲ ହେବା ପରିବର୍ତ୍ତେ ଶରୀର ଅଧିକ କ୍ଷତିଗ୍ରସ୍ତ ହୋଇପାରେ । ନିକଟରେ ବିଶେଷଜ୍ଞମାନେ ଆଣ୍ଟିବାୟୋଟିକ ବିଷୟରେ କିଛି ଜରୁରୀ ସୂଚନା ଦେଇଛନ୍ତି । ପ୍ରତ୍ୟେକ ରୋଗ ପାଇଁ ଭିନ୍ନଭିନ୍ନ ଔଷଧ ରହିଛି ଯାହାକୁ ଡାକ୍ତରଙ୍କ ବିନା ପରାମର୍ଶରେ ଖାଇବା ଶରୀର ପାଇଁ କ୍ଷତିକାରକ ହୋଇପାରେ । ତେଣୁ ସାଧାରଣ ରୋଗ ପାଇଁ ହେଉ ପଛକେ, ଔଷଧ କିଣିବା କିମ୍ବା ଖାଇବା ପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ କରିବା ଅତ୍ୟନ୍ତ ଜରୁରୀ । ଅନେକ ଲୋକ ରୋଗ ଭଲ ହୋଇଯିବା ପରେ ଔଷଧର କୋର୍ସ ପୂରା କରନ୍ତି ନାହିଁ ଯାହା ପରବର୍ତ୍ତୀ ସମୟରେ ଅଧିକ ସମସ୍ୟା ଉପୁଜାଇଥାଏ । ତେଣୁ ନିର୍ଦ୍ଦିଷ୍ଟ ବା ନିର୍ଦ୍ଧାରିତ ସମୟ ପୂର୍ବରୁ ମେଡିସିନ ଖାଇବା ବନ୍ଦ କରନ୍ତୁ ନାହିଁ । ମେଡିସିନର କୋର୍ସ ଶେଷ ହେବା ପରେ ପୂର୍ବରୁ ପରାମର୍ଶ କରିଥିବା ଡାକ୍ତରଙ୍କୁ ଭେଟିବାକୁ ଭୁଲନ୍ତୁନାହିଁ । ଶିଶୁରୋଗ ବିଶେଷଜ୍ଞଙ୍କ ସହ ପରାମଶ ନ କରି ଛୋଟି ପିଲାଙ୍କୁ କେବେ ହେଲେ ଆଣ୍ଟିବାୟୋଟିକ ଖୁଆନ୍ତୁ ନାହିଁ । ସେହିପରି ପ୍ରତ୍ୟେକ ବ୍ୟକ୍ତିଙ୍କୁ ତାଙ୍କ ଶରୀର ଅନୁଯାୟୀ ଆଣ୍ଟିବାୟୋଟିକ ସୁଟ କରିଥାଏ । ତେଣୁ ଯଦି ଔଷଧକୁ ନେଇ କିଛି ବି ଦ୍ୱନ୍ଦ୍ୱ ଥାଏ, ଡାକ୍ତରଙ୍କୁ ପଚାରନ୍ତୁ । ଏହାଛଡ଼ା ଔଷଧ ଖାଇବା ପରେ ଶରୀରରେ କୌଣସି ପ୍ରକାରର ଆଲର୍ଜି କିମ୍ବା ରିଆକ୍ସନ ଦେଖା ଦେଲେ ତୁରନ୍ତ ଡାକ୍ତରଙ୍କୁ ଦେଖାକରି ଠିକ ଉପଚାର କରାଇ ନିଅନ୍ତୁ ।

## ରୋଗପ୍ରତିରୋଧକ ଶକ୍ତି ବଢ଼ାଏ ରସୁଣ ଓ କ୍ଷୀର

କଞ୍ଚା ରସୁଣ ଖାଇବାକୁ ଅନେକେ ପସନ୍ଦ କରନ୍ତି ନାହିଁ । କ୍ଷୀର ସହ ରସୁଣ ମିଶାଇଲେ ତ ତାହା ଆହୁରି ସ୍ୱାଦହୀନ ହୋଇପଡ଼େ । କିନ୍ତୁ ଏହି ସ୍ୱାଦହୀନ ପାନୀୟର ଶରୀରକୁ ସୁସ୍ଥ ରଖିବାରେ ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ନିମ୍ନୋକ୍ତ ସ୍ୱାସ୍ଥ୍ୟ ସମସ୍ୟାରେ ରସୁଣ ସହ କ୍ଷୀର ପିଇବା ଦରକାର ପଡ଼େ ।

**ଶ୍ୱାସ ଓ ନିମୋନିଆ:** ଶ୍ୱାସ ସମସ୍ୟା ଥିଲେ ପ୍ରତିଦିନ ତିନିରୁ ଚାରି କୋଳା ରସୁଣ ଚୋବାଇ ଖାଆନ୍ତୁ ଏବଂ ନିମୋନିଆ ଲକ୍ଷଣ ଦେଖାଦେଲେ କ୍ଷୀରରେ ରସୁଣ ସିଝାଇ ଦିନକୁ ଦୁଇରୁ ତିନି ଥର ପିଅନ୍ତୁ ।

**ହୃଦ୍ ସମସ୍ୟା:** ରକ୍ତରେ କୋଲେଷ୍ଟ୍ରଲ ମାତ୍ରା କମ କରିବା ପାଇଁ ରସୁଣ ଓକ୍ଷୀର ବେଶ ଉପଯୋଗୀ ।

**ଜଣ୍ଡିସ:** ଶରୀରରେ ଟକ୍ସିନର ମାତ୍ରା ବଢ଼ିଲେ କଲିଜା ଜଳିବା ପରି ଅନୁଭବ ହୁଏ ଏବଂ ଜଣ୍ଡିସ ଭଳି ସମସ୍ୟା ଦେଖାଯାଏ । ଏପରି କିଛି ଲକ୍ଷଣ ଜଣାପଡ଼ିଲେ ରସୁଣ-କ୍ଷୀର ପିଇବାରେ ଜମା ବି ହେଳା କରନ୍ତୁ ନାହିଁ । ଏହା ଶରୀରରୁ ବିଷାକ୍ତ ପଦାର୍ଥ ଦୂର କରେ ।

**ଆର୍ଥାରାଇଟିସ:** ଆଣ୍ଠୁଗଣ୍ଠିରେ ଯନ୍ତ୍ରଣା ହେଲେ ଔଷଧ ଅପେକ୍ଷା ରସୁଣ-କ୍ଷୀର ତୁରନ୍ତ କାମ କରେ ।

**ଇନ୍ସୋମନିଆ:** ଇନ୍ସୋମନିଆ ଅର୍ଥାତ ଅନିଦ୍ରା ରୋଗ ହେଲେ ରାତିରେ ଶୋଇବା ପୂର୍ବରୁ ଏକ ଗ୍ଲାସ ରସୁଣ-କ୍ଷୀର ପିଅନ୍ତୁ । ଅଳ୍ପ କିଛିଦିନର ଏହି ଅଭ୍ୟାସ ଆପଣଙ୍କୁ ଦେବ ସୁନିଦ୍ରା ।



**କଫ:** ଯଦି କଫ ଜମି କାଶ ହେଉଛି ଏକ ଗ୍ଲାସ ରସୁଣକ୍ଷୀରରେ ଟିକେ ହଳଦୀ ପକାଇ ଫୁଟାଇ ଦିଅନ୍ତୁ ଓ ଗରମ ଗରମ ପିଅନ୍ତୁ, ଦେଖିବେ ଏହା କଫ ସିରପ ଠାରୁ ମଧ୍ୟ ଶୀଘ୍ର ଆରାମ ଦେବ ।

ପେଟ ସମସ୍ୟା ଥିଲେ: ଖାଦ୍ୟ ହଜମ ହେଉ ନଥିଲେ ଏକ ଗ୍ଲାସ ଉଷୁମ ରସୁଣ-କ୍ଷୀର ପିଇବାକୁ ଭୁଲନ୍ତୁ ନାହିଁ । ଏହା ହଜମ ଶକ୍ତି ବଢ଼ାଇବା ସହ ଶରୀରର ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବଢ଼ାଏ ।

## କମ୍ ଶୋଇବାର୍ ଭୟାବହତା

▪ ବିଶେଷଜ୍ଞଙ୍କ ମତରେ ଦୈନିକ ଅତି କମରେ ୭-୮ ଘଣ୍ଟା ଶୋଇବା ସ୍ୱାସ୍ଥ୍ୟ ପାଇଁ ହିତକାରୀ । କମ ସମୟ ଶୋଉଥିଲେ ବିଭିନ୍ନ ରୋଗ ହେବାର ଭୟ ବଢ଼ିଥାଏ ବୋଲି ଅନୁସନ୍ଧାନରୁ ଜଣାପଡ଼ିଛି । ଗୋଟିଏ ସପ୍ତାହରେ ଅନ୍ତତଃ ୪ଦିନ ୭ଘଣ୍ଟା ଶୋଇବା ଆବଶ୍ୟକ । ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ମୋବାଇଲ ଦେଖିବା ଆଖି ଉପରେ କୁପ୍ରଭାବ ପକାଇଥାଏ । ଆଖିତଳ ଜ୍ୟୋତି କମ ହେବା ସହ ଅନ୍ୟାନ୍ୟ ଅସୁବିଧା ହୁଏ ।

▪ ଭଲଭାବେ ନିଦ ନ ହେଲେ ମାନସିକ ଚାପ ବଢ଼ିବା ସହ ଆମ ଓଜନ ମଧ୍ୟ ବୃଦ୍ଧି ହୋଇଥାଏ ବୋଲି ପରୀକ୍ଷାରୁ ପ୍ରମାଣିତ ହୋଇଛି । ଏଇ ନିଦ କମ ହେବା କାରଣରୁ ଆମମାନଙ୍କୁ ମେଦବହୁଳ, ମଧୁମେହ, ଉଚ୍ଚରକ୍ତଚାପ, ହୃଦରୋଗ, ଶରୀରର ରୋଗପ୍ରତିରୋଧକ ଶକ୍ତି ମଧ୍ୟ କମ ହୋଇଥାଏ ।

▪ ନିଶାସେବନଠାରୁ ଦୂରେଇ ରହିବା ସହ ରାତ୍ରିଭୋଜନ ରାତି ୯ଟାସୁଦ୍ଧା ଶେଷ କରିବା ଉଚିତ । ଭଲ ନିଦ ପାଇଁ ଏହା ଖୁବ ସହାୟକ । ତେଲମସଲା ଖାଦ୍ୟଦ୍ରବ୍ୟଠାରୁ ଦୂରେଇବା ସହ ନିୟମିତ ସିଝା ଖାଦ୍ୟ ଖାଇଲେ ମଧ୍ୟ ଭଲ ନିଦ ହୋଇଥାଏ ।



## ଫୁଲ ଦେଖି ସୁସ୍ଥ ରହନ୍ତୁ



ସର୍ବେକ୍ଷଣରୁ ଜଣାପଡ଼ିଛି ଅନ୍ୟ ରାଷ୍ଟ୍ର ତୁଳନାରେ ଆମ ଭାରତୀୟ ପରିବାର ଲୋକେ ନିଜ ବାଲକୋନିରେ ଛୋଟ ଫୁଲ ବଗିଚାଟିଏ କରିଥାନ୍ତି । ଅବସର ପରେ ଅଧିକାଂଶ ଲୋକଙ୍କର ଫୁଲଗଛ ନିଶା ଖୁବ ଅଧିକ ବଢ଼ିଥାଏ । ନ୍ୟୁଜିଲାଣ୍ଡର ଏକ ଗବେଷକଦଳ ପରୀକ୍ଷା କରି ପ୍ରକାଶ କରିଛନ୍ତି ଯେ ପ୍ରକୃତରେ ଏହି କୁନି ବଗିଚାରେ ପ୍ରତ୍ୟହ କିଛି ସମୟ ଅତିବାହିତ କରିବା ସ୍ୱାସ୍ଥ୍ୟ ପାଇଁ ଉପକାରୀ । ୬ହଜାରରୁ ଉର୍ଦ୍ଧ୍ୱ ଭାରତୀୟ ପରିବାରୀ ଏହି ଗବେଷଣାରେ ସାମିଲ ହୋଇଥିଲେ । ରଙ୍ଗବେରଙ୍ଗର ଫୁଲ ନିୟମିତ ଦେଖିଥିବାରୁ ଲୋକଙ୍କ ଚିନ୍ତା ଧାରା ଭଲ ହେବା ସହ ସମୟାନୁସାରେ ବିଭିନ୍ନ ରୋଗରୁ ମଧ୍ୟ ମୁକ୍ତି ମିଳେ । ୧୫ରୁ ୨୦ମିନିଟ୍ ଫୁଲଗଛ ନିକଟରେ ଛିଡ଼ା ହେଲେ ସେମାନଙ୍କ ମନ ପ୍ରଫୁଲ୍ଲ ହୋଇଥାଏ । ଫୁଲର ପ୍ରଭାବ ଏତେ ଅଧିକ ଯେ ବିବାହ ପରି ଉତ୍ସବରେ ନବବିବାହିତଙ୍କୁ ପୁଷ୍ପଗୁଚ୍ଛରେ ମଧ୍ୟ ସ୍ୱାଗତ କରାଯାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପଞ୍ଚାୟତ ନିର୍ବାଚନର ବିଚିତ୍ର ଗତି...

ଆମ ରାଜ୍ୟରେ ଆରମ୍ଭ ହୋଇଛି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ । ଜିଲ୍ଲାପରିଷଦ, ସରପଞ୍ଚ ଓ ୱାର୍ଡ ସଭ୍ୟ ପଦ ଲାଗି ନିର୍ବାଚନ ସକାଶେ ତମାମ ରାଜ୍ୟରେ ଉଷ୍ମତା ଆରମ୍ଭ ହୋଇଗଲାଣି । କୋଭିଡ ସଂକ୍ରମଣ ଭୟ ସବୁଠି, ହେଲେ ରାଜନୀତି ଯେଉଁମାନଙ୍କର ପେସା ଓ ବେଉସା, ସେମାନେ ବିପଦକୁ ସେମିତି ଖାତିର କରିବେ ନାହିଁ । ସୀମିତ ସମୟ ଭିତରେ କମ୍ ଲୋକଙ୍କୁ ନେଇ କିଭଳି କଟକଣା ଭିତରେ ଭୋଟ୍ ହୋଇପାରିବ, ତାହା ଲାଗି ସବୁ ମହଲ ଚିନ୍ତିତ । ସମୟାନ୍ତରରେ ରାଜନୀତି ଜନସେବାର ମାଧ୍ୟମ ହୋଇ ଆଉ ରହିନାହିଁ । କ୍ଷମତା ରାଜନୀତିର ବିଭିନ୍ନ ସୋପାନ ଅତିକ୍ରମ କରି ଉପରକୁ ଉଠିବା ଲାଗି ଅଭିଳାଷ ପୋଷଣ କରିଥିବା ମହଲକୁ କେହି ଅଟକାଇ ନପାରନ୍ତି । ତାହା ଯେତେ ଅବାଂଛିତ ଓ ଅସ୍ୱାଭାବିକ ମନେ ହେଉଥିଲେ ସୁଦ୍ଧା ସହଜରେ ଟାଳିଦେଇ ହେବନାହିଁ । ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ କ୍ଷମତା ରାଜନୀତିର ବଳୟ ଏତେ ପ୍ରସାରିତ ହୋଇସାରିଛି, କେଉଁଠି ତାହା କିଭଳି ପ୍ରକଟିତ ହେଉଛି କୁହାଯାଇନପାରେ । ରାଜନୀତିକୁ ବିନା ପୁଞ୍ଜି ଲଗାଣରେ ଧନକୁ ବହୁଗୁଣ କରିବାର କଳାକୁ ଯେଉଁମାନେ ଧୁରନ୍ଧର ସେମାନେ ବନିଯାଇପାରୁଛନ୍ତି ସମାଜପତି । ପ୍ରଶାସନ ଓ ପ୍ରଶାସକ ସେମାନଙ୍କ ଇସାରାରେ ଚାଲିପାରୁଛି । ଯେତେ ଅସ୍ୱୀକାର କଲେ ସୁଦ୍ଧା ଏହାହିଁ ଅସଲ ଓ ନିଷ୍ଠୁର ବାସ୍ତବତା । ଆଜିକା ସମୟରେ ଜନସେବା ନାମରେ ଯେମିତି ଆତ୍ମସେବା ଚାଲିଛି ଏବଂ ତଥାକଥିତ ଗଣତନ୍ତ୍ର ନେଇ ପ୍ରହସନ ହେଉଛି, ତାହା ସାଧୁଜନ ଦେଖି ନଦେଖିଲା ଭଳି ରହିଯାଉଛନ୍ତି । ଫଳସ୍ୱରୂପ ବହୁମତ ଆଧାରିତ ଗଣତନ୍ତ୍ର ଉପରେ ଜନସାଧାରଣଙ୍କ ଆସ୍ଥା କମି କମି ଆସିବାରେ ଲାଗିଛି ବୋଲି ସମାଜବିତ୍‌ମାନେ ମତ ଦିଅନ୍ତି । ଅନ୍ୟ ରାଜ୍ୟ କଥା କାହିଁକି କହିବା, ଆମ ଏଠାରେ ଏଭଳି ଉଦାହରଣମାନ ଦେଖାଯାଉଛି, ଯାହା ନେଇ ମଥା ତଳକୁ ହୋଇଯାଉଛି । କେଉଁ ପ୍ରାର୍ଥୀ ଗ୍ରାମ ଓ ପଡ଼ା ପାଇଁ କେତେ ଅର୍ଥ ଦେବେ, ତାହା କୁଆଡ଼େ ତାଙ୍କର ଭବିଷ୍ୟତ ନିର୍ଦ୍ଧାରଣ କରିବ । ଏଥିରେ ସେମିତି କିଛି ବିଚିତ୍ରତା ନଥାଇପାରେ । ଗାଁ କୋଠାଘର ପାଇଁ ମୋଟା ଧନ ଦେଇ ଭୋଟରଙ୍କ ମନ ଜିଣିବା, ମନ୍ଦିର ତୋଳା ସକାଶେ କି' କ୍ଲବ୍ ଘର ଖେଳ ସରଞ୍ଜାମ କିମ୍ବା ଟିଭି ସେଟ୍ ପାଇଁ କେଇ ହଜାର ଦେଇଦେବା ଏମିତିରେ ମାମୁଲି କଥା । ସ୍ଥଳବିଶେଷରେ କେଉଁଠି ଭୋଜି କରିବା ପାଇଁ ମାଂସ ଯୋଗାଇ ଯୁବକମାନଙ୍କୁ ପ୍ରଭାବିତ କରାଯାଉଥିବାର ଦେଖାଯାଇଥାଏ । କିନ୍ତୁ ତାହା ଏହା ଭିତରେ ଏତେ ମାତ୍ରାରେ ଅଧିକ ହୋଇସାରିଲାଣି, ଜାଣିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ । ଏହା ଭିତରେ ନାମାଙ୍କନ ପତ୍ର ଦାଖଲ ଆରମ୍ଭ ହେବା ପୂର୍ବରୁ ଏକ ସାଂଘାତିକ ଖବର ଲୋକଲୋଚନକୁ ଆସିଛି । ବଲାଙ୍ଗିର ଜିଲ୍ଲାର ପୁଇଁତଲା ବ୍ଲକ୍ ଅନ୍ତର୍ଗତ ବିଲେଇସର୍ଡା ଗ୍ରାମପଞ୍ଚାୟତର କିଏ ସରପଞ୍ଚ ହେବେ, ତାହା କୁଆଡ଼େ ନିଲାମ ଡକାଯିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଦେଇଛି । ଯାହାର ନିଲାମ ଡାକରେ ସ୍ଥାନ ଶୀର୍ଷରେ ରହିବ ତାଙ୍କ ବିରୋଧରେ ଅନ୍ୟ କେହି ପ୍ରାର୍ଥୀ ହେବେ ନାହିଁ ବୋଲି ସ୍ଥିର ହୋଇଛି । ବିଲେଇସର୍ଡା ଗାଁରେ କରାଯାଇଥିବା ବୈଠକରେ ସରପଞ୍ଚ ପଦ ନିଲାମି ହୋଇଥିବା ଏବଂ ଏହି ଧନରେ ଗାଁରେ ଜଗନ୍ନାଥ ମନ୍ଦିରର ଉନ୍ନତିକରଣ ଓ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟରେ ଖର୍ଚ୍ଚ ହେବ ବୋଲି ସ୍ଥିର ହୋଇଛି । ତିନୋଟି ଗ୍ରାମକୁ ନେଇ ଗଠିତ ପଞ୍ଚାୟତରେ ୧୫ଟି ୱାର୍ଡ ଅଛି ଏବଂ ରହୁଛନ୍ତି ଦୁଇହଜାର ଲୋକ । ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ ଥିବା ସରପଞ୍ଚ ପଦ ପାଇଁ ଲୋକମାନେ ଘୋଷଣା କଲେ- ଯିଏ ସର୍ବାଧିକ ଥିବା ସରପଞ୍ଚ ପଦ ପାଇଁ ଲୋକମାନେ ଘୋଷଣା କଲେ- ଯିଏ ସର୍ବାଧିକ ଧନ ଦେବେ, ତାଙ୍କୁ ବିନା ବିରୋଧରେ ନିର୍ବାଚିତ କରାଯିବ । ସେହି ଘୋଷଣା ମୁତାବକ ବିଲେଇସର୍ଡାର ଦୀନବନ୍ଧୁ ଛତ୍ରିଆ ସର୍ବାଧିକ ଡାକ ୪୪ଲକ୍ଷ ୧୦ ହଜାର ଦେଇ ବାଜିମାତ କରିଛନ୍ତି । ମାତ୍ର ନିଜେ ଛତ୍ରିଆ ଏହାକୁ ମାନୁନାହାଁନ୍ତି, କହୁଛନ୍ତି ୪୪ଲକ୍ଷ ନୁହେଁ ୪୪ହଜାର ଡାକ ଦେଇ ଗ୍ରାମବାସୀଙ୍କ ସମର୍ଥନ ହାସଲ କରିବାରେ ସମର୍ଥ ହୋଇଛନ୍ତି । ତାହା ୪୪ଲକ୍ଷ କି' ୪୪ହଜାର ତାହା ଯେତେ ବଡ଼ କଥା ନୁହେଁ, ଯେଉଁ ପଦ୍ଧତିରେ ଗ୍ରାମବାସୀଙ୍କୁ ପ୍ରଲୋଭିତ କରାଯାଇ ସମର୍ଥନ ହାସଲ କରାଗଲା, ତାହା କେତେଦୂର ଗ୍ରହଣୀୟ, ବିଚାର କରାଯିବା କଥା । ସେହି ପଞ୍ଚାୟତ ପାଇଁ ଚାରିଜଣ ଆଶାୟୀଙ୍କ ଭିତରୁ ଛତ୍ରିଆଙ୍କ ନିଲାମ ଡାକରେ ଜିତାପଟ ନେଇ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବା ପରେ ଅନୁସନ୍ଧାନ ପରେ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ମିଳିଛି । ତେବେ ଏଭଳି ଅବାଞ୍ଛିତ ମାମଲା କିଭଳି ଏତେବାଟ ଗଲା, ତାହାର ଟେର୍ ପାଇବାରେ ପ୍ରଶାସନ ଅସମର୍ଥ ଥିଲା କିଭଳି? ଏବେ ଜାଣିହେଉଛି ଯେ, ମାମଲା ସତ୍ୟ ସୁତରାଂ ସାଂଘାତିକ । ସରପଞ୍ଚ ପଦ ପାଇଁ ପ୍ରାର୍ଥୀଙ୍କ ଖର୍ଚ୍ଚ ସୀମା ବାହାରକୁ ଯାଇ କିଭଳି ଏତେ ଧନ ଦେବାକୁ ରାଜି ହେଲେ ତାହା ଆଇନ ବିରୋଧରେ ଯାଉଛି । ସେଥିପାଇଁ କଣ ଦଣ୍ଡ ବ୍ୟବସ୍ଥା ରହିଛି ?

## ଚନ୍ଦନ ହଜୁରୀ ଇତିହାସରେ ପ୍ରସିଦ୍ଧ ନ ହବା ପଛରେ



**ଅଂଶୁମାନ ମହାରଣା**

ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଦିଗରେ ଅଗ୍ରସର ହେଉଥିବା ପୁଣ୍ୟଭୂମି ଭାରତବର୍ଷ ଆଉ କେଇଟା ଦିନରେ ପାଳନ କରିବ ପ୍ଲାଟିନମ ଜୁବୁଲି ଅର୍ଥାତ ୭୫ତମ ସ୍ୱାଧୀନତା ଦିବସ। ଏଇ ୭୫ତମ ସ୍ୱାଧୀନତା ଦିବସ ପାଇଁ ସବୁଠି ଦେଖାଯାଇଛି ଉତ୍ସାହ। ଏଇ ଉତ୍ସାହ ଭିତରେ ଚକ୍ଷୁ ମାନସରେ ଉଦଭାସିତ ହେଉଛି ବହୁ ସଂଘର୍ଷ ସହି ଦେଶକୁ ସ୍ୱାଧୀନତା ପ୍ରଦାନ କରିଥିବା ସେଇ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ପ୍ରତିଛବି ତଥା କର୍ଣ୍ଣଯୁଗଳରେ ଗୁରିତ ହେଉଛି ସେଇମାନଙ୍କ ସଂଘର୍ଷ ଓ ବଳିଦାନର କାହାଣୀ। ତଥାପି ବି ଅସମ୍ପୂର୍ଣ୍ଣ ଲାଗେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନର ଉଦ୍ଦେଶ୍ୟ। ଜନ୍ମଭୂମିକୁ ପରାଧୀନତାର ଶୃଙ୍ଖଳରୁ ମୁକ୍ତ କରିବା ପାଇଁ ସେମାନଙ୍କୁ ନିଜ ଜୀବନ ବି ଲାଗିଥିଲା ତୁଚ୍ଛ। ଅନେକେ ତ ହସି ହସି କାରାବରଣ କରିଥିଲେ। ତେବେ ସେଇମାନଙ୍କ ମଧ୍ୟରୁ ଅଳ୍ପ କିଛି ଜଣଙ୍କୁ ଛାଡ଼ିଦେଲେ ଅନ୍ୟମାନଙ୍କ ସମ୍ପର୍କରେ ସତେ ଯେମିତି ଅଜଣା ହୋଇପଡ଼ିଛି ଦେଶ। ଗାନ୍ଧୀ, ପଟେଲ, ସୁଭାଷଙ୍କ ପରି ଏମାନେ ସେତେ ପ୍ରସିଦ୍ଧ ତ ନୁହଁ ବର୍ତ୍ତମାନର ପଠିତ ଇତିହାସ ପୁସ୍ତକରେ। କିନ୍ତୁ ତାଙ୍କର ସଂଘର୍ଷର ଗାଥା ଯେବେ ଶୁଣେ ଭାରତ, ଭକ୍ତିରେ କରିଦିଏ ମଥାନତ। ତେଣୁ ଏମାନଙ୍କୁ ବାଦ ଦେଇ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରିବା ନିହାତି ମୂଲ୍ୟହୀନ କହିଲେ ଚଳେ। ସେହିଭଳି ଜଣେ ସ୍ୱାଧୀନତା ସଂଗ୍ରାମୀ ବୀର ଜନ୍ମଗ୍ରହଣ କରିଥିଲେ ଏଇ ପବିତ୍ର ଉତ୍କଳ ମାଟିରେ, ଯାହାଙ୍କୁ କୁହାଯାଇପାରେ ସିପାହୀ ବିଦ୍ରୋହ ଭଳି ଐତିହାସିକ ଆନ୍ଦୋଳନର ସୂତ୍ରଧର। ହଜୁରୀ ଚନ୍ଦନ ଖୁଂଟିଆ ଶୁଭନାମ ତାଙ୍କର, ଚନ୍ଦନ ହଜୁରୀ ସର୍ବୋପରି ଓଡ଼ିଶାରେ ଚାଖି ଖୁଂଟିଆ ନାମରେ ପରିଚିତ ସେ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ସେବାୟତ ଭାବରେ ଚନ୍ଦନ ହଜୁରୀ ଓରଫ ଚାଖି ଖୁଂଟିଆଙ୍କ ପରିଚୟ ପର୍ବ ଆରମ୍ଭ କରାଯିବା ନିଶ୍ଚିତ ଭାବରେ ଓଡ଼ିଆଙ୍କ ପାଇଁ ଗୌରବ ବହନ କରିବ। ତାଙ୍କର ଚନ୍ଦନ ନାମ ପଛରେ ଥିବା ରହସ୍ୟ ସମ୍ପର୍କରେ ସୂଚନା ମିଳେ ଯେ ତାଙ୍କ ପିତା ହରଚଣ୍ଡୀସାହିର ବୃଦ୍ଧ ଖୁଣ୍ଟିଆ ସେବକ ଭୀମସେନ ହଜୁରୀ ବଡ଼ ଠାକୁରଙ୍କୁ ଚନ୍ଦନ ଲାଗି କରୁଥିବା ବେଳେ ଘରେ ଜନ୍ମ ଗ୍ରହଣ କରିଥିଲେ ହଜୁରୀ ଚନ୍ଦନ ଖୁଂଟିଆ। ସମ୍ଭବତଃ ୧୮୨୭ ମସିହାର ପବିତ୍ର ଶାମ୍ବଦଶମୀ ତିଥି (ଜାନୁଆରୀ ୨୦ ତାରିଖ) ହିଁ ତାଙ୍କର ଜନ୍ମଦିବସ। ପ୍ରତ୍ୟହ ଶ୍ରୀମନ୍ଦିର ଆନନ୍ଦ ବଜାରରେ ମହାପ୍ରସାଦ ସମେତ ଛପନ ଭୋଗ ଚାଖୁଥିବା ହେତୁ ତାଙ୍କ ଶ୍ରଦ୍ଧାନାମ ଚାଖିଆ। ପିତା ଭୀମସେନ ହଜୁରୀ ଥିଲେ ଝାନସୀ ରାଜ୍ୟ ଓ ପେଶବା ବାଜିରାଓଙ୍କ ଦରବାରର ରାଜପୁରୋହିତ। ଏହି ସୂତ୍ରରେ ବାଲ୍ୟକାଳରୁ ରାଣୀ ଲକ୍ଷ୍ମୀବାଈଙ୍କ ସହ ଚାଖି ଖୁଂଟିଆଙ୍କର ସମ୍ପର୍କ। ଝାନସୀର ରାଜା ଗଙ୍ଗାଧର ରାଓଙ୍କ ସହ ତାଙ୍କର ବିବାହ ପରେ ମନୁବାଈ ପରିଚିତ ହେଲେ ରାଣୀ ଲକ୍ଷ୍ମୀବାଈ ନାମରେ। ପ୍ରଥମେ ସ୍ୱାମୀ ଓ ପରେ ନିଜ ଜନ୍ମିତ ସନ୍ତାନକୁ ହରାଇବା ପରେ ଦୁଃଖରେ ଅଧୀରା ରାଣୀ ଲକ୍ଷ୍ମୀବାଈ ଗୋଟିଏ ପୋଷ୍ୟପୁତ୍ର ଗ୍ରହଣ କରିଥିଲେ। ଇଂରେଜ ସରକାର ରାଜସତ୍ୱ ଲୋପନୀତି ବଳରେ ଲକ୍ଷ୍ମୀବାଈଙ୍କୁ ଝାନସୀର ଶାସକ ବୋଲି ଗ୍ରହଣ ନକରି ରାଣୀଙ୍କୁ ଅଧିକାରରୁ ବଂଚିତ କରିବାରୁ ଆରମ୍ଭ ହୋଇଗଲା ଇଂରେଜ ସରକାରଙ୍କ ବିରୁଦ୍ଧରେ ଯୁଦ୍ଧଂଦେହୀ ଡ଼ାକରା। ଏହି ବିପଦ ସମୟରେ ନିଜ ବାଲ୍ୟବନ୍ଧୁ ଗୁରୁଭାଇ ଚନ୍ଦନ ହଜୁରୀଙ୍କୁ ଚିଠି ଲେଖି ତାଙ୍କର ସାହାଯ୍ୟ ଲୋଡ଼ିଥିଲେ ରାଣୀ ଲକ୍ଷ୍ମୀବାଈ। ଭାରତର ସ୍ୱାଧୀନତା ପାଇଁ ପ୍ରଥମ ସଂଗ୍ରାମ ଓଡ଼ିଆ ପୁଅ ବକ୍ସି ଜଗବନ୍ଧୁଙ୍କ ପାଇକ ବିଦ୍ରୋହର କଥା ଚାଖି ଖୁଂଟିଆଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିଲା। ଏଥିସହ ଜୟୀ ରାଜଗୁରୁଙ୍କ ବଳିଦାନ ତାଙ୍କୁ ପ୍ରେରଣା ଏବଂ ସାହସ ଯୋଗାଇଥିଲା ଇଂରେଜ ସରକାରଙ୍କ ବିରୋଧରେ ଯୁଦ୍ଧ ନିମନ୍ତେ।

ଝାନସୀରେ ପହଂଚିବା ପରେ ଚାଖି ଖୁଂଟିଆ ରାଣୀଙ୍କୁ ଯୁଦ୍ଧ ନିମନ୍ତେ ପରାମର୍ଶ ଦେବା ସହ ଏକ ସୁସଂଗଠିତ ସେନା ନିର୍ମାଣ ଦିଗରେ ଗୁରୁତ୍ୱ ଦେଲେ। ଝାନସୀ ରାଣୀ, ନାନା ସାହେବ ଓ ତାନ୍ତିଆ ତୋପେ ସିପାହୀ ମାନଙ୍କୁ ନେଇ ଇଂରେଜ ମାନଙ୍କ ସହ ଲଢ଼ିବେ ଓ ଚନ୍ଦନ ହଜୁରୀ ହେବେ ସେମାନଙ୍କ ସୂତ୍ରଧର। ସିପାହୀ ବିଦ୍ରୋହ ସମଗ୍ର ଦେଶରେ ବିସ୍ଫୋରଣର ରୂପ ନେଇ ସାରିଥିବାରୁ ଏହାର ସୁବିଧା ନେଇ ଚନ୍ଦନ ହଜୁରୀ ବିଠୁରରେ ନାନା ସାହେବ, ମୁସଲମାନ ମାନଙ୍କ ନେତା ଓକିଲ ଆଜମୋଲ୍ଲା ଖାଁ, ତାନ୍ତିଆ ତୋପେ ଓ ଦିଲ୍ଲୀ ସମ୍ରାଟ ବାହାଦୁର ଶାହାଙ୍କ ସହିତ ଯୋଗସୂତ୍ର ରକ୍ଷାକରି ଝାନସୀ ରାଜ୍ୟର ଗାଁ ଗହଳିରେ ବୁଲି ଇଂରେଜ ସରକାରଙ୍କ ବିରୁଦ୍ଧରେ ଆନ୍ଦୋଳନକୁ ସହଯୋଗ ନିମନ୍ତେ ସମସ୍ତଙ୍କୁ ପ୍ରବର୍ତାଇଲେ। ଚନ୍ଦନଙ୍କୁ ଖୁବ ଈର୍ଷା କରୁଥିବା ଲାଲାଜୀ ନାମକ ବ୍ୟକ୍ତି ରାଣୀଙ୍କ ସହ ବିଶ୍ୱାସ ଘାତକତା କରି ମୂଳ ଦୁର୍ଗର ଦ୍ୱାର ଖୋଲି ଦେଇଥିଲେ। ବିପଦ ଆଶଙ୍କା କରି ଚାଖି ଖୁଣ୍ଟିଆଙ୍କ ପରାମର୍ଶ କ୍ରମେ ଇଂରେଜ ସେନାପତି କ୍ୟାପଟେନ ସ୍କିନର ଦୁର୍ଗ ଅଧିକାର କରିବା ପୂର୍ବରୁ ରାଣୀ ଦୁର୍ଗ ଛାଡ଼ି ଚାଲିଗଲେ। କ୍ୟାପଟେନ ଦୁର୍ଗ ଅଧିକାର କରିନେବା ପରେ ତାନ୍ତିଆ ତୋପେଙ୍କ ସୈନ୍ୟ ଇଂରେଜଙ୍କ ହାତରେ ଧରା ପଡ଼ିବା ମଧ ଆଶା ନ ଛାଡ଼ି ରାଣୀ ଲକ୍ଷ୍ମୀବାଈ ଝାନସୀକୁ ରକ୍ଷା କରିବା ନିମନ୍ତେ ଗ୍ୱାଲିଅରର ପାଖାପାଖି ଅଂଚଳରେ ଇଂରେଜ ବାହିନୀ ସହିତ ଯୁଦ୍ଧ ଅବ୍ୟାହତ ରଖିଥିଲେ। ଇଂରେଜଙ୍କ ଗୁଳିରେ ଲକ୍ଷ୍ମୀବାଈଙ୍କର ନିଧନ ହେଲା। ଚନ୍ଦନ ହଜୁରୀଙ୍କ ହାତରୁ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ପାଇ ଯୁଦ୍ଧଭୂମିରେ ଶେଷ ନିଶ୍ୱାସ ତ୍ୟାଗ କଲେ ରାଣୀ ଲକ୍ଷ୍ମୀବାଈ।

ଜଣେ ସଫଳ ସଂଗଠକ ଭାବରେ ନିଜର ପରିଚୟ ସୃଷ୍ଟି କରିଥିବା ଜାତୀୟ ବୀର ଚନ୍ଦନ ହଜୁରୀ କେବଳ ଓଡ଼ିଶାର ନୁହନ୍ତି ବରଂ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଜଣେ ଚିରପରିଚିତ ନାମ। ତାଙ୍କରି ପ୍ରେରଣାରେ ରାଣୀ ଲକ୍ଷ୍ମୀବାଈ ଶକ୍ତିଶାଳୀ ଇଂରେଜଙ୍କ ବିରୋଧରେ ଯୁଦ୍ଧ ନିମନ୍ତେ ସାହସ କରି ପାରିଥିଲେ। ଯୁଦ୍ଧରେ ଲକ୍ଷ୍ମୀବାଈ ସିନା ବଳିଦାନ ଦେଲେ ହେଲେ ଆଜି ବି ଚନ୍ଦନ ହଜୁରୀଙ୍କର ସାହସିକତା, ବୀରତ୍ୱ, ଆତ୍ମବିଶ୍ୱାସ ଓ ତ୍ୟାଗର ମହତ୍ୱ ପାଲଟି ଯାଏ ସମସ୍ତଙ୍କ ପାଇଁ ପ୍ରେରଣା। ଲକ୍ଷ୍ମୀବାଈଙ୍କର ନିଧନ ପରେ ସାଧୁ ଗଙ୍ଗାଦାସ ଭାବରେ ଲୁଚି ରହିଥିବା ଚାଖି ଖୁଂଟିଆ ଜଣେ ଜଗନ୍ନାଥଭକ୍ତ ରାଜା କାଲାକାଙ୍କରଙ୍କ ସହାୟତାରେ ଇଂରେଜଙ୍କ ଆଖିରେ ଧୂଳି ଦେବାପାଇଁ ନିଜର ମୃତ୍ୟୁ ସମ୍ବାଦ ପ୍ରଚାର କରାଇଲେ। ଦେଢବର୍ଷ କାଳ ବଣଜଙ୍ଗଲ ଭିତରେ ବୁଲି ବୁଲି ୧୮୬୫ ମସିହାରେ ଶ୍ରୀକ୍ଷେତ୍ରରେ ଆସି ପହଂଚିଥିଲେ ଚାଖି ଖୁଣ୍ଟିଆ। ଝାନସୀ ରାଣୀଙ୍କ ଅଭୁଲା ସ୍ମୃତି ଓ ତାଙ୍କର ମଧୁର ଭାଇଜୀ ଡ଼ାକ ସର୍ବଦା ଚନ୍ଦନଙ୍କୁ ବ୍ୟଥିତ କରୁଥିଲା। ଜୀବନର ଶେଷପର୍ଯ୍ୟନ୍ତ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ବହୁ ଲୋକପ୍ରିୟ ଭଜନ ଜଣାଣ ଲେଖି ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ଚନ୍ଦନ ହଜୁରୀ। ରାଣୀ ଲକ୍ଷ୍ମୀବାଈ ଯେମିତି ଜାତୀୟ ସ୍ତରୀୟ ଇତିହାସରେ ସୁପରିଚିତା ନାମଟିଏ ଚନ୍ଦନ ହଜୁରୀଙ୍କ ସମ୍ପର୍କରେ ସେଭଳି ପରିଚିତି ନାହିଁ ପଠିତ ଇତିହାସରେ। କାରଣ ଖୋଜାଯାଏ ତ ମିଳେ ଅନେକ। ସମୂହ କାରଣକୁ ବିଶ୍ଳେଷଣ କଲେ ଜନୈକ ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ମତର ବାସ୍ତବିକତା ଏହା ପ୍ରମାଣିତ ହୁଏ ଯେ ବର୍ତ୍ତମାନ ପଠିତ ଭାରତୀୟ ଇତିହାସର ପୁନର୍ଲିଖନ ଜରୁରୀ। ହଉ ସେ ବାଜି ରାଉତଙ୍କୁ ଭାରତର ସର୍ବକନିଷ୍ଠ ଶହୀଦର ମାନ୍ୟତା ଦେବା ପ୍ରସଙ୍ଗରେ ଅଥବା ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବରେ ଐତିହାସିକ ସ୍ୱୀକୃତି ପ୍ରଦାନ ନେଇ।

ଚନ୍ଦନ ହଜୁରୀଙ୍କ ପ୍ରସଙ୍ଗରେ ବିଷୟ ଅନୁରୂପ ସମାନ। ଜାତୀୟ ସ୍ତରରେ କୌଣସି ଇତିହାସ ପୁସ୍ତକରେ ତାଙ୍କ ବିଷୟରେ ସେଭଳି ବିଶେଷ ଭାବରେ ଉଲ୍ଲେଖ ଥିବା ଦେଖିବାକୁ ମିଳେ ନାହିଁ। ତେବେ ଓଡ଼ିଶାରେ ଚାଖି ଖୁଂଟିଆଙ୍କୁ ନେଇ ପ୍ରଥମେ ଏକ ପାଣ୍ଡୁଲିପି ପ୍ରସ୍ତୁତ କରିଥିଲେ ଐତିହାସିକ ପଣ୍ଡିତ ସଦାଶିବ ରଥଶର୍ମା। ପରବର୍ତୀ ସମୟରେ ଓଡ଼ିଆ ଭାଷାରେ ଚନ୍ଦନ ହଜୁରୀଙ୍କ ସମ୍ପର୍କରେ ହାତଗଣତି କେତୋଟି ପୁସ୍ତକ ପ୍ରକାଶ ପାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବାୟୋପିକ। ବର୍ତ୍ତମାନ ଜାତୀୟ ଧାରାବାହିକନ ଚ୍ୟାନେଲ ଷ୍ଟାରପ୍ଲସରେ ପାଇକ ବିଦ୍ରୋହର କାହାଣୀକୁ ନେଇ ବକ୍ସି ଜଗବନ୍ଧୁଙ୍କ ବାୟୋପିକ ଭାବରେ ବିଦ୍ରୋହୀ ପ୍ରସାରିତ ହେଉଛି। ଅନୁରୂପ ଭାବରେ ଚନ୍ଦନ ହଜୁରୀଙ୍କ ଜୀବନୀ ସମ୍ପର୍କିତ ବାୟୋପିକଟିଏ ଏଯାବତ ପ୍ରସାରିତ ହୋଇ ପାରିନାହିଁ। ପୂର୍ବରୁ ଜାତୀୟ ଦୂରଦର୍ଶନ ଚ୍ୟାନେଲ ମାନଙ୍କରେ ଯଦିଓ ରାଣୀ ଲକ୍ଷ୍ମୀବାଈଙ୍କ ବାୟୋପିକ ଧାରାବାହିକ ଭାବରେ ଅନେକ ପ୍ରସାରିତ ହୋଇଛି ସେସବୁ ଗୁଡ଼ିକରେ ଚନ୍ଦନ ହଜୁରୀଙ୍କ ଭୂମିକାକୁ ଗୌଣ କରିଦିଆଯିବା ଏପରିକି ଆଦୌ ପ୍ରଦର୍ଶନ ନ କରାଯିବାର ନଜିର ରହିଛି। ବିବାଦୀୟ ଅଭିନେତ୍ରୀ କଙ୍ଗନା ରାଣାବତଙ୍କ ପ୍ରଯୋଜନାରେ ନିର୍ମିତ ହୋଇଥିବା 'ମଣିକର୍ଣ୍ଣିକା ଦ କ୍ୱିନ ଅଫ ଝାନସୀ' ସିନେମାରେ ମଧ ଅନୁରୂପ ଅବ୍ୟବସ୍ଥା ଦେଖିବାକୁ ମିଳିଛି।



ଏଥିରେ ଚନ୍ଦନ ହଜୁରୀଙ୍କ ଚରିତ୍ର ସମ୍ପର୍କରେ ବିଲକୁଲ ପ୍ରଦର୍ଶନ କରାଯାଇ ନାହିଁ। କିନ୍ତୁ ଏହି ଚଳଚ୍ଚିତ୍ରକୁ ମିଳିଛି ଜାତୀୟ ଚଳଚ୍ଚିତ୍ର ପୁରସ୍କାର ୨୦୨୧। ତେବେ ଦୋଷ ଦେବା କାହାକୁ, ସେଇ ଜାତୀୟତାବାଦୀ ମାନଙ୍କୁ ଯେଉଁମାନେ ସ୍ୱାଧୀନତାର ଅଜଣା ନାୟକ ମାନଙ୍କ ବିଷୟରେ ପ୍ରଚାର ପ୍ରସାର କରୁନାହାନ୍ତି ଅଥବା ସେଇ ଐତିହାସିକ ମାନଙ୍କୁ ଯେଉଁମାନଙ୍କ ଆଖିରେ ଚନ୍ଦନ ହଜୁରୀଙ୍କ ପ୍ରସଙ୍ଗ ବିଲକୁଲ୍ ପଡୁନାହିଁ। କେବେ କେବେ ତ ଲାଗେ 'ଆଜ କୀ ନାରୀ କୈସୀ ହେ, ଝାନସୀ ରାଣୀ ଜୈସୀ ହେ' ନାରା ପକଉଥିବା ଜନତା ତ ରାଣୀ ଲକ୍ଷ୍ମୀବାଈଙ୍କ ବିଷୟରେ ବିଲକୁଲ ଜାଣନ୍ତି ହିଁ ନାହିଁ।

ଆକ୍ଷେପ କରିବା ପୂର୍ବରୁ ପ୍ରଥମେ ନିଜ ପରିପ୍ରେକ୍ଷୀର ଚିନ୍ତା କରାଯାଉ। ହାତଗଣତି କେତୋଟି ପୁସ୍ତକ ପ୍ରକାଶନକୁ ଛାଡ଼ିଦେଲେ ତ ସେମିତି କିଛି ବି କରାଯାଇ ନାହିଁ ଚନ୍ଦନ ହଜୁରୀଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ। ଗବେଷଣାରତ ଓଡ଼ିଆ ଐତିହାସିକ ତଥା ଓଡ଼ିଆ ଜାତୀୟତାବାଦୀ ମାନଙ୍କୁ ଛାଡ଼ିଦେଲେ ଅନ୍ୟମାନେ ତାଙ୍କୁ ଜାଣିଥିବେ କି ନାହିଁ ସନ୍ଦେହ। ତେବେ ସମସ୍ତଙ୍କର ନିଜସ୍ୱ ପ୍ରଚେଷ୍ଟା ବୋଧହୁଏ ସେତିକି ସଫଳ ହୋଇପାରିନାହିଁ ଯେଉଁଥିପାଇଁ ଚନ୍ଦନ ହଜୁରୀଙ୍କ ବିଷୟରେ ଓଡ଼ିଆ ଇତିହାସରେ ଅଳ୍ପ ପଢାଯାଏ। ହୁଏତ ଗବେଷଣାରତ ଓଡ଼ିଆ ଐତିହାସିକ ତଥା ଓଡ଼ିଆ ଜାତୀୟତାବାଦୀ ମାନଙ୍କ ପ୍ରୟାସ ସେତିକି ସଫଳ ହୋଇପାରିନାହିଁ। ଯେଉଁଥିପାଇଁ ଇତିହାସରେ ଚନ୍ଦନ ହଜୁରୀ ଓରଫ ଚାଖି ଖୁଂଟିଆଙ୍କ ନାମ ନା ହୋଇ ପାରିଛି ପ୍ରସିଦ୍ଧ ନା କେହି ଜାଣି ପାରିଛନ୍ତି ତାଙ୍କର ସଂଗ୍ରାମ ତଥା ବୀରତ୍ୱର କାହାଣୀ ।

ଯୋଗାଯୋଗ
(ମୋ) ୮୦୯୩୨୯୮୭୨୪

## ସମାଜ ସଂସ୍କାରରେ ଦିବ୍ୟତା



**ଅମୂଲ୍ୟ କୁମାର ପଣ୍ଡା**

ଆମ ପବିତ୍ର ଦେଶ ଭାରତ ବର୍ଷ ଆମକୁ ଏକ ମହାନ ସଂସ୍କାର କଥା ଶିଖାଇଛି ଆଉ ତାହା ହେଲା ଆମର ନମ୍ରତା, ଭଦ୍ରତା ଆଉ ଦିବ୍ୟତା ଅର୍ଥାତ ଯିଏ ଦିବ୍ୟତା ପାଦରେ ମଥା ନୁଆଁଇ ଜାଣିବା ଶିଖିଥାଏ ସେ ସବୁଠି ଜୟ ହୋଇଥାଏ ! ଏହା ଉତ୍ତେଜନା ଓ ଆଡମ୍ବରର ସଂସ୍କୃତି ନୁହେଁ, ବରଂ ପ୍ରାକୃତିକ ଭାବେ ଏକ ଧର୍ମପରାୟଣ ଏବଂ ଈଶ୍ୱର ବିଶ୍ୱାସୀ ସଂସ୍କୃତି ଅଟେ ! ସେ ଦେବତା ହୁଅନ୍ତୁ କିମ୍ବା ଜଣେ ପୁରୁଷ, ଜଣେ ନାରୀ, ଜଣେ ଶିଶୁ, ଏକ ଜୀବ, ଏକ ବୃକ୍ଷ ଅବା ଖଣ୍ଡେ ଶିଳା, ଆମେ ଏ ସବୁକିଛି ପାଖରେ ନତମସ୍ତକ ହେବା ସଂସ୍କାର ପାଇଛୁ ! କେବଳ ଏଇ ଗୋଟିଏ ଉଦାରଭାବ ଯୋଗୁ ଏ ଭୂମି ଦିବ୍ୟଭୂମି ପାଲଟିଛି ଏବଂ ଅସଂଖ୍ୟ ଦିବ୍ୟ ସନ୍ତାନଙ୍କୁ ଜନ୍ମ ଦେଇଛି ! ଦିବ୍ୟତା ନିକଟରେ ମଥାପାତି ଆମେ ଶିକ୍ଷା ପ୍ରାପ୍ତି କରିଛୁ, ନିଜ ଭିତରେ ଦିବ୍ୟତାର ପ୍ରସ୍ଫୁଟନ ପାଇଛୁ ଏବଂ ଯୁଗ ଯୁଗ ଧରି ସମଗ୍ର ବିଶ୍ୱ ପାଇଁ ମେଧା ଓ ପ୍ରଜ୍ଞାର ଉଜ୍ଜ୍ୱଳ ମାର୍ଗଦର୍ଶକ ପାଲଟିଛୁ ! ଆସନ୍ତୁ ଏ ବିଷୟରେ ଗୋଟେ ଛୋଟ କଥା ଜାଣିବା...!

ମହାଭାରତ ଯୁଦ୍ଧରେ ଯେତେବେଳେ ଅର୍ଜୁନ ଓ ଦୁର୍ଯ୍ୟୋଧନ ଶ୍ରୀକୃଷ୍ଣଙ୍କୁ ଯୁଦ୍ଧ ସହାୟତା ପାଇଁ ଭେଟିବାକୁ ଯାଇଥିଲେ ସେତେବେଳେ ପ୍ରଭୁ କୃଷ୍ଣ ଶୟନରତ ଥିଲେ ଆଉ ତାଙ୍କ ଶୟନ କରିବା କେବଳ ତାଙ୍କ ମାୟାର ଏକ ଅଂଶ ଥିଲା। ଉଭୟ ଅର୍ଜୁନ ଓ ଦୁର୍ଯ୍ୟୋଧନ ତାଙ୍କ ଶୟନ କକ୍ଷରେ ପହଁଚି ଅର୍ଜୁନ ଭକ୍ତି ସହିତ କୃଷ୍ଣଙ୍କ ପାଦତଳେ ଠିଆ ହୋଇ ଥିବା ବେଳେ ଦୁର୍ଯ୍ୟୋଧନ ଅହଂକାର ମନେ ବହି ତାଙ୍କ ମଥା ପାଖରେ ଠିଆ ହୋଇଥିଲେ ! ତାହାହିଁ ସବୁକିଛି ନିର୍ଦ୍ଧାରିତ କରିଥିଲା ପରବର୍ତ୍ତୀ ସମୟରେ ଯୁଦ୍ଧର ପରିଣତି କଣ ହେବ ! ଯିଏ କୃଷ୍ଣଙ୍କ ପାଦ ତଳେ ଠିଆ ହୋଇଥିଲେ ତାଙ୍କ ସହିତ ନିଜେ ପ୍ରଭୁ କୃଷ୍ଣ କୁରୁକ୍ଷେତ୍ର ଯୁଦ୍ଧରେ ପାଣ୍ଡବ ମାନଙ୍କ ପକ୍ଷରେ ରହିଲେ ଆଉ ନିଜ ବିଶାଳ ସେନାଙ୍କୁ ଦୁର୍ଯ୍ୟୋଧନଙ୍କୁ ଦେଇଦେଲେ । ଅର୍ଜୁନ ପ୍ରଭୁଙ୍କୁ ପାଇ ଖୁସି ହେଲେ ତେଣିକି ଯୁଦ୍ଧ ଜିତୁ ଅବା ନଜିତୁ କିନ୍ତୁ ଦୁର୍ଯ୍ୟୋଧନ ଜଣେ ଲୋକ ବଦଳରେ ବିଶାଳ ସେନା ପାଇ କୃଷ୍ଣ ଙ୍କୁ ନିଜ ଅହଙ୍କାର ପାଇଁ ହେୟ କରିଥିଲେ ଆଉ ପରବର୍ତ୍ତୀ ସମୟରେ ଯୁଦ୍ଧର ପରିଣତି କଣ ହେଲା ତାହା ଆମେ ଜାଣିଛନ୍ତି। ଏହାହିଁ ଆମ ଦେଶର ପ୍ରକୃତି ଓ ସଂସ୍କୃତି ଯେ ଆମେ କାହାକୁ ଧକ୍କା ମାରି ବିଜୟପଥ ରେ ଅଗ୍ରସର ହେଉନା ବରଂ ଆମେ ପ୍ରତ୍ୟେକଙ୍କ ସମ୍ମାନରେ ମଥାନତ ହେଉ ଏବଂ ଜୟୀ ହେଉ !

ହଜାର ବର୍ଷ ପୂର୍ବେ ମୁନି ଋଷିଙ୍କ ଠାରୁ ଆରମ୍ଭ କରି ଅନେକ ଯୋଗୀ, ସନ୍ଥ, ସାଧୁ ଏବଂ ରହସ୍ୟବାଦୀ ଗୁରୁ ଏକଥା ଅନେକ ପ୍ରକାରେ ଅନେକ ମାର୍ଗରେ ବାରମ୍ବାର ଶିକ୍ଷା ଦେଇଛନ୍ତି। ସବୁଠୁ ବଡ଼କଥା ଯାହା ଆଜିକା ସମୟରେ ଅଧିକ ଗୁରୁତ୍ୱପୂର୍ଣ୍ଣ ମନେହୁଏ ତାହା ହେଉଛି ଏ ସମସ୍ତ ନୀତି, ଜ୍ଞାନ ଓ ସଂସ୍କାର କୌଣସି ବିଶ୍ୱାସ କିମ୍ବା ଆସ୍ଥାରୁ ଆସିନାହିଁ ବରଂ ଏହା ଆତ୍ମଅନୁଭୂତି ଲବ୍ଧ ପ୍ରଜ୍ଞାର ପ୍ରବାହ। ଏଣୁ ଆମ ପୂର୍ବ ପୁରୁଷଙ୍କ ନିସୃତ ବାଣୀ ଆମ ସମାଜର ତଥା ଆମ ସଂସ୍କାର ପାଇଁ ବହୁତ୍ ଉପାଦେୟ ଅଟେ।

ଅରଙ୍ଗାବାଦ, ବରୀ,
ଯାଜପୁର
(ମୋ) ୯୯୩୮୯୦୬୦୭୦




### ଜୀବ ହତ୍ୟା କର ନାହିଁ

**ରମେଶ ଚନ୍ଦ୍ର ନାୟକ**



ବନ୍ଧା ହୋଇଥିଲେ ଗୁହାଳ ଭିତରେ
ଛେଳି ଆଉ ମେଣ୍ଢା ଦୁହେଁ
ଦୁହିଁଙ୍କ ଆଖିରୁ ଝରୁ ଥିଲା ଲୁହ
କାନ୍ଦୁ ଥିଲେ ମେଏଁ ମେଏଁ ।

ରାତି ପାହିଗଲେ ମୁଣ୍ଡ କଟା ହେବ
ଘାତକ ପଜାଏ ଛୁରୀ
ଶରୀରରୁ ଛାଲ ଉତାରି ଯେ ନେବେ
ଚାରି ଗୋଡ଼ ବାନ୍ଧି କରି ।

ଖଣ୍ଡ ଖଣ୍ଡ କରି ମାଉଁସ ତୋଳିବେ
କାଠ ଗଣ୍ଡିଟାରେ ଥୋଇ
ପୁଳା ପୁଳା କରି ବୋହି ନେଇ ଯିବେ
ମଣିଷ ଆହାର ପାଇଁ ।

ବାଘ ସିଂହ ହିଂସ୍ର ପଶୁ ଠାରୁ ବଳି
ମଣିଷ ଜାତିଟା ଅଟେ
ଯାହାକୁ ସେ ଦିନେ ପୁଅ ପରି ପାଳେ
ସ୍ୱାର୍ଥ ପାଇଁ ମଥା କାଟେ ।

ଜୀବ ହତ୍ୟା ଏକ ମହାପାପ ବୋଲି
ପୁରାଣରେ ଅଛି ଲେଖା
ଜ୍ଞାନୀ ଗୁଣୀ ଜନ ଦେଲେବି ଭାଷଣ
କରନ୍ତି ତ ଅଣଦେଖା ।

ଆହେ ଗୁଣୀ ଜନ ହୁଅ ସଚେତନ
ସଂସାର ମଙ୍ଗଳ ପାଇଁ
ପ୍ରକୃତି କୋଳରେ ଭାରସାମ୍ୟ ରହୁ
ଜୀବ ହତ୍ୟା କର ନାହିଁ ।

♥ କେଶରପୁର,
ବକ୍ସି ବଜାର, କଟକ
(ମୋ) ୭୯୭୮୧୫୧୭୧୦

### ସଞ୍ଜ ହେଲେ ...

**ସୁସ୍ମିତା ଦାସ**

ସଞ୍ଜ ହେଲେ ସୁରୁଯ ଲୁଚେ ମାଆ
ମାଆ କୋଳରେ ଯାଇ
ନିମିଷେ ଆସେ ଅନ୍ଧାର ଭୂତ
କଳା ପୋଷାକ ନାଇ,
ଚଢ଼େଇ ଦଳ ଆସନ୍ତି ଫେରି
ଥଣ୍ଟେ ଅଧାର ଧରି-
ପିଲାଏ ବସି ପଢ଼ନ୍ତି ପାଠ
ଖେଳକୁ ପର କରି,
କେଉଁଠି ଥାଏ ଚେମିଣି ପକ୍ଷୀ
ପହଞ୍ଚି ଯାଏ ଆସି-
ମଶା ମାନଙ୍କୁ ଖାଇଣ ସିଏ
କରଇ ମନ ଖୁସି ।
ବୁଢ଼ୀମା ପାଶେ ଜମଇ ଭିଡ଼
ନାତି ନାତୁଣୀଙ୍କର-
ଛୁଟଇ ସେଠି କାହାଣୀ ସୁଅ
ଆହାକି ମଜାଦାର,
ମହକି ଯାଏ ରଜନୀଗନ୍ଧା
ମଳୟ ଗାଏ ଗୀତି-
ସବୁଠି ଭରେ ଖୁସିର ଭାବ
ପରାଣ ଯାଏ ମାତି ।
ଏମିତି ନିତି ଆସଇ ସଞ୍ଜ
ହୋଇଣ ସଜବାଜ-
ଲେଉଟେ ପୁଣି ନିଜ ଘରକୁ
ଚଢିଣ ପକ୍ଷୀରାଜ ।

♥ କଣ୍ଟାବଣିଆ, ଛତ୍ରପଡ଼ା,
ପ୍ରୀତିପୁର, ଯାଜପୁର,
ପିନ-୭୫୫୦୧୩

### ତୁମେ ...

**ରତ୍ନକାନ୍ତି ମିଶ୍ର**

ତୁମେ ଉଚ୍ଚାଟିତ ଓଁକାର ଶବଦେ
ହୃଦୟର ପରିଭାଷା
ମୁକ୍ତ ଭାବନାର ପାରିଜାତ ବନେ
ମହାମିଳନର ଆଶା ।

ତୁମେ ନିଃଶ୍ୱାସର ଲେଉଟାଣି ସୀମା
ପ୍ରଶ୍ୱାସର ଗତିପଥ
ଚିନ୍ତା ଚେତନାରେ ଅଭିଲେଖ ମୋର
ଭାଗ୍ୟ ଆଉ ଭବିଷ୍ୟତ ।

ମୋ ମନ ଜଗତେ ଜାଗରିତ ତୁମେ
ଉଜ୍ଜ୍ୱଳ ଆଲୋକ ଦିଶା
ଶରୀର ବେଦୀରେ ସଂକଳ୍ପିତ ମନ୍ତ୍ର
ଭାବମୟ ଅଭିଳାଷା ।

ତୁମେ ବିଶ୍ୱାସର ପୂର୍ଣ୍ଣ ଅନ୍ତଃସ୍ଥଳ
ବିଧି ବିଧାନର ରୂପ
ତୁମେ ସମ୍ପର୍କର ଆତ୍ମୀୟତା ରଙ୍ଗ
ତୁମ ଦାନ ପରିବ୍ୟାପ୍ତ ।

ଏଇ ମୋ ପ୍ରାଣର ପଦ୍ମରାଗ ପ୍ରୀତି
ଅଦୂର ବନ୍ଧନ ନିଶା
ତୁମେ ଭରସାର ଚିର ଆକାଂକ୍ଷିତ
ମଧୁମୟ ଜିଜୀବିଷା ।

ସମୟ ସ୍ରୋତରେ ହସ ଲୁହ ଭରା
ବେଗମୟ ଅନୁଭୂତି
ଶୀତଳ ବୁକୁରେ ମହାମୋହ ତୁମେ
ଉଜ୍ଜୀବିତ ପ୍ରତିଶ୍ରୁତି ।

♥ ଆଳି ,କେନ୍ଦ୍ରାପଡା

### ହେ ନେତାଜୀ ...

**ଲୀଳାବତୀ ପରିଡ଼ା**



ଉତ୍କଳର ବୀର ବିପ୍ଳବୀ ନେତାଜୀ
ସେ ସୁଭାଷ ଚନ୍ଦ୍ର ବୋଷ,
ଜନ୍ମଜୟନ୍ତୀରେ ଅର୍ପୁଛୁ ଚରଣେ
ଦେଇ କୁସୁମ ସୁବାସ ।

ଅଠରଶ ସତାନବେ ମସିହାର
ଜାନୁଆରୀ ତେଇଶିରେ,
ଜନ୍ମ ଲଭିଥିଲେ କଟକସହର
ସେ ଓଡ଼ିଆ ବଜାରରେ ।

ଜାନକୀ ନାଥ ଓ ପ୍ରଭାବତୀ ଦେବୀ
ପିତାମାତାଙ୍କ କୋଳରେ,
ନବମ ସନ୍ତାନ ଭାବେ ଜନ୍ମ ନେଇ
ବଢ଼ିଲେ ସ୍ନେହଶ୍ରଦ୍ଧାରେ ।

ଗୌରବଦୀପ୍ତ ସେ ନିର୍ଭୀକ ପୁରୁଷ
ଅଗ୍ନିବର୍ଷୀ ନେତାବୀର,
'ଆଜାଦ ହିନ୍ଦ ଫଉଜ' ଗଠନର
ଥିଲେ ସେ ଯେ କର୍ଣ୍ଣଧାର ।

'ଦିଲ୍ଲୀ ଚଲୋ' 'ମୋତେ ରକ୍ତ ଦିଅ'
ମୁହିଁ ଆଣି ଦେବି ସ୍ୱାଧୀନତା,
କ୍ରାନ୍ତିକାରୀ ଉକ୍ତି ପ୍ରତି ଭାରତୀୟ
ପ୍ରାଣେ ଭରେ ମାଦକତା ।

ଫିରିଙ୍ଗି ଶାସନ କବଳୁ ଭାରତ -
ମାତାକୁ ମୁକ୍ତି ଦେବାକୁ,
'ଚରମପନ୍ଥୀ'ର ବାଣୀ ଶୁଣାଇ ସେ
ଲଢୁଥିଲେ ଜିତିବାକୁ ।

ଜିତିଲା ଭାରତ ଉଡ଼ିଲା ତ୍ରିରଙ୍ଗା
ଫିରିଙ୍ଗି ଯେ ଗଲେ ହଟି,
ସ୍ୱାଧୀନ ସୂରୁଜ ଉଦୟ ପୂର୍ବରୁ
ବୀର ଗଲ ତୁମେ ଲୋଟି ।

ଶୁଣାଯାଏ ଯାହା,ଉଣେଇଶ ଶହ ମସିହା
ପଇଁଚାଳିଶ,
ବିମାନ ଦୁର୍ଘଟଣାରୁ ଯେ ନିଖୋଜ
ରହିଛି ରହସ୍ୟାବୃତ୍ତ ।

ରବୀନ୍ଦ୍ର ନାଥ ଟାଗୋର ସମ୍ବୋଧନେ
କହିଲେ ନେତାଜୀ ବୋଲି,
ଚିର ଅମ୍ଳାନ ଆହେ ଯୁଗ ପୁରୁଷ
ଝୁରୁଛି ଭାରତ ଖାଲି ।

ଉତ୍କଳ କଟକ ଧନ୍ୟ ହୋଇଥିଲା
ତୁମ ପରି ପୁଅ ପାଇ,
ନମୁଛୁ ପୟରେ ଜନ୍ମ ଜୟନ୍ତୀରେ
ଆସ, ଆଉ ଥରେ ବୀର ହୋଇ ।

♥ କୁଟୁଣିଆଁ, ହିନ୍ଦୋଳ, ଢେଙ୍କାନାଳ
(ମୋ) ୯୮୬୧୯୪୫୬୨୬

### ବନ ବାଣୀ...

**ଟିକେମଣି ବୁଧିଆ**

ପ୍ରକୃତିରେ ଭରା ବନାନୀର
ସୌନ୍ଦର୍ଯ୍ୟ ରୂପ ଆଉ,
ପକ୍ଷୀ ମାନଙ୍କର ସେ ମିଠା କଣ୍ଠସ୍ୱର
ବନରେ ଶୋଭା ଯାଉନି ଆଉ ।
ବନରେ ଗୀତ ଗାଉଥିବା

ଘଞ୍ଚ ବନାନୀର ସ୍ୱର,
କୁଳୁକୁଳୁ ନାଦେ ଝରି ଯାଉଥିବା
ସେ ଝରଣାର ମିଠା କଣ୍ଠସ୍ୱର ।

ଖାଲି ଖାଲି ଲାଗେ
ଏ ବର୍ତ୍ତମାନର ବନାନୀ,
ମନ୍ୟ ଜନ୍ତୁଙ୍କ ନୟନରୁ ଲୁହ
ଯେତେ ପୋଛିଲେ ବି ପୋଛି ହେଉନି ।

ଏ ଦୃଶ୍ୟ ଦେଖିଲେ
ନିଜକୁ ବହୁତ ଦୁଃଖ ଲାଗୁଛି,
ସେ ପ୍ରାକୃତିକ ଭରା ଦୃଶ୍ୟ
ଧ୍ୱଂସ ପାଇବାକୁ ବସୁଛି ।
କେବେ ଆଉ ଫେରିବ
ସେ ଘଞ୍ଚ ବନାନୀର ସ୍ୱର,
କୁଳୁକୁଳୁ ନାଦେ ଝରି ଯାଉଥିବା
ସେ ଝରଣା ଗୁଡ଼ିକର,
ପ୍ରାକୃତିକ ଭରା ସୌନ୍ଦର୍ଯ୍ୟ ରୂପ
ଆଉ ସେ ପକ୍ଷୀମାନଙ୍କର ମିଠା କଣ୍ଠସ୍ୱର ?

♥ ଗୋଲାମୁଣ୍ଡା, କଳାହାଣ୍ଡି
ମୋ: ୭୭୪୯୦୦୯୦୬୧

## ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ

**ଡ. ସିନ୍ଧୁ ସେନ**



ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...

**ଭାଗ-୪୫**

ମୋର ତେବେ ଆଉ ଏକ ପରାମର୍ଶକୁ ମନେରଖ । ଦାନ ଦେବାପାଇଁ ତୁମେ ଯଦି ଦୃଢ଼ପ୍ରତିଜ୍ଞ ତେବେ ଏତିକି କରିବ, ଇନ୍ଦ୍ରଙ୍କୁ ଦାନ ଦେଇ ସାରିବା ପରେ ସେ ତୁମକୁ ପ୍ରତିଦାନ ଦେବାପାଇଁ ଚାହିଁବେ । ଆଉ ସେତିକିବେଳେ ତୁମେ ତାଙ୍କଠାରୁ ମହାଶକ୍ତି ମାଗିନେବ । ଯେଉଁ ମହାଶକ୍ତି ତୁମର ହଜିଲା ଶକ୍ତିକୁ ଫେରାଇଦେବାରେ ସକ୍ଷମ ହେବ । ତୁମେ ପୁନଶ୍ଚ ହେବ ଶକ୍ତିମାନ ।

ହଁ, ଦୁର୍ଯ୍ୟୋଧନର ମିତ୍ର ମୁଁ । ମୋର କିନ୍ତୁ ଲକ୍ଷ୍ୟହେଉଛି ଅର୍ଜୁନଙ୍କ ପ୍ରତିଦ୍ୱନ୍ଦ୍ୱୀ ହୋଇ ଠିଆହେବା । ଆଗକୁ ସମ୍ଭାବ୍ୟ ବିପଦକୁ ଜାଣି ସୂର୍ଯ୍ୟଦେବ ମୋତେ ସତର୍କ କରାଇ ଦେଇଛନ୍ତି । ଏଥିରୁ ସ୍ପଷ୍ଟ ହୋଇଗଲା ଯେ, ସୂର୍ଯ୍ୟଦେବ ମୋ ଉପରେ ପ୍ରସନ୍ନ । କୃତଜ୍ଞତାରେ ମୋ ମୁଣ୍ଡ ନଇଁ ଯାଉଥିଲା । ତଥାପି ମନରେ ଉଙ୍କି ମାରୁଥିଲା ଅନ୍ୟ ଏକ ସଂଶୟ । ଦାନରେ ହିଁ ମୋର ତୃପ୍ତି, ମୋର ସନ୍ତୋଷ । ଦାନ ହିଁ ପରମ ଧର୍ମ । ଏ ଦେହରେ ଶେଷ ରକ୍ତବିନ୍ଦୁ ଥିବାପର୍ଯ୍ୟନ୍ତ ମୋତେ ଦାନ କରିବାକୁ ଆଶୀର୍ବାଦ କରନ୍ତୁ ଇନ୍ଦ୍ରଦେବଙ୍କ ଠାରୁ ମୁଁ କିଛି ମାଗିନେଇ ପାରିବି କି ନାହିଁ ଜାଣେନା । ତେବେ ସେ ଯାହା ମାଗିବେ ମୋତେ ତ ନିଶ୍ଚିତ ଦେବାକୁ ପଡ଼ିବ ।

ବିସ୍ମୟରେ ମୋ ଆଡ଼କୁ ଚାହିଁଲେ ସୂର୍ଯ୍ୟଦେବ । ବୋଧହୁଏ ମୋର ନିଷ୍ଠାର ପରୀକ୍ଷା କରୁଥିଲେ । କହିଲେ କର୍ଣ୍ଣ, ତୁମ ଧର୍ମ, ନିଷ୍ଠାର ପଟାନ୍ତର ନାହିଁ । ତୁମେ ଦୀର୍ଘାୟୁ ହୁଅ । ମହାଦାନୀର ଗୌରବରେ ଗୌରବାନ୍ୱିତ ହୁଅ । ତୁମ ଦାନ ଧର୍ମର ପରାକାଷ୍ଠା ଯୁଗଯୁଗ ପାଇଁ ତୁମକୁ ଅମର କରୁ । ଏତକ ଆଶୀର୍ବାଦ କରି ପରମୁହୂର୍ତ୍ତରେ ସେ ଲୀନ ହୋଇଗଲେ ସୂର୍ଯ୍ୟମଣ୍ଡଳ ମଧ୍ୟରେ ।

ହଠାତ୍ ମୋ ନିଦ୍ରା ଭାଂଗିଗଲା । ମୋ ଚତୁର୍ଦ୍ଦିଗରେ ଅନୁଭବ କଲି ଏକ ଦିବ୍ୟ ସୁଗନ୍ଧ । ତେବେ ସତରେ କ'ଣ ସୂର୍ଯ୍ୟଦେବ ମୋ କୋଠରିକୁ ଆସିଥିଲେ ? ସ୍ୱପ୍ନରେ ଏତେକଥା କହି ଚାଲିଗଲେ । ମୁଁ ମୋ ରୁଦ୍ଧକୋଠରିର ଗବାକ୍ଷ ସବୁ ଖୋଲିଦେଲି । ଉଦିତ ସୂର୍ଯ୍ୟର ଆଦ୍ୟକିରଣ ପଶି ଆସୁଥିଲା ମୋ କକ୍ଷ ମଧ୍ୟକୁ । ତରତରରେ ଉଠି ନିତ୍ୟକର୍ମ ସାରିଲି । ମୋ ମନରୁ କିନ୍ତୁ ଗତ ରାତ୍ରିର ସ୍ୱପ୍ନ ଲିଭି ନଥିଲା । ସେ ଘଟଣାସବୁ ମୋ ମନକୁ ଆନ୍ଦୋଳିତ କରୁଥିଲା । ବାସ୍ତବରେ କ'ଣ ସେ ସ୍ୱପ୍ନ ସତ୍ୟ ? ନା ମୋ ଅବଚେତନ ମନର ଏକ ବିକାର ମାତ୍ର । ମୁଁ ନିଜେ ମୋ ବକ୍ଷଦେଶରେ ହାତବୁଲାଇ ଦେଖିନେଲି । ସବୁ ଠିକ୍ ଅଛି । କବଚ କୁଣ୍ଡଳ ସବୁ ଯେଉଁଠି ଯାହା ରହିବା କଥା ସବୁ ଠିକ୍ ଅଛି । ତେବେବି ତ ମନର ଆଶଙ୍କା । କେହି ଯଦି ଏହାକୁ ମୋ ନିକଟରୁ ମାଗିନେବାକୁ ଆସେ ତେବେ ମୁଁ କ'ଣ କରିବି । ଆଶଙ୍କା ଆଉ ଭୟରେ ମୋ ମନ ଅସ୍ଥିର ହେଉଥିବାବେଳେ, ମୋ ଭିତରୁ ମୋ ବିବେକ ହିଁ ମୋତେ ଯେମିତି କହୁଥିଲା, ଏମିତି ଭାଂଗିପଡ଼ିଲେ ଚଳିବ ଅଂଗରାଜ । ଜୀବନରେ ଏମିତି ପରୀକ୍ଷାର ମୁହୂର୍ତ୍ତ ଅନେକ ଆସିବ । ମଣିଷ ଜୀବନ ଗୋଟାଏ ଗୋଟାଏ ପରୀକ୍ଷା । ଏଇ ଗୋଟାଏ ପରୀକ୍ଷା କ'ଣ ଜୀବନର ଶେଷ ପରୀକ୍ଷା ? ଆଗକୁ ତ ରହିଛି ଏମିତି ଅନେକ ପରୀକ୍ଷା । କିଏ ଜାଣେ, ପରୀକ୍ଷା ନାମକ ଶବ୍ଦଟି କର୍ଣ୍ଣ ଜୀବନରେ କେତେଥର ଯେ ଆସିବ । ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ନ ହେବା ତ ପରକଥା ମାତ୍ର ସମ୍ମୁଖୀନ ପରୀକ୍ଷା ପାଇଁ ଆଗାମୀ ଦିନରେ ନିଜକୁ ପ୍ରସ୍ତୁତ ରହିବାକୁ ପଡ଼ିବ ।

- ଚାଳିଶ -

କାଳ ପୁଣି ମହାକାଳ । ସମୟର କଷଟିପଥରେ ସବୁକିଛି ମହାକାଳ ଦ୍ୱାରା ନିୟନ୍ତ୍ରିତ । କାହାପାଇଁ ସେ ପାଲଟିଯାଏ ସୌଭାଗ୍ୟ ଅବା ଦୁର୍ଭାଗ୍ୟ । ତଥାପି ସେ ଅଦୃଷ୍ଟ । ହଠାତ୍ ଉପସ୍ଥିତ ହୁଏ ତଥାପି, ସେହି ମହାକାଳ ଦ୍ୱାରା ଆମେ ସବୁ ବନ୍ଧା । ମୁକ୍ତି ପାଇବାର ବାଟ ରୁଦ୍ଧ । ମଣିଷ ଯାହା ଚାହେଁ, ଯାହା ଭାବେ, ତାହା ସଫଳ ହୁଏନା ବରଂ ଅନ୍ୟକିଛି ଘଟଣା ଘଟିଯାଏ ।

ମୋ ଜୀବନ ଇତିହାସରେ ସେମିତି କିଛି ଓଲଟପାଲଟ ହୋଇଯାଇଥିଲା । କବଚ କୁଣ୍ଡଳ ମୋ ଶରୀରର ଅଂଶବିଶେଷ । ଯାହା ମୋର ଜନ୍ମଜାତ । ଯେଉଁଥିପାଇଁ ମୁଁ ଥିଲି ଚର୍ଚ୍ଚିତ । ମୋ ରାଧାମାତା ମଧ୍ୟ ମୋ ଦେହରେ ହାତବୁଲାଇ ବାରମ୍ବାର ପରଖି ନେଉଥିଲେ । ତାଙ୍କ ମନରେ ବୋଧହୁଏ ସନ୍ଦେହ ଥିଲା କେହି ତାକୁ ନେଇଯାଇନି ତ ? ପିତାମହ ଭୀଷ୍ମ ମୋ ଆଡ଼କୁ ଅନାଇଲାବେଳେ ଲକ୍ଷ୍ୟ କରୁଥିଲି, ମୋତେ ଯେତେ ନୁହେଁ, ମୋ କବଚ କୁଣ୍ଡଳ ପ୍ରତି ତାଙ୍କର ଥିଲା ସ୍ୱତନ୍ତ୍ର ଦୃଷ୍ଟି । ଏମିତି ଅନେକେ ମୋର ଏହି ଦୁଇଟି ଲୋଭନୀୟ ବସ୍ତୁ ପ୍ରତି ଆକର୍ଷିତ ହେଉଥିଲେ । ମୁଁ କିନ୍ତୁ ଜାଣେନା, କେବେ କିଏ କେମିତି ଏହି ଦୁଇଟି ଅମୂଲ୍ୟ ଦ୍ରବ୍ୟ ମୋ ଶରୀରରେ ଖଞ୍ଜି ଦେଇଥିଲା । ବଡ଼ହେଲା ପରେ ଜାଣିଲି ଏହି କବଚ କୁଣ୍ଡଳ ପାଇଁ ମୁଁ ଅନ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର, ଭିନ୍ନ । ପିଲାଦିନେ ସାଥୀ ପିଲାମାନଙ୍କ ସଂଗେ ଖେଳିଲାବେଳେ ଅନେକେ ମୋ ଦେହରେ ହାତବୁଲାଇ ଆଶ୍ଚର୍ଯ୍ୟ ଦୃଷ୍ଟିରେ ମୋତେ ଅନାଇ ରହୁଥିଲେ । ମୋର ନିଜସ୍ୱ ଅହଂଭାବ ଥିଲା କେବଳ ସେଇଥିପାଇଁ । ଯାହା ଅନ୍ୟମାନେ ପାଇନାହାଁନ୍ତି ତାହା ମୋତେ ମିଳିଥିଲା । ତେଣୁ ମୋ ମନରେ ଗର୍ବ ହେବା ସ୍ୱାଭାବିକ । ତେବେ କବଚ କୁଣ୍ଡଳର ଶକ୍ତି ଏତେ ତାହା ଜାଣିଲି ଯେଉଁଦିନ ସ୍ୱପ୍ନପୁରୁଷ ମୋତେ ସ୍ୱପ୍ନରେ ତାର ସ୍ୱାତନ୍ତ୍ର୍ୟତା ବିଷୟରେ କହିଲେ । ସେଦିନ ମୋ ଚେତନାକୁ ଆସିଲା ମୁଁ ଯାହାକୁ ସାମାନ୍ୟ ଭାବୁଥିଲି ତାହା ସାମାନ୍ୟ ନୁହେଁ, ଅସାମାନ୍ୟ । ମିତ୍ର ଦୁର୍ଯ୍ୟୋଧନ କହୁଥିଲେ ସଖା କର୍ଣ୍ଣ, କବଚକୁଣ୍ଡଳ ତୁମ ଶରୀରର ଅଭେଦ୍ୟ ଅଂଗ । ତାହାହିଁ ତୁମର ଶକ୍ତି ଓ ବୀରତ୍ୱର ପ୍ରମାଣ । ଏତେସବୁ ପରେ ମଧ୍ୟ ସେହି ଅଭିନ୍ନ ଅଂଗ ଦୁଇଟି ମୋ ଠାରୁ କପଟ କରି କାଢ଼ି ନିଆଯିବ, ସେ କଥା ମୁଁ କ'ଣ କେବେ ଭାବିଥିଲି ।

ସ୍ୱପ୍ନପୁରୁଷ କଥା ସେଦିନ ସତ୍ୟରେ ପରିଣତ ହୋଇଗଲା । ଯେଉଁଦିନ ଛଳକରି ମୋ ଶରୀରରୁ ସେତକ କାଢ଼ି ନିଆଗଲା । ସେଭଳି ନିଷ୍ଠୁରତାକୁ ନିରବରେ ମୋତେ ସହିବାକୁ ପଡ଼ିଲା । ତୀକ୍ଷ୍ଣ ଛୁରିକା ଦ୍ୱାରା ମୋ ଶରୀରର ଅଭିନ୍ନ ଅଂଶକୁ ନିଜ ହାତରେ କାଟି ମୁଁ ଦାନସୂତ୍ରରେ ଟେକି ଦେଇଥିଲି ଛଦ୍ମବେଶୀ ଇନ୍ଦ୍ରଙ୍କ ହାତରେ । ଏଭଳି ଜଘନ୍ୟ ଅପରାଧ କରିବାକୁ ଇନ୍ଦ୍ରଙ୍କ ମନରେ କାଣିଚାଏ ମଧ୍ୟ କ୍ଷୋଭ ନଥିଲା । ବରଂ ହାତବଢ଼ାଇ ମୋ ଦାନକୁ ଅଯାଚିତ ଭାବେ ସେ ଗ୍ରହଣ କରିନେଇଥିଲେ । ସେ ଘଟଣା ମୋର ସମଗ୍ର ଜୀବନ ଇତିହାସରେ ଏକ ରକ୍ତଲିପ୍ତ ଅଲିଭା ସ୍ୱାକ୍ଷର ।

ସେହି ଦୁଃଖଦ ଘଟଣା ପାଇଁ ଏବେବି ତିଳତିଳ କରି ଜଳୁଛି । ସବୁଦିନ ପରି ସେଦିନ ମଧ୍ୟ ସୂର୍ଯ୍ୟ ନମସ୍କାର ସାରି ଦାନମଣ୍ଡପରେ ଦାନ କରୁଥିଲି । ସମସ୍ତ ପ୍ରାର୍ଥୀ ଚାଲିଗଲା ପରେ ମୁଁ ଯିବାକୁ ବାହାରିଛି । ଏହି ସମୟରେ ଦୂରରୁ ଏକ କ୍ଷୀଣ କଣ୍ଠସ୍ୱର ଶୁଭିଲା । କେହିଜଣେ ଆଶାୟୀ ପ୍ରାର୍ଥୀ ଦାନ ପାଇଁ ରହି ଯାଇଛନ୍ତି ଭାବି ଅଟକିଗଲି । ଦେଖିଲି ଜଣେ ବୃଦ୍ଧ ବ୍ରାହ୍ମଣ ଧୀରେଧୀରେ ମୋ ଆଡ଼କୁ ଅଗ୍ରସର ହେଉଛନ୍ତି ବୟସ ଭାରରେ ନଇଁ ଯାଇଥିଲା ତାଙ୍କ ଶରୀର । ବହୁକଷ୍ଟରେ ସେ ଆସି ଦାନମଣ୍ଡପ ନିକଟରେ ଠିଆ ହେଲେ । ମୁଁ ପ୍ରଣାମ କରିବା ମାତ୍ରେ ହାତଉଠାଇ ମୋତେ ଆଶୀର୍ବାଦ କଲେ ।

କୁହନ୍ତୁ, ଆପଣଙ୍କର କ'ଣ ଦରକାର ।

ମାଗିବା ପୂର୍ବରୁ ବଚନ ଦିଅ ଯେ ମୁଁ ଯାହା ମାଗିବି ଦେଇ ପାରିବ ତ ? ଅନ୍ୟମାନଙ୍କ ଠାରୁ ମୋ ମାଗିବା ଦାନ ସଂପୂର୍ଣ୍ଣ ଭିନ୍ନ ।

ଆଜି ପର୍ଯ୍ୟନ୍ତ ଏଭଳି କଥା କୌଣସି ପ୍ରାର୍ଥୀଙ୍କ ଠାରୁ ଶୁଣି ନଥିଲି । ତଥାପି କର୍ଣ୍ଣ ଦବିଯିବାର ନୁହେଁ, ହାରିଯିବା ତା ନିକଟରେ ଶୋଭାପାଏନା । ତେଣୁ ନିର୍ଭୟରେ କହିଲି କର୍ଣ୍ଣ ନିକଟରେ ଅଦେୟ ବୋଲି କିଛି ନାହିଁ, ମାଗିଲେ ମୁଁ ଜୀବନ ଦାନ କରିଦେଇପାରେ ।

ସାମାନ୍ୟ ଗମ୍ଭୀର ହୋଇଗଲେ ସେ କହିଲେ ଅଂଗରାଜ, ଯାହା କହୁଛ ଭାବିଚିନ୍ତି କହୁଛ ତ ? କହିବା ଯେତେ ସହଜ କରିବା କିନ୍ତୁ ନୁହେଁ ।

ମୋର କିନ୍ତୁ କବଚ କୁଣ୍ଡଳ ଦରକାର ।

ମୋର କବଚ କୁଣ୍ଡଳ ସହ ଏ ବ୍ରାହ୍ମଣର ସମ୍ପର୍କ କ'ଣ ?

ଏହାର ଅନ୍ୟ କିଛି ମନ୍ଦ ଉଦ୍ଦେଶ୍ୟ ନାହିଁ ତ ? ମନେମନେ ସ୍ୱପ୍ନପୁରୁଷଙ୍କ ଉକ୍ତିକୁ ରୋମନ୍ଥନ କରୁଥିଲି କେବଳ । ତଥାପି କହିଲି, ଦେଖନ୍ତୁ କବଚ କୁଣ୍ଡଳ ତ ମୋର ଶରୀରର ଅଂଗ, ଯାହା ମୋର ଜନ୍ମଜାତ । ଏହାକୁ ମୋ ଶରୀରରୁ ଭିନ୍ନକରି ମୁଁ ଦେବି କେମିତି ? ବରଂ ତା ବିନିମୟରେ ଆପଣ ମୋ ଠାରୁ ମୋ ରାଜ୍ୟ, ସାମ୍ରାଜ୍ୟ, ଧନସମ୍ପତ୍ତି ଯାହା ମାଗିଲେ ଦେବାକୁ ପ୍ରସ୍ତୁତ ଅଛି ।

ଦାନ କେମିତି ଦେବ, ସେ କଥା ମୁଁ ଜାଣେନା ମାତ୍ର ଦାନ ଦେବାଲାଗି ତୁମେ ବଚନବଦ୍ଧ । ମୋର କିନ୍ତୁ ସେହି ଦାନ ହିଁ ଆବଶ୍ୟକ । ଅନ୍ୟ କିଛି ନୁହେଁ ।

ଏଭଳି ଅଦ୍ଭୁତ ଦାନର ପ୍ରାର୍ଥନା ଶୁଣି ମୋ ସହ ଉପସ୍ଥିତ ଥିବା ରାଜକର୍ମଚାରୀ ମାନେ ସ୍ତମ୍ଭିତ । ସେଦିନ ରାତ୍ରିକାଳରେ ସ୍ୱପ୍ନରେ ସୂର୍ଯ୍ୟଦେବ ଯାହା କହିଥିଲେ, ତାହା ଏବେ ଘଟିବାକୁ ଯାଉଛି । ମୋର ଆଉ ପ୍ରତ୍ୟାଖ୍ୟାନ କରିବାର ଅବକାଶ ମଧ୍ୟ ନଥିଲା । ବୃଦ୍ଧବେଶୀ ବ୍ରାହ୍ମଣ ଯେ ସ୍ୱୟଂ ଇନ୍ଦ୍ର, ଯିଏ ତାଙ୍କର ପୁତ୍ର ସବ୍ୟସାଚୀର ସୁରକ୍ଷା ପାଇଁ ଏତେବଡ଼ ଚକ୍ରାନ୍ତ କରିବାକୁ ମଧ୍ୟ ପଛାଇ ନାହାଁନ୍ତି । ମନରେ କ୍ଷୋଭ ଜାଗୁଥିଲେ ମଧ୍ୟ, ପୁତ୍ର ପ୍ରତି ପିତାର ମମତ୍ୱ ଆଗରେ ମୋ ମୁଣ୍ଡ ନଇଁ ଯାଉଥିଲା । ସତରେ ଅର୍ଜୁନ କେତେ ଭାଗ୍ୟବାନ ? ନହେଲେ କେହି ଦେବତା କ'ଣ କେବେ ପୁତ୍ରର ଜୀବନର ରକ୍ଷାକବଚ ପାଇଁ ଅନ୍ୟଜଣଙ୍କ ଜୀବନକୁ ବିପନ୍ନ କରିପାରେ ? ଆର୍ଯ୍ୟାବର୍ତ୍ତର ଶ୍ରେଷ୍ଠ ଧନୁର୍ଦ୍ଧାରୀ ଦ୍ରୋଣ ଶିଷ୍ୟ ଅର୍ଜୁନ । ତାଙ୍କର ପୁଣି କର୍ଣ୍ଣକୁ ଭୟ । ସମ୍ମୁଖ ସମରରେ ମୋ ଠାରୁ ହାରିଯିବା ଭୟରେ ଶେଷରେ ଏଭଳି ନିଷ୍ଠୁର ଛଳନା, ଷଡ଼ଯନ୍ତ୍ର ।



ଅଥଚ ମୁଁ ହତଭାଗା କର୍ଣ୍ଣ । ସୂତ ଅଧିରଥ ପାଳିତ ପୁତ୍ର ରାଧେୟ । ମୋ ଜୀବନର ସୁରକ୍ଷା ପାଇଁ କାହିଁ କେହି ବି ତ ଆଗେଇ ଆସିଲେନି । ମୋର ମଧ୍ୟ ଜଣେ ଜନ୍ମିତ ପିତା ଥିଲେ, ମାତା ଥିଲେ । ତେବେ ମୋ ପ୍ରତି ସେମାନଙ୍କର ଏଭଳି ଉଦାସୀନତାର ମାନେ କ'ଣ ହୋଇପାରେ ?

ସ୍ୱପ୍ନରେ କେବଳ ସତର୍କ କରାଇଦେଲେ କ'ଣ ତାଙ୍କର କର୍ତ୍ତବ୍ୟ ସରିଗଲା । ମୋ ମନରେ ବାରମ୍ବାର ପ୍ରତିଧ୍ୱନିତ ହେଉଥିଲା ସୂର୍ଯ୍ୟଦେବଙ୍କ ପ୍ରତିଟି ବାକ୍ୟ । ଯେତେ ବିପଦ ଆସୁ କବଚ କୁଣ୍ଡଳକୁ କେବେ ଦାନ ଦେବନାହିଁ କର୍ଣ୍ଣ ।

ମୁଁ କିନ୍ତୁ କ'ଣ କରିବି ? ଚିର ଲାଞ୍ଛିତ ଉପେକ୍ଷିତ କର୍ଣ୍ଣ ପୁଣି ଦାନ ନଦେଇ ଆଉ ଏକ କଳଙ୍କର ଭାଗୀଦାର ହେବ । ଆଗାମୀ ଇତିହାସ ହୁଏତ କହିବ କର୍ଣ୍ଣ ଦାନୀ ନୁହେଁ, ବରଂ ସ୍ୱାର୍ଥାନ୍ଧ ପୁରୁଷ । ନା ନା ଏ ସବୁ ସହ୍ୟ କରିବା କର୍ଣ୍ଣ ପାଇଁ ଅସମ୍ଭବ । କର୍ଣ୍ଣ ଜନ୍ମ ନେଇଛି ମାନେ ନିଶ୍ଚିତ ଦିନେ ମରିବ । କିନ୍ତୁ କଳଙ୍କର ବୋଝ ନେଇ ନୁହେଁ, ସ୍ୱାଭିମାନର ସହ ବଞ୍ଚିବ ଆଉ ମରିବ ମଧ୍ୟ ।

ଦାନ ନ ପାଇ ଇନ୍ଦ୍ରଦେବ ହୁଏତ ଫେରିଯିବେ । ମାତ୍ର ଏଥିପାଇଁ ସାରାଜଗତରେ ମୁଁ ହେବି ସମାଲୋଚିତ । ଆଉ ମୁଁ ଯଦି ପ୍ରକୃତରେ ବୀର ହୋଇଥିବି ତେବେ ବିନା କବଚକୁଣ୍ଡଳରେ ମଧ୍ୟ ଦୁଇବାହୁ ବଳରେ ହେବି ବଳୀୟାନ୍ । ତେଣୁ ଦାନ ଦେବାରେ କାର୍ପଣ୍ୟ କରିବି କାହିଁକି ? ତା ଠାରୁ ଯଥେଷ୍ଟ ଭଲ ହେବ, ଇନ୍ଦ୍ରଦେବଙ୍କୁ ଦାନ ଦେଇ ତାଙ୍କୁ ସର୍ବସମ୍ମୁଖରେ ଛୋଟ କରିଦେବି । ସାରାଜଗତ ଜାଣିବ ଦେବତା ଠାରୁ ମଣିଷ ଶ୍ରେଷ୍ଠ । ସ୍ୱର୍ଗର ଅଧିପତି ମାଟିର ମଣିଷ ପାଖରେ ଭିକ୍ଷାଥାଳ ଧରି କିଭଳି ଦାନପ୍ରାର୍ଥୀ । ତେଣୁ ପଛଘୁଞ୍ଚା ନଦେଇ ନିଜ ଅଣ୍ଟିରୁ ଛୁରିକା କାଢ଼ି ମୋ କବଚ କୁଣ୍ଡଳକୁ ମୋ ଶରୀରରୁ ଛିନ୍ନକରି ତାଙ୍କ ପାଦତଳେ ସମର୍ପି ଦେଲି । ଶରୀରରୁ ରକ୍ତକ୍ଷରଣ କମି ନଥାଏ । ତଥାପି ସମସ୍ତ ଯନ୍ତ୍ରଣାକୁ ନିଜ ଭିତରେ ଚପିରଖି ନିଜକୁ ସଂଯତ କରିଦେଲି । ଦେଖିଲି, ମୋ ଠାରୁ ହାତପାତି ଦାନଗ୍ରହଣ କରିଥିବା ବୃଦ୍ଧ ବ୍ରାହ୍ମଣ ଜଣକ ସ୍ଥାନରେ ଏବେ ଠିଆ ହୋଇଛନ୍ତି ଏକ ଅପରୂପ ଦେବମୂର୍ତ୍ତି । ସାରା ମଣ୍ଡପ ତାଙ୍କ ତେଜରେ ଉଦ୍ଭାସିତ ହୋଇ ଉଠୁଥିଲା ।

ମୁଁ ଦେବରାଜ ଇନ୍ଦ୍ର । ଆଜି ଯାହା ଦାନ ଦେଲ, ତାହା ପୂର୍ବରୁ ନା କେହି ଦେଇଥିଲେ ନା ଦେବେ । ଭବିଷ୍ୟତରେ ମଧ୍ୟ ଏଭଳି ଦାନ ଦୁର୍ଲଭ ।

ହେ ମହାବୀର କର୍ଣ୍ଣ, ଯୁଗଯୁଗ ଧରି ତୁମର ଏହି ଦାନର ଗାରିମା ଇତିହାସ ସୃଷ୍ଟିକରୁ । ଆଶୀର୍ବାଦ କରୁଛି ତୁମେ ଯଶସ୍ୱୀ ହୁଅ ।

ଆପଣଙ୍କ ଭଳି ଜଣେ ମହାନ୍ ଦେବତାଙ୍କ ମୋ ଦାନମଣ୍ଡପରେ ପାଦ ପଡ଼ିଛି । ଏହାଠାରୁ ବଳି ସୌଭାଗ୍ୟ ଆଉ କ'ଣ ଥାଇପାରେ ?

ଏତକ କହି ତାଙ୍କୁ ମୁଣ୍ଡନୁଆଇଁ ପ୍ରଣାମ କରିବାକୁ ଯାଉଛି, ସେ କହିଲେ, ମୁଁ ତୁମ ଉପରେ ସନ୍ତୁଷ୍ଟ କର୍ଣ୍ଣ । ଏଭଳି ମହତ୍ ଦାନର ପ୍ରତିଦାନ ମୁଁ ଦେବାକୁ ଚାହେଁ । କ'ଣ ମାଗୁଛ, ମାଗ ।

ହେ ଇନ୍ଦ୍ରଦେବ । ଆଜିର ଦାନମଣ୍ଡପରେ ଆପଣ ଜଣେ ପ୍ରାର୍ଥୀ । ତାଛଡ଼ା ଆପଣ ତ ଭଲଭାବେ ଜାଣନ୍ତି । ଦାନଦେବା କର୍ଣ୍ଣର ଧର୍ମ । ଦାନ ନେବାପାଇଁ ନୁହେଁ, ପ୍ରତିଦାନ ଆଶାରଖି ମୁଁ କାହାରିକୁ ଦାନ ଦିଏନାହିଁ । ତେଣୁ ଆପଣଙ୍କ ପାଖରୁ କିଛି ଗ୍ରହଣ କରିବା ମୋ ଚରିତ୍ର ବିରୋଧୀ । ମୁଁ ତେଣୁ ଆପଣଙ୍କ ଠାରୁ କ୍ଷମା ଚାହୁଁଛି । ଦେଖ, ପ୍ରତିଦାନ ମାଗିବା ତୁମର ଅଧର୍ମ ହୋଇପାରେ, ମାତ୍ର ନିଜ ଇଚ୍ଛାରେ ମୁଁ ଯଦି ତୁମକୁ କିଛି ଦେବାକୁ ଚାହେଁ, ତେବେ ତୁମର ଆପତ୍ତି ରହିବ କାହିଁକି ?

ଲକ୍ଷ୍ୟକଲି ନିଜ ଦେବତ୍ୱର ପରାକାଷ୍ଠା ଦେଖାଇବା ପାଇଁ ସେ ଦାନ ଆଳରେ କିଛି ଦେବାପାଇଁ ଚାହୁଁଛନ୍ତି । ତାଙ୍କର ଅସଲ ଉଦ୍ଦେଶ୍ୟ ତ ପୂରଣ ହୋଇଯାଇଛି । ଆଉ ସେହି କବଚ କୁଣ୍ଡଳ ବ୍ୟତୀତ ଅନ୍ୟ କିଛି ଦେବାରେ ସେ କାର୍ପଣ୍ୟ କରିବେ କାହିଁକି ?

ଦେବତା ସେ । ମର୍ତ୍ତ୍ୟର ମଣିଷ ପାଖରେ ହାରିଯିବାକୁ ସେ ଚାହୁଁନାହାଁନ୍ତି । ବରଂ ଦେବତ୍ୱର ମହତ୍ତ୍ୱ ପ୍ରତିପାଦନ କରିବାକୁ ଯାଇ କିଛି ଦାନ ଦେବାକୁ ଉଚିତ ମଣୁଛନ୍ତି । ଆଉ କିଛି ନଦେବା ପର୍ଯ୍ୟନ୍ତ ସେ ମୋ ଠାରୁ ଯିବାକୁ ମଧ୍ୟ ଚାହୁଁନାହାଁନ୍ତି । ତେଣୁ କହିଲି, ଯଦି ଆପଣ ସ୍ୱେଚ୍ଛାରେ କିଛି ଦେବାପାଇଁ ଚାହୁଁଥାନ୍ତି, ତେବେ ଆପଣଙ୍କ ଅମୋଘ ମହାଶକ୍ତିଟିକୁ ଦିଅନ୍ତୁ ।

ଉପରକୁ ହାତ ଉଠାଇ ମୁଁ ମାଗିଥିବା ଦାନଟିକୁ ସେ ଗ୍ରହଣ କରିନେଲେ । ପରେ ଟିକିଏ ରହିଯାଇ କହିଲେ । ମହାଶକ୍ତି ତୁମକୁ ଦେବାକୁ ପ୍ରସ୍ତୁତ ଅଛି । ତେବେ ମୋର ମଧ୍ୟ ସେଥିରେ ଗୋଟିଏ ସର୍ତ୍ତ ରହିଛି । ଦାନ ଦେଇ ସାରିବା ପରେ ପୁଣି ସର୍ତ୍ତ । ତେବେ ଏ ସର୍ତ୍ତ ପଛରେ କିଛି ରହସ୍ୟ ନାହିଁ ତ ? କିଏ ଜାଣେ ନିଜ ପୁତ୍ରର ସୁରକ୍ଷା ପାଇଁ ପିତା ଯେ କ'ଣ କରି ନପାରେ ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨


## ଆଜିର କବିତା

### ଦୁହିତା...

**ଝରଣା ବାରିକ**

ଦିନ ରେ ଭାତ ରାତିରେ ରୁଟି
ରୋଷେଇ ରୁ କେବେ ମିଳେନା ଛୁଟି
ରବିବାର ?ହେଲେ ଖଟଇ ଓଟି
ସେଦିନ ମୋର ଓଭର ଡ୍ୟୁଟି

ସମସ୍ତ ଙ୍କ କଥା ବୁଝଇ ମୁହିଁ
ନିଜ ପାଇଁ ମୋର ସମୟ ନାହିଁ।
ସଭିଙ୍କ ପସନ୍ଦ ପରଶି ଦିଏ
ନିଜ କଥା ମୋର ମନେ ନ ଥାଏ।

ପ୍ରଶଂସା ରେ ମୋର ପୁରଇ ପେଟ
ଜାଣେ ନାହିଁ ମୁହିଁ ଛନ୍ଦ କପଟ,
ଘର କୁ କରେ ମୁଁ ସରଗ ପୁରୀ
ଦୁଇ କୂଳ ହିତ ସାଧନ କରି।

କେବେ ଲକ୍ଷ୍ମୀ ସାଜି ଅଜାଡ଼ି ଦିଏ
କେବେ ଦୁର୍ଗା ହୋଇ ସଜାଡି ନିଏ
କେବେ କାଳି ହୋଇ କରେ ସଂହାର
ଅନ୍ନପୂର୍ଣ୍ଣା ସାଜି ଦିଏ ଆହାର

ବିଭିନ୍ନ ଜାଗାରେ ଭିନ୍ନ ମୋ ରୂପ
ଈଶାନ କୋଣରେ ଜଳାଏ ଦୀପ
ନିଜ ହାତେ ଗଢେ ସୁନା ସଂସାର
ଲାଗେନାହିଁ କେବେ ଦୁଷ୍ଟ ନଜର।

ବାପ ଘରେ ଜନ୍ମେ ଏନ୍ତୁଡ଼ି ନିଆଁ
ଝିଅ ବୋଲି ମତେ ଜାଣେ ଦୁନିଆଁ
ପର ଘରି ଯେବେ ହୁଅଇ ମୁହିଁ
ଦୁଇକୁଳ ହିତ ମନାସୁ ଥାଇ।

ଦୁହିତା ବୋଲି ଏ ଦୁନିଆଁ କୁହେ
ଆପଣାର କେହି ଜଣେ ବି ନୁହେଁ
ନିତି ଜଳୁଥାଏ ସଳିତା ହୋଇ
ସଭିଙ୍କ ଓଠରେ ହସଟେ ହୋଇ।


ସମଲ, ତାଳଚେର, ଅନୁଗୋଳ
(ମୋ):୯୫୫୬୮୪୬୯୩୨


### ପୁଣି ଆସ ହେ ବୀର ପୁରୁଷ...

**ଗୌରୀ ମେହେର**

ଦେଇଥିଲ ପ୍ରାଣ ଏ ମାଟି ପାଇଁକି,
ଗାଉଥିଲ ହେ ବୀର ଗାଥା!!!
ଆଜି ବି ଏ ମାଟି କୁ ଲୋଡା ତୁମ ପରି ପୁଅ,
ଆସ ହେ ଶିଖେଇବ ବୀରତ୍ୱତା।
ମହାନଦୀ ରକ୍ତେ ଢେଉ ଉଠାଉଥିଲ,
ମେଘାସନେ ମେଘ ଗର୍ଜୁଥିଲା ତବ କଥାରେ,
ତୁମ ଶକ୍ତ ଶବ୍ଦ ଶୁଣି ଯେ ଇଂରେଜ
ପଳାଉଥିଲା ଭୟରେ।
ପ୍ରଭାବତୀ ଦେବୀ ଗର୍ଭୁ ଜନ୍ମିଥିଲ ବୀର,
କଟକ ଓଡିଆ ବଜାରରେ,
ଧନ୍ୟ ସେ ମାଁ, ଧନ୍ୟ ସେ ମାଟି ମାଁ,
ତବକୁ କୋଳେଇଲା କୋଳରେ।
ଗୋରାଙ୍କ ଅନିତି ବିରୁଦ୍ଧରେ ଲଢି
ଗଢିଲ ପବିତ୍ର ଭାରତ!!
ଆଜାଦହିନ୍ଦ ଫୌଜ ବାହିନୀ ଗଢ଼ି,
ଓଡିଆ ବୀରଙ୍କୁ କଲ ଏକତ୍ରୀତ।
ଜନନୀ ପାଇଁକି ଜୀବନ ତେଜିଲ,
ନିଜ କଥା ବି ଭାବିଲନି!!
କେତେ ଦୁହ୍ଖ ସତେ ଦେଶ ପାଇଁ ଯେ ସହିଛ,
କିଏ କେବେ ଭୁଲିନି କି ଭୁଲିଯିବୁନି।
'ରକ୍ତ ଦିଅ ମୋତେ ମୁଁ ସ୍ୱାଧୀନତା ଦେବି',
ଏ ଥିଲା ତବ ବୀର ଧ୍ୱନି!!!
ସେ ବୀର ହୁଙ୍କାର ପୁଣି ଜଗେଇବ,
ଆସ ହେ', ଝୁରେ ତୁମକୁ ଭାରତ ଜନନୀ।
ସବୁରି ମନରେ ଢାଳିବ ଆହେ
ସେଇ ପ୍ରିତୀ ପରଶ!!
ପୁଣି ସେଇ ବୀରତ୍ୱ ଦେଖାଇ,
ଆସ ହେ ବୀର ପୁରୁଷ।
ପୁଣି ଆସହେ ବୀର ପୁରୁଷ।


+ଗମ୍ଭାରୀଗୁଡା, ନୂଆପଡା


## ସମ୍ପର୍କର ଗଣ୍ଠି

### ରୋଗ ଆସିଲେ ଭୟ କରନ୍ତୁ ନାହିଁ

**ଶ୍ୱେତା ରାଉତ୍**



ଏବେ ସମଗ୍ର ବିଶ୍ୱ ଏକ ବିଷମ ପରିସ୍ଥିତି ଦେଇ ଗତି କରୁଛି। ଜଳ, ବାୟୁ, ବାତାବରଣ ସବୁଆଡ ସଂକ୍ରାମକ ଭୂତାଣୁ ଦ୍ୱାରା ପ୍ରଦୂଷିତ ହୋଇଯାଇଛି। ଘରେ ଘରେ ଥଣ୍ଡା, ଜ୍ୱର, କାଶରେ ଆକ୍ରାନ୍ତ ହୋଇ ମଣିଷ ଏତେ ଦୁର୍ବଳ ହୋଇଯାଉଛି ଯେ ଚିଡିଚିଡାପଣ ବଢୁଛି, ମନ ଭଲ ରହୁନାହିଁ, ଜୀବନ ବିତୃଷ୍ଣାମୟ ଲାଗୁଛି। ରୋଗ ଆସିଲେ ସ୍ୱଭାବରେ ମଧ୍ୟ କିଛି ସାମୟିକ ପରିବର୍ତ୍ତନ ଆସିଥାଏ, ସେଥିପାଇଁ ବ୍ୟସ୍ତ ହୁଅନ୍ତୁ ନାହିଁ। ଅନେକ ଅନୁକୂଳ ପ୍ରତିକୂଳ ପରିସ୍ଥିତିକୁ ନେଇ ଆଗେଇଯିବାର ନାଁ ତ ଜୀବନ। ଏ ରୋଗ ବି ଜୀବନଚକ୍ରର ଏକ ସୋପାନ, ତାକୁ ଜୀବନରୁ ବାଦ୍ ଦେଇ ହେବନି। ରୋଗକୁ ଭୋଗିବା ବେଳେ କେବେ ନିଜକୁ ଦୁର୍ବଳ କରନ୍ତୁ ନାହିଁ। ରୋଗ ଶରୀରକୁ ହୁଏ, ଆତ୍ମାକୁ ନୁହେଁ। ଆପଣଙ୍କ ଭିତରେ ପ୍ରାଣସ୍ୱରୂପ ଶକ୍ତିଶାଳୀ ଆତ୍ମା ଅଛନ୍ତି, ଯାହାଙ୍କର ଆତ୍ମଶକ୍ତି ପାଖରେ ଏ ରୋଗ ବି କିଛି ନୁହେଁ। ରୋଗ କେବଳ ଶରୀରକୁ କଷ୍ଟ ଦିଏ ଶରୀରକୁ ଦୁର୍ବଳ କରେ, ନିସ୍ତେଜ କରେ, ଶରୀରକୁ ମାରିବାକୁ ଚେଷ୍ଟା କରେ, କିନ୍ତୁ ଆମ ମନକୁ, ଆତ୍ମାକୁ କବଳିତ କରିବାର କ୍ଷମତା ତାର ନାହିଁ। ଆମେ ନିଜେ ଭୟଭୀତ ହୋଇ ଅଧିକ କଷ୍ଟ ପାଇଥାନ୍ତି। ଆପଣ ଜାଣନ୍ତି! ଏ ରୋଗ ହେବା ଦ୍ୱାରା ଶରୀରର ଗୋଟେ ଲାଭ ବି ହୋଇଥାଏ। ତାହା ହେଲା ଶରୀରର ହ୍ୱାଇଟ୍ ବ୍ଲଡ୍ ସେଲ୍ (ଶ୍ୱେତ ରକ୍ତ କୋଷିକା)ର କ୍ଷମତା ବୃଦ୍ଧି ପାଇଥାଏ। ଯେମିତି ଘର ଦ୍ୱାରଦେଶରେ ଆମେ ସିକ୍ୟୁରିଟି ରଖିଥାନ୍ତି ଘରର ସୁରକ୍ଷା ପାଇଁ, ଠିକ୍ ସେମିତି ଆମ ଶରୀରକୁ ସୁରକ୍ଷିତ ରଖିବା ପାଇଁ ହ୍ୱାଇଟ୍ ବ୍ଲଡ୍ ସେଲ୍ ଏକ ସିକ୍ୟୁରିଟି ବା ପ୍ରତିରୋଧକ ଭାବେ କାମ କରେ। କ୍ୟାନସର୍ ଭଳି ମାରାତ୍ମକ ରୋଗ ସୃଷ୍ଟି କରୁଥିବା ଭାଇରସ୍‌କୁ ନିଷ୍କ୍ରିୟ କରିଥାଏ। ଥଣ୍ଡା, ଜ୍ୱର ହେବା ଦ୍ୱାରା ଅନେକ ଘାତକ ଜୀବାଣୁ ଶରୀରରୁ ବାହାରି ଯାଇଥାନ୍ତି।

ଯେତେବେଳେ ଦେହ ଖରାପ ରହୁଛି, ଔଷଧ ନେବା ସହିତ ଆପଣ ସ୍ଥିର ଚିତ୍ତରେ ଶକ୍ତିଶାଳୀ ପରମାତ୍ମାଙ୍କୁ ସ୍ମରଣ କରନ୍ତୁ ଏବଂ ଦୃଢ ଇଚ୍ଛାଶକ୍ତି ରଖନ୍ତୁ କି କୌଣସି ରୋଗ ଆପଣଙ୍କର କିଛି କ୍ଷତି କରିପାରିବ ନାହିଁ। ଯଦିଓ କିଛି ଦିନ ଶରୀରକୁ କବଳିତ କରି ରୋଗ ଆମକୁ ନିସ୍ତେଜ କରିଦେଇଥାଏ, ତଥାପି ଆମେ ରୋଗ ସହିତ ଯୁଦ୍ଧ କରି ଅର୍ଥାତ୍ ନିଜର ମନୋବଳ ଦୃଢ କରି ରୋଗକୁ ପ୍ରତିହତ କରିବାର କ୍ଷମତା ରଖିପାରନ୍ତି। ଅନେକ ଲୋକ ତ ମୁଠାଏ ଖାଇବା ପାଇଁ ଭୋକ ସହିତ ଯୁଦ୍ଧ କରନ୍ତି, ଅନେକ ଲୋକଙ୍କର ହାତଗୋଡ ନାହିଁ, ପଙ୍ଗୁତ୍ୱକୁ ଭାଗ୍ୟ ଭାବିନେଇ ଜୀବନ ସହିତ ଯୁଦ୍ଧ କରୁଛନ୍ତି, ଅନେକ ବାସହରା ଲୋକ ରାସ୍ତାକଡରେ ଦିନକାଟି ବର୍ଷା, ବାତ୍ୟା, ଦୁର୍ବିପାକ ସହିତ ଯୁଦ୍ଧ କରୁଛନ୍ତି,ଏମିତି ଅନେକ ଅନାଥ ଅଛନ୍ତି ଯିଏ କି ରୋଗରେ ପଡିଲେ ତାଙ୍କୁ ଦେଖିବାକୁ କେହିନାହିଁ। ତଥାପି କେବେ କେବେ ସେମାନଙ୍କ ମୁହଁରେ ହସ ଦେଖାଯାଏ, ଅଥଚ ଆମମାନଙ୍କ ନିକଟରେ ସବୁ ଥାଇ କିଛି ଦିନ ରୋଗରେ ପଡିଲେ ହତୋତ୍ସାହ ହୋଇ ଏତେ ଦୁର୍ବଳ କାହିଁକି ଭାବିବା!

ଏ ରୋଗ ବି ଗୋଟେ ଜୀବନର ଟାସ୍କ, ତାକୁ ନିଜର ଦୃଢ ମନୋବଳ ଓ କୌଶଳକ୍ରମେ ପ୍ରତିହତ କରିବାର ଦାୟିତ୍ୱ ଆମର। ଆମେ ରୋଗକୁ ଇଗ୍ନୋର(ଅଣଦେଖା) କରିବା, ମେଡିସିନ୍ ସହିତ ନିଜର ମନସ୍ଥିତିକୁ ଠିକ୍ ରଖିବାକୁ ଚେଷ୍ଟା କରିବା। ଯେତେବେଳେ ଦେହ ଖରାପ ଥାଏ ସବୁକିଛି ବିରକ୍ତିକର ମନେହୁଏ। ଯଦି କେହି ଆପଣଙ୍କୁ ଫୋନ୍ କରି ସମବେଦନା ଆଳରେ ରୋଗ ବିଷୟରେ ଭୟଭୀତ କଲାଭଳି କଥା କହୁଛନ୍ତି, ଆପଣ କୌଣସି ଆଳରେ ତାଙ୍କ ସହିତ କଥାବାର୍ତ୍ତା ବନ୍ଦ କରନ୍ତୁ। ନିଜକୁ ରୋଗକଷ୍ଟରୁ ଡାଇଭର୍ଟ ରଖିବା ପାଇଁ କିଛି ବହି ପଢନ୍ତୁ, ଆଧ୍ୟାତ୍ମ ଚେତନାଧର୍ମୀ କାର୍ଯ୍ୟକ୍ରମ, କମେଡି ଆଦି ଟିଭିରେ ଦେଖନ୍ତୁ, ଭଲ ନିଦରେ ଶୋଇରୁହନ୍ତୁ। ନିଦ ଅନେକାଂଶରେ କଷ୍ଟରୁ ଉପଶମ ଦେଇଥାଏ। ଅଫିସ, ଘର, ବ୍ୟବସାୟ, ସ୍କୁଲ କଲେଜର କଥା ବା ଦାୟିତ୍ୱ ତ ନିଶ୍ଚୟ ମୁଣ୍ଡରେ ରହିବ, ତଥାପି ଦେହ ଖରାପ ସମୟରେ ସ୍ୱାସ୍ଥ୍ୟ ପ୍ରତି ପ୍ରଥମେ ସଚେତନ ରୁହନ୍ତୁ।

ଆମେମାନେ ଯିବାପାଇଁ ହିଁ ଦୁନିଆକୁ ଆସିଛନ୍ତି ଏବଂ ପ୍ରାରବ୍ଧ ଭୋଗ ନକରିବା ଯାଏ ଆମର ପ୍ରସ୍ଥାନ ଅସମ୍ଭବ। ତେଣୁ ଏ ଜୀବନ ଚକ୍ରର ସବୁ ଟାସ୍କକୁ ନିଜର ବୁଦ୍ଧି, କୌଶଳ, ଧୌର୍ଯ୍ୟ ଏବଂ ସକରାତ୍ମକ ଉର୍ଜା ଦ୍ୱାରା ଭୋଗକରି କଠିନରୁ କଠିନ ପାହାଚ ଅତିକ୍ରମ କରି ଧରାଧାମରୁ ବିଦାୟ ନେବାର ଅଛି। ଅଧର୍ଯ୍ୟ ଆମକୁ ଦୁର୍ବଳ କରେ, ଆମେ ଆଦୌ ଦୁର୍ବଳ ହେବାନାହିଁ। କଠିନ ପରିସ୍ଥିତିରେ ମଧ୍ୟ ନିଜକୁ ଦୃଢ ରଖି ମୁକାବିଲା କରିବା ଏବଂ ବିଜୟ ହେବା।


+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼, ଭୁବନେଶ୍ୱର

# ପଂଚାୟତ ନିର୍ବାଚନ ପରିଚାଳନା କମିଟିର ରାଜ୍ୟସ୍ତରୀୟ ବୈଠକ ଅନୁଷ୍ଠିତ

## ଘର-ଘର, ଗାଁ-ଗାଁ ବୁଲି ଶାସକ ଦଳର କାର୍ଯ୍ୟକଳାପକୁ ସାଧାରଣ ଲୋକଙ୍କୁ ଜଣାଅ

ଭୁବନେଶ୍ୱର,୧୯/୧ (ନି.ପ୍ର): ମୋଦି ସରକାର ବ୍ୟାପକ ମାତ୍ରାରେ ଆର୍ଥିକ ଅନୁଦାନ ସିଧାସଳଖ ପଂଚାୟତକୁ ପ୍ରଦାନ କରିଥିବାବେଳେ ରାଜ୍ୟରେ ଶାସକ ବିଜେଡିର ମନ୍ତ୍ରୀ, ବିଧାୟକ ନେତାମାନେ ଚଂଚକତା କରି ଏହି ଅର୍ଥକୁ ହରିଲୁଟ କରିଛନ୍ତି । ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୁଦ୍ଧରେ ମୁହଁ ଖୋଲିଲେ ପୋଲିସ ଓ ପ୍ରଶାସନର ଭୟ ଦେଖାଇ ଶାସକ ବିଜେଡି ବିରୋଧୀଙ୍କୁ ଦମନ କରିବାର ପ୍ରୟାସ କରିଚାଲିଛି । ଅନ୍ୟ ପକ୍ଷରେ ରାଜ୍ୟ ନିର୍ବାଚନ କମିଶନ ରାଜ୍ୟ ସରକାରଙ୍କ ହାତବାରିସୀ ସାଜି ଶାସକ ବିଜେଡିକୁ ସୁହାଇଲା ଭଳି ପଦକ୍ଷେପ ନେଇ ଅନୁଷ୍ଠିତ ହେବାକୁ ଥିବା ଅବାଧ, ନିରପେକ୍ଷ. ଭୟମୁକ୍ତ ପଂଚାୟତ ନିର୍ବାଚନ ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରାଇଛନ୍ତି ବୋଲି ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ କହିଛନ୍ତି ।

ପଂଚାୟତ ନିର୍ବାଚନ ପରିଚାଳନା କମିଟିର ବୈଠକ ପରେ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଡ.ଲେଖାଶ୍ରୀ କହିଛନ୍ତି ଯେ, ପକ୍କାଘର ଆବଂଟନରେ ବ୍ୟାପକ ଦୁର୍ନୀତି, ଧାନକିଣା, ସାମ୍ବିଧାନିକ ସଂରକ୍ଷଣ ବ୍ୟବସ୍ଥା, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା କାରଣରୁ ମା ଓ ଭଉଣୀମାନେ ଅସୁରକ୍ଷିତ, ଶାସକ ଦଳର ନେତା ତଥା ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ପ୍ରୋତ୍ସାହନ ଓ ସୁରକ୍ଷା କାରଣରୁ ଅଭିଯୁକ୍ତ ମନ୍ତ୍ରୀ ଓ ନେତାମାନଙ୍କ ନିର୍ଭୟରେ ଅପରାଧ ଭିଆଇବା, ଡିଏମଏଫ / ଓମବାଡସି ଦୁର୍ନୀତି, ଡାକ୍ତର ଓ ଶିକ୍ଷକ ଅଭାବ, ଦଳୀୟ ଭିତିରେ ହିତାଧିକାରୀ ଚୟନ, ପଂଚାୟତ ବିକାଶ ପାଇଁ କେନ୍ଦ୍ରରୁ ଆସୁଥିବା କେନ୍ଦ୍ରୀୟ ଅନୁଦାନକୁ ହଡପ କରି ଗ୍ରାମାଂଚଳ ବିକାଶରେ ବାଧକ ସାଜିଥିବା ଶାସକ ବିଜେଡିର ହୀନ କାର୍ଯ୍ୟକଳାପକୁ ଘର-ଘର, ଗାଁ-ଗାଁ ବୁଲି ସାଧାରଣ ଲୋକଙ୍କୁ ଜଣାଇବା ପାଇଁ ଆଜିର ଏହି ବୈଠକରେ ଉପସ୍ଥିତ ନେତୃବୃନ୍ଦ ଉଦବେଗ ପ୍ରକାଶ କରିବା ସହିତ ଏ ସମସ୍ତ ପ୍ରସଙ୍ଗକୁ ଲୋକମାନଙ୍କୁ ଜଣାଇବା ପାଇଁ ବିଜେପି କାର୍ଯ୍ୟକର୍ତାମାନଙ୍କୁ ଆହ୍ୱାନ ଦେଇଛନ୍ତି ।

କୋଭିଡ୍ କଟକଣା କାରଣରୁ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଜିର ଭର୍ଚୁଆଲ ରାଜ୍ୟସ୍ତରୀୟ ପଂଚାୟତ ନିର୍ବାଚନ ପରିଚାଳନା କମିଟି ବୈଠକରେ ରାଜ୍ୟ ପ୍ରଭାରୀ ଶ୍ରୀମତୀ ଡି.ପୁରନ୍ଦେଶ୍ୱରୀ, ରାଜ୍ୟ ସହ ପ୍ରଭାରୀ ବିଜୟପାଲ ସିଂହ ତୋମାର, ପଂଚାୟତ ନିର୍ବାଚନ ପରିଚାଳନା ରାଜ୍ୟ କମିଟିର ସଂଯୋଜକ ତଥା ପୂର୍ବତନ ରାଜ୍ୟ ସଭାପତି ତଥା ସାଂସଦ ଜୁଏଲ ଓରାମ, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, କମିଟିର ସଦସ୍ୟ ତଥା ସାଂସଦ ବସନ୍ତ ପଣ୍ଡା, ବିଧାୟକ ଜୟନାରାୟଣ ମିଶ୍ର, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ, ରାଜ୍ୟ ଉପସଭାନେତ୍ରୀ ଅନିତା ଶୁଭଦର୍ଶିନୀ, ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର, ଶଙ୍କର୍ଷଣ ପରିଡାଙ୍କ ସମେତ ସମସ୍ତ ରାଜ୍ୟ ପଦାଧିକାରୀ, ସାଂସଦ ଓ ସାଂସଦ ପ୍ରାର୍ଥୀ, ବିଧାୟକ ଓ ବିଧାୟକ ପ୍ରାର୍ଥୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ଜିଲ୍ଲା ସଭାପତି, ଜିଲ୍ଲା ନିର୍ବାଚନ ପରିଚାଳନା କମିଟି ସଦସ୍ୟମାନେ ଯୋଗ ଦେଇଥିଲେ । ପଂଚାୟତ ନିର୍ବାଚନ ସୁପରିଚାଳନା ପରିପ୍ରେକ୍ଷୀରେ ବିଭିନ୍ନ କମିଟିମାନ ଗଠନ କରାଯାଇ ପ୍ରମୁଖ ନେତୃବୃନ୍ଦଙ୍କୁ ଦାୟୀତ୍ୱ ପ୍ରଦାନ କରାଯାଇଛି ବୋଲି ଡ.ଲେଖାଶ୍ରୀ ସୂଚନା ଦେଇଛନ୍ତି ।

ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପ ସଭାନେତ୍ରୀ ଅନୀତା ଶୁଭଦର୍ଶିନୀ, ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ ଓ ସହ ପ୍ରମୁଖ ସୁଜିତ କୁମାର ଦାସ ଉପସ୍ଥିତ ଥିଲେ ।

# ହ୍ୱାଟସ୍ଆପ ଗ୍ରୁପ୍‌ରେ ସାମିଲ ହେବେ ଘରୋଇ ପୃଥକବାସ ରୋଗୀ

ଭୁବନେଶ୍ୱର,୧୯/୧ (ନି.ପ୍ର): ରାଜ୍ୟରେ ଅଧିକ ସଂଖ୍ୟାରେ କୋଭିଡ ସଂକ୍ରମିତ ଏବେ ଘରୋଇ ପୃଥକବାସରେ ରହି ଚିକିତ୍ସିତ ହେଉଛନ୍ତି । ପୃଥକବାସରେ ଥିବା ସମୟରେ ଦୈନିକ ଯତ୍ନ, ଅମ୍ଳଜାନସ୍ତର ଯାଞ୍ଚ, ବୟସ୍କ ବ୍ୟକ୍ତି ଓ ଗର୍ଭବତୀ ମହିଳାଙ୍କ ଯତ୍ନ, କେଉଁ ଟେଲିଫୋନ ନମ୍ବର ମାଧ୍ୟମରେ ଡାକ୍ତରଙ୍କ ପରାମର୍ଶ ମିଳିପାରିବ, ଜରୁରୀକାଳୀନ ସ୍ଥିତିରେ କାହାସହିତ ଓ କିଭଳି ଯୋଗାଯୋଗ କରିବେ, ଆମ୍ବୁଲାନ୍ସ ସେବା ପାଇବା ଓ ହସ୍ପିଟାଲ ଯାତ୍ରା ଆଦି ସଂପର୍କରେ ସମସ୍ତ ସୂଚନା ଓ ସଚେତନତା ଅଭିଯାନରେ ସାମିଲ କରାଯାଉ । ଏହାସହ ପ୍ରତି ତୁରନ୍ତ ସହାୟକ ଦଳ(ଆରଆରଟି) ନିଜ ଦାୟିତ୍ୱରେ ଥିବା ବିଭିନ୍ନ ଅଞ୍ଚଳର ରୋଗୀମାନଙ୍କୁ ସାମିଲ କରି ଏକାଧିକ ହ୍ୱାଟସଆପ ଗ୍ରୁପ୍ ଖୋଲିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଯାହାଫଳରେ ଘରୋଇ ପୃଥକବାସରେ ଥିବା ସଂକ୍ରମିତଙ୍କ ସ୍ୱାସ୍ଥ୍ୟ ସଂପର୍କିତ ସ୍ଥିତି ଓ ଆବଶ୍ୟକତା ବିଷୟରେ ଆରଆରଟିମାନେ ଜାଣିପାରିବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି । ଲୋକସେବା ଭବନରୁ ଡିଜିଟାଲ ମୋଡରେ ଆଜି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କୋଭିଡ ବିରୋଧୀ ସଚେତନତା ଅଭିଯାନର ସମୀକ୍ଷା କରିଛନ୍ତି । ସମୀକ୍ଷାରୁ ମିଳିଥିବା ସୂଚନା ଅନୁସାରେ, ଖବରକାଗଜ, ଟେଲିଭିଜନ, ସାମାଜିକ ଗଣମାଧ୍ୟମ ଆଦି ଜରିଆରେ ବିଭିନ୍ନ ପ୍ରକାର ସଚେତନତା ଅଭିଯାନ ଜାରି ରହିଛି । ଏବେ ୧୨ ପ୍ରକାରର ସଚେତନତା ବାର୍ତା, ୮ ପ୍ରକାରର ମେସେଜ୍, ବହୁବିଧ ଦୃଶ୍ୟ ଓ ଶ୍ରାବ୍ୟ ଦୃଶ୍ୟ, ପରାମର୍ଶ ଆଦି ଦିଆଯାଉଛି । ଲୋକଙ୍କୁ ଏମ୍ଏସ୍ଏମ୍ ମାଧ୍ୟମରେ ସୂଚନା ପଠାଯାଉଛି । ଏହାସହ ଜିଲ୍ଲାସ୍ତରରେ ୫୫ଟି, ବ୍ଲକ୍‌ସ୍ତରରେ ୭୦୬ଟି, ସହରାଞ୍ଚଳରେ ୫୬ଟି ଓ ପୌରନିଗମ ସ୍ତରରେ ୬୫ଟିକୁ ମିଶାଇ ୮୬୫ଟି ଆରଆରଟି ଦଳ ନିଜ ନିଜ ସ୍ତରରେ ଚିକିତ୍ସା ଓ ସଚେତନତା ଦେଉଛନ୍ତି । ସମୀକ୍ଷା ବୈଠକରେ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆରକେ ଶର୍ମା, ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ସଚିବ ମନୋଜ କୁମାର ମିଶ୍ର, ସୂଚନା ଓ ଲୋକସଂପର୍କ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନ ନିର୍ଦ୍ଦେଶକ ଡା.ଅମରେନ୍ଦ୍ର ମହାନ୍ତିଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଚଳିତ ଲହରୀରେ ହସ୍ପିଟାଲରେ କୋଭିଡ୍ ରୋଗୀଙ୍କ ସଂଖ୍ୟା କମ୍: ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୧୯/୧ (ନି.ପ୍ର): ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର ମଙ୍ଗଳବାର ଦିନ କହିଛନ୍ତି ଯେ ଚଳିତ ଲହରୀରେ ହସ୍ପିଟାଲରେ ରୋଗୀଙ୍କ ସଂଖ୍ୟା କମ ରହିଛି । ସେ କହିଛନ୍ତି ଯେ ଜେନେରାଲ ବେଡ୍ ୯ପ୍ରତିଶତ, ଆଇସିୟୁ ବେଡ୍ ୧୫ ପ୍ରତି ଶତ, ଭେଣ୍ଟିଲେଟର ୫ରୁ ୬ ପ୍ରତିଶତ ଥିବା ବେଳେ ପେଡ୍ରିଆଟିକ ଆଡମିସନ ବହୁତ କମ ରହିଛି । ଏହି ଲହରରେ ହସ୍ପିଟାଲ ଆଡମିସନ ଓ ଅକ୍ସିଜେନ ଆବଶ୍ୟକତା କମ ରହିଥିବା ସେ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ବର୍ତମାନ ରାଜ୍ୟରେ କିଛିଦିନ ହେବ ୧୦ରୁ ୧୧ହଜାର ଭିତରେ ଦୈନିକ ସଂକ୍ରମଣ ରହୁଛି । ଏହି ଟ୍ରେଣ୍ଡ ବିଷୟରେ ଜାଣିବା ପାଇଁ ସର୍ବନିମ୍ନ ୧୦ ରୁ ୧୫ ଦିନ ସମୟ ଦରକାର । ଯେପର୍ଯ୍ୟନ୍ତ ଏ ଟ୍ରେଣ୍ଡ ବିଷୟରେ ନ ଜାଣିଛେ ତାହା ଆଗକୁ ବଢ଼ିବ ନା କମିବ କହିବା ଯୁକ୍ତିଯୁକ୍ତ ନୁହେଁ ବୋଲି ସେ କହିଛନ୍ତି । ସେ ଆହୁରି ସୂଚନା ଦେଇଛନ୍ତି ଯେ ସିଡିସି ୧୫ ଦିନ ପୂର୍ବରୁ କହିଛନ୍ତି ଯେ ହୋମ ଆଇସୋଲେସନକୁ ୫ଦିନ କଲେ କୌଣସି ଅସୁବିଧା ହେବ ନାହିଁ । ହେଲେ ଜଳବାୟୁ, ଲୋକଙ୍କ ବ୍ୟବହାର, ଭିତ୍ତିଭୂମି ଦେଖି ଆମେ ସେସବୁକୁ ଲୋକ ଗ୍ରହଣ କରିନାହାଁନ୍ତି । ଅନ୍ୟଦେଶ ମଧ୍ୟ ଗ୍ରହଣ କରିନାହାଁନ୍ତି । ବୋଧହୁଏ ଆଗକୁ ଗ୍ରହଣ କରାଯାଇପାରେ ବୋଲି ସେ କହିଛନ୍ତି । ବର୍ତମାନ ଟାସ୍କଫୋର୍ସ ଯେଉଁ ସାତ ଦିନ ନିୟମ କରିଛନ୍ତି, ତା କୁ ମାନି ଚଳିବା ବୋଲି ସେ କହିଛନ୍ତି ।

# ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୧୧୬୦୭ ଜଣ ପଜିଟିଭ ଚିହ୍ନଟ

ଭୁବନେଶ୍ୱର,୧୯/୧ (ନି.ପ୍ର): ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୧୧୬୦୭ ଜଣ ନୂତନ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୦ରୁ ୧୮ ବର୍ଷ ମଧ୍ୟରେ ୯୯୧ ଜଣ ଥିବାବେଳେ ସଙ୍ଗରୋଧରୁ ୬୭୨୮ ଜଣ ଓ ସ୍ଥାନୀୟ ଭାବେ ୪୮୭୯ ଜଣ ଚିହ୍ନଟ ହୋଇଛନ୍ତି । ଆଜି ମଧ୍ୟ ଖୋର୍ଦ୍ଧାରୁ ସର୍ବାଧିକ ୪୩୪୭ ଜଣ, ସୁନ୍ଦରଗଡରୁ ୧୨୧୯ଜଣ, କଟକରୁ ୮୯୮ ଜଣ ଚିହ୍ନଟ ହୋଇଛନ୍ତି ।

ସେହିପରି ଜାନୁଆରୀ ପହିଲାରୁ ଏଯାଏଁ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବାବଦରେ ଆଲୋଚନା କଲେ ଦିନକୁ ଦିନ ଏହା ବଢୁଥିବା ଦେଖିବାକୁ ମିଳିଛି । ଆଜି ୧୧୬୦୭, ଜାନୁଆରୀ ୧୮ରେ ୧୧୦୮୬, ଜାନୁଆରୀ ୧୭ରେ ୧୦୪୮୯, ଜାନୁଆରୀ ୧୬ରେ ୧୧୧୭୭, ଜାନୁଆରୀ ୧୫ରେ ୧୦୮୫୬, ଜାନୁଆରୀ ୧୪ରେ ୧୦୨୭୩, ଜାନୁଆରୀ ୧୩ରେ ୧୦୦୫୯, ଜାନୁଆରୀ ୧୨ରେ ୮୭୭୮, ଜାନୁଆରୀ ୧୧ରେ ୭୦୭୧, ଜାନୁଆରୀ ୧୦ରେ ୪୮୨୯, ଜାନୁଆରୀ ୯ରେ ୪୭୧୪, ଜାନୁଆରୀ ୮ରେ ୩୬୭୯, ଜାନୁଆରୀ ୭ ରେ ୨୭୦୩, ଜାନୁଆରୀ ୬ ରେ ୧୮୯୭, ଜାନୁଆରୀ ୫ରେ ୧୨୧୬, ଜାନୁଆରୀ ୪ରେ ୬୮୦, ଜାନୁଆରୀ ୩ରେ ୪୨୪, ଜାନୁଆରୀ ୨ରେ ୪୨୪, ଜାନୁଆରୀ ୧ରେ ୨୯୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ଓଡ଼ିଶାକୁ ଆସିଲା ଓମିସିୟୋର କିଟ୍

ଭୁବନେଶ୍ୱର,୧୯/୧ (ନି.ପ୍ର): ଏଣିକି ରାଜ୍ୟରେ ସହଜରେ ଚିହ୍ନଟ ହୋଇପାରିବ ଓମିକ୍ରନ ଭାରିଆଣ୍ଟ । ଓମିକ୍ରନ ଚିହ୍ନଟ ପାଇଁ ଓଡ଼ିଶାରେ ପହଁଚିଲା ୩୦ ହଜାର ଓମିସିୟୋର କିଟ୍ । କିଟ୍ ପହଂଚିବା ପରେ ଡ୍ରାଏ ରନ୍ ଆରମ୍ଭ ହୋଇଛି । ଏହା ଠିକ ଅଛି ନା ନାହିଁ ଟେଷ୍ଟ କରାଯାଉଛି । ଏହାକୁ ଇଣ୍ଟରନାଲ ଷ୍ଟଡ଼ି ପାଇଁ ବ୍ୟବହାର କରାଯିବ । ଯେଉଁ ଜିଲ୍ଲାରେ ଅଧିକ ସଂକ୍ରମିତ ବାହାରୁଛନ୍ତି ସେହି ଜିଲ୍ଲାକୁ ଓମିସିୟୋର କିଟ୍ ପଠାଯିବ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର । ମୁଖ୍ୟତଃ ବ୍ରହ୍ମପୁର, କଟକ, ରାଉରକେଲା, ଭୁବନେଶ୍ୱରରେ ପଜିଟିଭ ସଂଖ୍ୟା ଅଧିକ ରହୁଥିବାରୁ ପ୍ରାଥମିକ ପର୍ଯ୍ୟାୟରେ ଉକ୍ତ ୪ ସହରକୁ ଏହି କିଟ୍ ପହଞ୍ଚା ଯିବ । ଓମିକ୍ରନ ଭ୍ୟାରିଆଣ୍ଟ ଚିହ୍ନଟ କରିବାରେ ଏହା ସହାୟକ ହେବ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର । ଏଥସହ ସେ କହିଛନ୍ତି, କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଟେଷ୍ଟିଂ ବଢାଇବା ପାଇଁ କାର୍ଯ୍ୟ କରୁଛୁ । ଟେଷ୍ଟିଂ କ୍ରାଇଟେରିଆକୁ ମାନି କେତେ ଟେଷ୍ଟିଂ ବଢ଼ା ଯାଇପାରିବି ସ୍ୱାସ୍ଥ୍ୟ ବିଭାଗ ସେ ଉପରେ ବିଚାର ବିମର୍ଷ କରୁଛି । କିଛି କିଛି ଜିଲ୍ଲାରେ ଆର ଭ୍ୟାଲୁ ଅଧିକ ରହିଛି । ସବୁଠି ଅଧିକ ନାହିଁ । ତେଣୁ ଲକ୍‌ଡାଉନ୍, ଶଟଡାଉନ୍‌ର ଆବଶ୍ୟକତା ନାହିଁ । ସାମାନ୍ୟତମ ଲକ୍ଷଣ ଦେଖାଦେଲେ ବି ଟେଷ୍ଟ କରିବାକୁ ପରାମର୍ଶ ଦେଉଛୁ । ଏହାଦ୍ୱାରା ତୁରନ୍ତ ଚିକିତ୍ସା ଆରମ୍ଭ ହେବା ସହ ସଂକ୍ରମଣକୁ ରୋକି ହେବ । ଅପରପକ୍ଷେ, ରାଜ୍ୟରେ କରୋନା ସ୍ଥିତି ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି, କିଛି ଦିନ ହେବ ରାଜ୍ୟରେ ସଂକ୍ରମଣ ସମାନ୍ତରାଳ ସ୍ଥିତିରେ ରହିଛି । ସଂକ୍ରମଣ ହାର ଅଧିକ ରହୁଛି, କିଛି ସ୍ଥାନରେ ଆର ଭାଲ୍ୟୁ ଅଧିକ ରହିବ । ଭୟଭୀତ ହୁଅନ୍ତୁନି, ସାମାନ୍ୟ ଲକ୍ଷଣ ଆସିଲେ ଟେଷ୍ଟିଂ କରାନ୍ତୁ । ଆର ଭାଲ୍ୟୁ ସହ ହସ୍ପିଟାଲାଇଜେସନ କେସ୍, ଭେଣ୍ଟିଲେଟର, ଅକ୍ସିଜେନ ବ୍ୟବହାର ରେଟ୍ କେତେ ଅଛି, ତାହାକୁ ବି ଦେଖିବାକୁ ପଡ଼ିବ । ତେଣୁ କେବଳ ଆର ଭାଲ୍ୟୁକୁ ନେଇ ଆତଙ୍କିତ ହୁଅନ୍ତୁ ନାହିଁ ।

# ଢିଙ୍କିଆରେ ଆତଙ୍କରାଜ ବିଜେଡିର ଅନ୍ତର୍ଦ୍ୱନ୍ଦ୍ୱର ପ୍ରତିଫଳନ : ବିଭୁ ତରାଇ

ଭୁବନେଶ୍ୱର,୧୯/୧ (ନି.ପ୍ର): ଶିଳ୍ପ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଏବଂ ସ୍ଥାନୀୟ ପ୍ରଶାସନ ଅନୁକୂଳ ବାତାବରଣ ସୃଷ୍ଟି କରିବା ପରିବର୍ତେ ସ୍ଥାନୀୟବାସିନ୍ଦାଙ୍କ ଉପରେ ଅତ୍ୟାଚାର ଓ ବଳ ପ୍ରୟୋଗ କରି ଅଯଥାରେ ଅଶାନ୍ତର ବାତାବରଣ ସୃଷ୍ଟି କରିବା ସହିତ ପ୍ରତିବନ୍ଧକ ସାଜୁଛନ୍ତି । ପୋଲିସ ଓ ପ୍ରଶାସନର ଅତ୍ୟାଚାର ଜରିଆରେ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା କରିବା ଗଣତାନ୍ତ୍ରିକ ବ୍ୟବସ୍ଥାରେ ଆଦୌ ସମ୍ଭବ ନୁହେଁ ବୋଲି ବିଜେପି ଅନୁସୁଚିତ ଜାତି ମୋର୍ଚ୍ଚା ରାଜ୍ୟ ସଭାପତି ତଥା ସ୍ଥାନୀୟ ଲୋକସଭା ସାଂସଦ ପ୍ରାର୍ଥୀ ଡ. ବିଭୁପ୍ରସାଦ ତରାଇ କହିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ, ରାଜ୍ୟରେ ଶିଳ୍ପାୟନ ସପକ୍ଷରେ ବିଜେପି । ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ହେବା ସ୍ଥାନରେ ସର୍ବପ୍ରଥମେ ସ୍ଥାନୀୟ ବାସିନ୍ଦାଙ୍କ ସ୍ୱାର୍ଥ ଓ ସୁରକ୍ଷାକୁ ଅଗ୍ରାଧିକାର ଦିଆଯିବା ନିହାତି ଉଚିତ୍ । ଗତ ୧୪ ତାରିଖରେ ଜଗତସିଂହପୁର ଜିଲ୍ଲାରେ ପ୍ରସ୍ତାବିତ ଶିଳ୍ପାନୁଷ୍ଠାନ ପାଇଁ ଜମି ଅଧିଗ୍ରହଣକୁ ନେଇ ବିବାଦ ଘେରରେ ଥିବା ଢିଙ୍କିଆ ଗ୍ରାମରେ ପୋଲିସ ବର୍ବରୋଚିତ ଲାଠି ଚାର୍ଜରେ ୫୦୦ରୁ ଉର୍ଦ୍ଧ୍ୱ ମହିଳା, ଶିଶୁ ଓ ବୟସ୍କ ଲୋକମାନେ ଆହତ ହେବା ଅତ୍ୟନ୍ତ ନିନ୍ଦନୀୟ ଓ ଦୁର୍ଭାଗ୍ୟଜନକ । ଆନ୍ଦୋଳନରତ ଢିଙ୍କିଆ ଗ୍ରାମବାସୀଙ୍କ ସହିତ ଜିଲ୍ଲା ଓ ରାଜ୍ୟ ପ୍ରଶାସନ ଅଧିକାରୀମାନେ ଆଲୋଚନା କରି ଶାନ୍ତିପୂର୍ଣ୍ଣ ସମାଧାନ କରିବା ନିହାତି ଆବଶ୍ୟକ । ମାତ୍ର ଢିଙ୍କିଆରେ ସୃଷ୍ଟି ହୋଇଥିବା ଆତଙ୍କରାଜ ଶାସକ ବିଜେଡିର ଅନ୍ତର୍ଦ୍ୱନ୍ଦ୍ୱର ପ୍ରତିଫଳନ ଏବଂ କୃତ୍ରିମ ତଥା ପ୍ରାୟୋଜିତ ପ୍ରତିବନ୍ଧକ ସୃଷ୍ଟି କରି କଂପାନୀଠାରୁ ମୋଟା ଆକାରର ଚାନ୍ଦା ଆଦାୟ କରିବାର ବିଜେଡିର ଏହା ଏକ କୌଶଳ । 'ଡାହାଣି ହୋଇ ଲାଗିବା, ଗୁଣିଆ ହୋଇ ଛଡାଇବା' ନୀତିରେ ଶାସକ ବିଜେଡି ପୋଲିସକୁ ବ୍ୟବହାର କରି ଏ ପ୍ରକାରର ଜନମାରଣ ନୀତିକୁ କାର୍ଯ୍ୟକାରୀ କରାଇବାର ଅପପ୍ରୟାସ କରୁଛି ବୋଲି ଡ. ତରାଇ ଅଭିଯୋଗ କରିଛନ୍ତି ।

ସର୍ବପ୍ରଥମେ ଢିଙ୍କିଆ ଗ୍ରାମ ଭିତରୁ ଓ ପରିସୀମାରୁ ଡେରା ପକାଇ ଆତଙ୍କ ସୃଷ୍ଟି କରିଥିବା ପୋଲିସକୁ ପ୍ରତ୍ୟାହାର କରାଯାଉ । ଜିଲ୍ଲା ପ୍ରଶାସନ ସର୍ବଦୈଳୀୟ ବୈଠକ ଡାକି ଶିଳ୍ପ ପ୍ରତିଷ୍ଠା ପାଇଁ ସ୍ପଷ୍ଟ ମତ ଲୋଡନ୍ତୁ । ଶାନ୍ତିପୂର୍ଣ୍ଣ ବାତାବରଣ ସୃଷ୍ଟି ହେବା ପରେ ଶିଳ୍ପ ପ୍ରତିଷ୍ଠା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରାଯାଇ ସ୍ଥାନୀୟବାସିନ୍ଦାଙ୍କ ସହ ଜିଲ୍ଲା ଓ ରାଜ୍ୟ ପ୍ରଶାସନ ସୌହାଦ୍ୟ ଓ ଶାନ୍ତିପୂର୍ଣ୍ଣ ଆଲୋଚନା କରି ସମାଧାନର ବାଟ ବାହାର କରିବାକୁ ଡ.ତରାଇ ଦାବୀ କରିଛନ୍ତି ।

ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଡ.ତରାଇଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଢିଙ୍କିଆ ଗ୍ରାମକୁ ଯାଇ ସ୍ଥାନୀୟ ବାସିନ୍ଦାଙ୍କ ସହ ବିସ୍ତୃତ ଆଲୋଚନା କରିବା ସହିତ ବାସ୍ତବ ସ୍ଥିତି ସଂପର୍କରେ ଅବଗତ ହୋଇଥିଲେ । ଏ ସଂପର୍କରେ ସେ ରାଜ୍ୟ ସଭାପତିଙ୍କୁ ଅବଗତ କରାଇଛନ୍ତି ବୋଲି ଡ.ତରାଇ ସୂଚନା ଦେଇଛନ୍ତି ।ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ ଏବଂ ସ୍ଥାନୀୟ ବିଜେପି ନେତା ସଂଜୟ ମହାନ୍ତି ଉପସ୍ଥିତ ଥିଲେ ।

# କେନ୍ଦ୍ର ସରକାରଙ୍କ ପୋଷ୍ଟର ଓ ବ୍ୟାନର ହଟାଇବାକୁ ବିଜେଡିର ଦାବି

ଭୁବନେଶ୍ୱର,୧୯/୧ (ନି.ପ୍ର): କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କିତ ବ୍ୟାନର, ପୋଷ୍ଟର ହଟାଇବାକୁ ଦାବି କରି ବିଜୁ ଜନତା ଦଳର ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କୁ ଭେଟି ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ପଂଚାୟତ ନିର୍ବାଚନ ନେଇ ଆଦର୍ଶ ଆଚରଣ ବିଧି ଲାଗୁ ହୋଇ ସାରିଥିବା ବେଳେ ବିଭିନ୍ନ ସରକାରୀ ଯୋଜନାର ହୋର୍ଡିଂ, ବ୍ୟାନ୍ ର ହଟାଇବାର ନିୟମ ରହିଛି । ଏହା ସତ୍ତ୍ୱେ ରାଜ୍ୟର ବିଭିନ୍ନ ଛକ ଜାଗା, ପେଟ୍ରୋଲ ପମ୍ପ, ବିମାନବନ୍ଦର, ଜାତୀୟ ରାଜପଥ କଡ଼, କେନ୍ଦ୍ର ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟରେ ଏଭଳି ହୋର୍ଡିଂ ବ୍ୟାନର ରହିଛି । ଯାହା ଆଦର୍ଶ ଆଚରଣ ବିଧିର ଉଲ୍ଲଘଂନ ବୋଲି ଅଭିଯୋଗ କରିଛି ବିଜେଡି । ଏଣୁ ଆଚରଣ ବିଧି ଉଲ୍ଲଂଘନ କରୁଥିବା ବିଭିନ୍ନ ପୋଷ୍ଟର ବ୍ୟାନର ହଟାଇବାକୁ ଦାବି କରିଛି ବିଜେଡି ।

ଏହି ପ୍ରତିନିଧି ଦଳରେ ବିଜେଡି ମୁଖପାତ୍ର ତଥା ସାଂସଦ ସସ୍ମିତ ପାତ୍ରଙ୍କ ନେତୃତ୍ୱରେ ଦଳୀୟ ମୁଖପାତ୍ର ଲେନିନ୍ ମହାନ୍ତି, ସୁଲତା ଦେବ, ଶ୍ରୀମୟୀ ମିଶ୍ର, ଏଲିନା ଦାସ ଓ ଇପ୍‌ସିତା ସାମିଲ ଥିଲେ ।

# କୋଭିଡ୍ ସୂଚନା ଓ ସଚେତନତା ଅଭିଯାନକୁ ଅଧିକ ପ୍ରତିଷେଧାତ୍ମକ ଓ ସେବାଭିତ୍ତିକ କର-ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୧୯/୧ (ନି.ପ୍ର): ପରିବର୍ତିତ କୋଭିଡ୍ ସ୍ଥିତିରେ ସୂଚନା ଓ ସଚେତନତା ଅଭିଯାନକୁ ଅଧିକ ପ୍ରତିଷେଧାତ୍ମକ ଏବଂ ସେବାଭିତିକ କରିବାକୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି । ବର୍ତମାନ ରାଜ୍ୟରେ ଚାଲିଥିବା କୋଭିଡ୍ ବିରୋଧି ସଚେତନତା ଅଭିଯାନର ସମୀକ୍ଷାକରି ଶ୍ରୀ ମହାପାତ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି ।

ମଙ୍ଗଳବାର ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ୍ ମୋଡ୍ ରେଅନୁଷ୍ଠିତ ଏହି ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜ କୁମାର ଶର୍ମା କୋଭିଡ୍ ସଚେତନତା ଅଭିଯାନ ସମ୍ବନ୍ଧିତ ବିଷୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ । ବିଭିନ୍ନ ସ୍ତରରେ କରାଯାଉଥିବା ସଚେତନତା ଅଭିଯାନର ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କହିଥିଲେ ଯେ ବର୍ତମାନ ସ୍ଥିତିରେ ପ୍ରତିଷେଧାତ୍ମକ ଏବଂ ସେବା ଉପଲବ୍ଧି ସମ୍ବନ୍ଧିତ ସୂଚନା ପ୍ରସାରଣ କୋଭିଡ୍ ପରିଚାଳନା ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ । ଅଧିକ ସଂଖ୍ୟକ କୋଭିଡ୍ ସଂକ୍ରମିତ ବ୍ୟକ୍ତି ଘରୋଇ ପୃଥକବାସରେ ରହି ଚିକିତ୍ସିତ ହେଉଥିବାରୁ ସେମାନଙ୍କ ପାଇଁ ସେବା ସମ୍ବନ୍ଧିତ ସୂଚନା ବିଶେଷ ସହାୟକ ହେବ । ପୃଥକବାସର ବ୍ୟବହାରିକ ଢ଼ଙ୍ଗ, ଦୈନିକ ଯତ୍ନ, ଅମ୍ଳଜାନସ୍ତର ଯାଂଚ୍, ବୟସ୍କ ବ୍ୟକ୍ତି ଓ ଗର୍ଭବତୀ ମହିଳା ମାନଙ୍କର ଯତ୍ନ, କେଉଁ ଟେଲିଫୋନ ନମ୍ବର ମାଧ୍ୟମରେ ଡାକ୍ତରଙ୍କ ପରାମର୍ଶ ମିଳିପାରିବ, କି କି ସତର୍କତା ଅବଲମ୍ବନ କରାଯିବା ଦରକାର, ଜରୁରୀକାଳିନ ସ୍ଥିତିରେ କାହା ସହିତ ଓ କେମିତି ଯୋଗାଯୋଗ କରିବେ, ଦରକାର ସମୟରେ କେମିତି ଆମ୍ବୁଲାନ୍ସ ସେବା ପାଇବେ ଓ ହସ୍-ପିଟାଲ୍ ଯାଇପାରିବେ ଆଦି ସମସ୍ତ ବିଷୟ ସୂଚନା ଓ ସଚେତନତା ଅଭିଯାନରେ ସନ୍ନିବଶିତ କରିବା ପାଇଁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ ।

ପ୍ରତି ଜିଲ୍ଲା ଏବଂ ସହରାଂଚଳର କୋଭିଡ୍ ନିୟନ୍ତ୍ରଣ କକ୍ଷ, ଟେଲି ମେଡିସିନ୍ ଏବଂ ତୁରନ୍ତ ସହାୟକ ଦଳମାନଙ୍କର ଟେଲିଫୋନ୍ ନମ୍ବର ମଧ ସୂଚନା ଓ ସଚେତନତା ବାର୍ତାରେ ସନ୍ନିବେଶିତ କରିବା ପାଇଁ ମଧ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ପ୍ରତି ଆରଆର.ଟି ନିଜ ନିଜ ଦାୟିତ୍ୱ ଥିବା ବିଭିନ୍ନ ଅଂଚଳର ରୋଗୀମାନଙ୍କୁ ସାମିଲ୍‌କରି ଏକାଧିକ ହ୍ୱାଟ୍ସଆପ୍ ଗୃପ୍ ଖୋଲିବା ପାଇଁ ମଧ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ଏହା ମାଧ୍ୟମରେ ଘରୋଇ ପୃଥକବାସରେ ଥିବା ସଂକ୍ରମିତ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟସ୍ଥିତି ଓ ଆବଶ୍ୟକତା ବିଷୟରେ ଆର.ଆରଟି ମାନେ ତୁରନ୍ତ ଜାଣି ପାରିବେ । ଏହିସବୁ ସୂଚନା ଘରୋଇ ପୃଥକବାସରେ ଥିବା ଲୋକମାନଙ୍କୁ ଅଧିକ ଆତ୍ମ ବିଶ୍ୱାଶ ଓ ଭରଷା ଦେବ ଯାହାକି ପ୍ରକାରାନ୍ତରେ ଶିଘ୍ର ଆରୋଗ୍ୟଲାଭରେ ସହାୟକ ହେବ ବୋଲି ସେ କହିଥିଲେ ।

ବୈଠକରେ ଖବରକାଗଜ, ଟେଲିଭିଜନ୍, ସାମାଜିକ ଗଣମାଧମ ଆଦି ଜରିଆରେ କରାଯାଇଥିବା ବିଭିନ୍ନ ପ୍ରକାର ସଚେତନତା ଅଭିଯାନର ସମୀକ୍ଷା କରାଯାଇଥିଲା । ବର୍ତମାନ ପ୍ରାୟ ୧୨ ପ୍ରକାରର ସଚେତନତା ବାର୍ତା, ୮ ପ୍ରକାରର ମେସେଜ୍, ବହୁବିଧ ଦୃଶ୍ୟ ଓ ଶ୍ରାବ୍ୟ ବାର୍ତା, ପରାମର୍ଶ ଆଦି ଦିଆଯାଉଛି । ଜନସାଧାରଣଙ୍କୁ ମଧ ଏସ୍.ଏମ୍.ଏସ୍ ମାଧମରେ ସୂଚନା ପଠାଯାଉଛି । ଏହାଛଡ଼ା ଜିଲ୍ଲା ସ୍ତରରେ ୫୫ଟି, ବ୍ଲକ୍ ସ୍ତରରେ ୭୦୬ଟି, ସହରାଂଚଳ ସ୍ତରରେ ୫୬ଟି ଏବଂ ପୌରନିଗମ ସ୍ତରରେ ୬୫ଟି ଏପରି ସମୁଦାୟ ୮୬୫ଟି ଆରଆରଟି. ଦଳ ନିଜ ନିଜ ସ୍ତରରେ ଚିକିତ୍ସା ଓ ସଚେତନତା ସୂଚନା ଦେଉଛନ୍ତି ।

ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ସୂଚନା ଓ ଲୋକ ସଂପର୍କ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ଶାସନ ସଚିବ ମନୋଜ କୁମାର ମିଶ୍ର, ସୂଚନା ଓ ଲୋକ ସଂପର୍କ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନ ନିର୍ଦ୍ଦେଶକ ଡାକ୍ତର ଅମରେନ୍ଦ୍ର ମହାନ୍ତିଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ୨୧ ପର୍ଯ୍ୟନ୍ତ ବନ୍ଦ ରହିବ ଲୋକାୟୁକ୍ତ କାର୍ଯ୍ୟାଳୟ

ଭୁବନେଶ୍ୱର,୧୯/୧ (ନି.ପ୍ର): ଜାନୁଆରୀ ୧୯ ରୁ ୨୧ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ଓଡିଶା ଲୋକାୟୁକ୍ତ କାର୍ଯ୍ୟାଳୟ ବନ୍ଦ ରହିବ । କୋଭିଡ୍ ସଂକ୍ରମଣ ବୃଦ୍ଧି ପରିପ୍ରେକ୍ଷୀରେ ଲୋକାୟୁକ୍ତଙ୍କ ଖଣ୍ଡପୀଠ ସମେତ ଲୋକାୟୁକ୍ତ କାର୍ଯ୍ୟାଳୟ ଉପରୋକ୍ତ ତିନି ଦିନ ସାମୟିକ ଭାବେ ବନ୍ଦ ରହିବ ଓ ଆସନ୍ତା ଜାନୁଆରୀ ୨୪ରୁ ପୂର୍ବଭଳି କାର୍ଯ୍ୟ କରିବ ବୋଲି ଲୋକାୟୁକ୍ତ କାର୍ଯ୍ୟାଳୟ ତରଫରୁ ଜନସାଧାରଣଙ୍କ ନିମନ୍ତେ ସୂଚନା ଦିଆଯାଇଛି ।

# ବ୍ଲୁମବର୍ଗ ଗ୍ଲୋବାଲ ମେୟର୍ସ ଚ୍ୟାଲେଞ୍ଜ' ଚୂଡ଼ାନ୍ତ ତାଲିକାରେ ରାଉରକେଲା

ରାଉରକେଲା/ଭୁବନେଶ୍ୱର,୧୯/୧ (ନି.ପ୍ର): 'ବ୍ଲୁମବର୍ଗ-୨୦୨୧ ଗ୍ଲୋବାଲ ମେୟର୍ସ ଚ୍ୟାଲେଞ୍ଜ' ପ୍ରତିଯୋଗିତାରେ ରାଉରକେଲା ବିଶ୍ୱର ୧୫ଟି ସହର ଭିତରେ ସ୍ଥାନ ପାଇଛି । ଏହି ଅନ୍ତର୍ଜାତୀୟ ମାନ୍ୟତା ପାଇବାରେ ରାଉରକେଲା ହେଉଛି ଭାରତର ଏକମାତ୍ର ସହର । ଏହି ବିଶେଷ ସଫଳତା ସହ ରାଉରକେଲାକୁ ବ୍ଲୁମବର୍ଗ ଫିଲାନଥ୍ରପିକ୍ ସଂସ୍ଥା ପକ୍ଷରୁ ୧ ନିୟୁତ ଆମେରିକୀୟ ଡଲାର ପୁରସ୍କାର ସହିତ ଆସନ୍ତା ୩ ବର୍ଷ ପର୍ଯ୍ୟନ୍ତ ବିଭିନ୍ନ ବୈଷୟିକ ସହାୟତା ଓ ପରାମର୍ଶ ଯୋଗାଇ ଦିଆଯିବ । ଏହି ପ୍ରତିଯୋଗିତାରେ ସାମିଲ ହୋଇ ରାଉରକେଲା ମହାନଗର ନିଗମ ପକ୍ଷରୁ ଏକ ବିଶେଷ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ରାଉରକେଲା ସହରର ଛେଣ୍ଡ ଠାରେ ଏକ ୫ ଟନ୍ କ୍ଷମତା ବିଶିଷ୍ଟ ଶୀତଳଭଣ୍ଡାର ସ୍ଥାପନ କରାଯାଇଛି । ଏହା କାର୍ଯ୍ୟକ୍ଷମ ହେବା ଫଳରେ ସହରର ଛୋଟ ଛୋଟ ଚାଷୀ, ପନିପରିବା ତଥା ଫଳ ବ୍ୟବସାୟୀମାନେ ନିଜର ସାମଗ୍ରୀ ସେଠାରେ ସଂରକ୍ଷଣ କରିପାରୁଛନ୍ତି । ଏହି ଶୀତଳଭଣ୍ଡାରକୁ ପରିଚାଳନା କରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ମଧ ସେମାନଙ୍କ ଜୀବିକା କରିପାରିଛନ୍ତି । ଏଥିସହିତ ସହରବାସୀଙ୍କ ଦୁଆର ମୁହଁରେ ତାଜା ଫଳ ଓ ପନିପରିବା ପହଂଚିପାରୁଛି । ଏହି ପ୍ରକଳ୍ପରେ ଟେକ୍ନୋଲୋଜିର ବ୍ୟାପକ ବ୍ୟବହାର କରି ଏହାକୁ ଦୀର୍ଘସ୍ଥାୟୀ ତଥା ସଫଳ କରାଯାଇପାରିଛି । ଏହି ବିଶ୍ୱସ୍ତରୀୟ ସଫଳତା ପାଇଁ ସୁନ୍ଦରଗଡ଼ ଜିଲ୍ଲାପାଳ ନିଖିଳ ପବନ କଲ୍ୟାଣ ଏବଂ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଡାକ୍ତର ଶୁଭଙ୍କର ମହାପାତ୍ର ନିଗମର କର୍ମକର୍ତା ଏବଂ ପ୍ରକଳ୍ପ ସହ ସଂପୃକ୍ତ ସମସ୍ତ ଅଂଶୀଦାର ଓ ରାଉରକେଲାବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ବ୍ଲୁମବର୍ଗ ଗ୍ଲୋବାଲ ମେୟର୍ସ ଚ୍ୟାଲେଞ୍ଜରେ ଭାଗନେଇ ରାଉରକେଲା ବିଶ୍ୱର ପ୍ରମୁଖ ୧୫ଟି ସହର ଭିତରେ ସ୍ଥାନ ପାଇବା ଆମ ସୁନ୍ଦରଗଡ଼ ଜିଲ୍ଲା ପାଇଁ ଗର୍ବର ବିଷୟ । ଆଗାମୀ ଦିନରେ ଏଭଳି ଅଭିନବ ପ୍ରକଳ୍ପ ପରିକଳ୍ପନା କରିବା ଦିଗରେ ଏହି ପୁରସ୍କାର ନିଶ୍ଚିତ ଭାବେ ସମସ୍ତଙ୍କୁ ଉତ୍ସାହିତ କରିବ । ବିଶେଷକରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସକ୍ରିୟ ଭୂମିକା ଫଳରେ ଏହି ପ୍ରକଳ୍ପ ସହରର ସମସ୍ତ ଅଂଶୀଦାରମାନଙ୍କୁ ସୁଫଳ ଯୋଗାଇ ଦେଉଛି ବୋଲି କହିଛନ୍ତି ସୁନ୍ଦରଗଡ଼ ଜିଲ୍ଲାପାଳ ନିଖିଳ ପବନ କଲ୍ୟାଣ । "ବ୍ଲୁମବର୍ଗ-୨୦୨୧ ଗ୍ଲୋବାଲ ମେୟର୍ସ ଚ୍ୟାଲେଞ୍ଜରେ ଭାଗ ନେଇ ରାଉରକେଲା ମହାନଗର ନିଗମ ଏକ ଅଭିନବ ପ୍ରସ୍ତାବ ଦେଇଥିଲା । ଏହାକୁ ଆଧାରକରି ଚାଷୀ, କ୍ଷୁଦ୍ର ବ୍ୟବସାୟୀଙ୍କ ସହିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ଜୀବିକା ଓ ଆର୍ଥିକ ବିକାଶ ଉପରେ ଆମେ ଗୁରୁତ୍ୱ ଦେଇଛୁ । ଏହି ପ୍ରକଳ୍ପର ସଠିକ୍ କାର୍ଯ୍ୟାନ୍ୱୟନ ଯୋଗୁଁ ରାଉରକେଲା ସହର ଆଜି ବିଶ୍ୱର ୧୫ଟି ପ୍ରମୁଖ ସହର ଭିତରେ ସ୍ଥାନ ପାଇପାରିଛି । ରାଉରକେଲାକୁ ଏହି ସମ୍ମାନ ମିଳିଥିବାରୁ ବ୍ଲୁମବର୍ଗ କର୍ତୃପକ୍ଷଙ୍କୁ ମଧ କୃତଜ୍ଞତା ଜଣାଉଛି ବୋଲି କହିଛନ୍ତି ମହାନଗର ନିଗମ କମିଶନର ଡାକ୍ତର ଶୁଭଙ୍କର ମହାପାତ୍ର ।

# ସ୍ଥାନାନ୍ତର ହେଲା ୧ ନମ୍ବର ପରିବା ହାଟ

ଭୁବନେଶ୍ୱର,୧୯/୧ (ନି.ପ୍ର): ରାଜଧାନୀରେ ସଂକ୍ରମଣକୁ ଦୃଷ୍ଟିରେ ରଖି ଭୁବନେଶ୍ୱରର ହାଟଗୁଡିକୁ ସ୍ଥାନାନ୍ତର ଅର୍ଥାତ ବିକେନ୍ଦ୍ରୀକରଣ କରାଯାଇଛି । ଆଜିଠାରୁ ୧ ନମ୍ବର ପରିବା ହାଟ, ୟୁନିଟ୍-୧ ହାଇସ୍କୁଲ ପଡ଼ିଆରେ ବସିଛି । ପୂର୍ବ ଭଳି କରୋନା କଟକଣା ମାନି ବେପାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଦୋକାନ ଦୋକାନ ମଧ୍ୟରେ ୬ ଫୁଟ୍ ଦୂରତାକୁ ବାଧ୍ୟତାମୂଳକ କରାଯାଇଛି । ହେଲେ ହାଇସ୍କୁଲ ପଡ଼ିଆରେ ହାଟ ବସିବାକୁ ନେଇ ବେପାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ୧ ନମ୍ବର ହାଟରେ ୧୪ ଶହ ବେପାରୀ ବସୁଥିବାବେଳେ ହାଇସ୍କୁଲ ପଡ଼ିଆରେ ଜାଗା ଅଭାବ ହେଉଛି । ଏଣୁ ଅଧାରୁ ଅଧିକ ବେପାରୀ ଦୋକାନ ଖୋଲି ପାରିନାହାନ୍ତି । ଜାଗା ନ ମିଳିବାରୁ ବହୁ ବ୍ୟବସାୟୀ ଗାଁକୁ ପଳାଇଥିବା ଅଭିଯୋଗ ହୋଇଛ । ଏଣୁ ଆଉ କିଛି ଅସ୍ଥାୟୀ ଦୋକାନ ଖୋଲିବାକୁ ଦାବି କରିଛନ୍ତି । ପୂର୍ବରୁ ୪ ନମ୍ବର ହାଟ ମଧ ରେଡ଼କ୍ରସ ଭବନ ନିକଟରେ ଆରମ୍ଭ ହୋଇସାରିଛି ।

ଏନେଇ ଜଣେ ବ୍ୟବସାୟୀ ଅଖିଳ ସାହୁ କହିଛନ୍ତି, ସରକାରଙ୍କ ଆଇନକୁ ସମ୍ପୂର୍ଣ୍ଣ ସମ୍ମାନ ଦେଉଛୁ । କିନ୍ତୁ ଏହି ପଡ଼ିଆ ବହୁତ ଛୋଟ ହେଉଥିବାରୁ ବହୁ ଦୋକାନୀ ଦୋକାନ ଖୋଲି ପାରୁ ନାହାନ୍ତି । ବହୁ ବ୍ୟବସାୟୀ ମନ ଦୁଃଖରେ ଗାଁକୁ ଯାଉଛନ୍ତି ।

## ୭୩ତମ ସାଧାରଣତନ୍ତ୍ର ଦିବସ ବୈଠକ ଫସର ଫାଟିଲା : ବିରକ୍ତି ପ୍ରକାଶ କଲେ ଉପଜିଲ୍ଲାପାଳ

ନୀଳଗିରି, ୧୯/୦୧ (ନି.ପ୍ର): ଆସନ୍ତା ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଆଜି ନୀଳଗିରି ଆଇଟିଡିଏ ସମ୍ମିଳନୀ କକ୍ଷରେ ଏକ ବୈଠକ ଆୟୋଜନ କରାଯାଇଥିଲା ବେଳେ ଉକ୍ତ ବୈଠକରେ ଉପଜିଲ୍ଲାପାଳଙ୍କ ବ୍ୟତୀତ ଉପଖଣ୍ଡର ଅଧିକାଂଶ ପଦାଧିକାରୀ ଅନୁପସ୍ଥିତ ରହିଥିବାରୁ ନୀଳଗିରି ଉପଜିଲ୍ଲାପାଳ ଦୀପ୍ତିରଂଜନ ସେଠୀ ବୈଠକକୁ ସ୍ଥଗିତ ରଖିବା ସହିତ ଆଗାମୀ ୨୧ ତାରିଖ ଦିନ ପୁର୍ନବାର ଏହି ବୈଠକ ଅନୁଷ୍ଠିତ ହେବ ବୋଲି କହିବା ସହିତ ଉପଖଣ୍ଡର ସମସ୍ତ ବିଭାଗର ଅଧିକାରୀମାନେ ଯେପରି ଉପସ୍ଥିତ ରହିବେ ସେଥିପାଇଁ ଉପଖଣ୍ଡ ଲୋକ ସଂପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳଙ୍କୁ କଡ଼ା ଦାଗିଦ୍ କରିଥିଲେ । ବିଶେଷ କରି ବ୍ଲକ ଶିକ୍ଷାଧିକାରୀ ନିଜେ ନ ଆସି ଜଣେ ବି.ଆର.ସି.ସି. ଙ୍କୁ ପଠାଇଥିଲେ । ତାଙ୍କ ଠାରୁ ବ୍ଲକ ଶିକ୍ଷାଧିକାରୀ ନ ଆସିବାର କାରଣ ପଚାରିବାରୁ ମାଡାମ୍ ବ୍ୟସ୍ତ ଥିବା କହିବାରୁ ଉପଜିଲ୍ଲାପାଳ ବିରକ୍ତି ଭାବ ପ୍ରକାଶ କରି ତୁରନ୍ତ ବୈଠକରୁ ଚାଲି ଯିବାକୁ କହିଥିଲେ । ତେଣୁ ଆଗାମୀ ବୈଠକରେ ସମସ୍ତଙ୍କ ଉପସ୍ଥିତି କାମନା କରି ବୈଠକ ସାଂଗ କରିଥିଲେ ।

## ନାମାଙ୍କନ ପତ୍ର ଦାଖଲ କେଲ ୨୮୬ ଜଣ

ବାଲିଆପାଳ, ୧୯/୦୧ (ନି.ପ୍ର): ଆଜି ତୃତୀୟ ଦିନେର ବାଲିଆପାଳ ବ୍ଲକେର ୨୨୩ ଜଣ ଓାର୍ଡ ମେମ୍ବର, ୪୧ ଜଣ ସରପଂଚ ଏବଂ ୨୨ ଜଣ ସମିତି ସଦସ୍ୟ ପ୍ରାର୍ଥି ଏହିଭଳି ମୋଟ ୨୮୬ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । କୋଭିଡ କଟକଣା ମାନି ସମେସ୍ତ ସ୍ୱଳ୍ପ ସଂଖ୍ୟକ ସମଥର୍କଙ୍କ ଗହଣେର ଆସି ନାମାଙ୍କନ ପତ୍ର ଭର୍ତ୍ତି କରିଛନ୍ତି । ତେବେ ଏମାନଙ୍କ ମଧ୍ୟରୁ ଅଧିକାଂଶ କଂଗ୍ରେସ ଓ ବିଜେଡିର ବିଦ୍ରୋହୀ ପ୍ରାର୍ଥି ଥିବା ଶୁଣିବାକୁ ମିଳୁଛି । ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲର ସମୟ ସୀମା ରହିଥିବାରୁ ୨ ଦିନ ବ୍ଲକେର ପ୍ରବଳ ଭିଡ ହେବ ବୋଲି ଆଶା କରାଯାଉଛି ।

# ଟାଟା ପାୱାର ପକ୍ଷରୁ ବିଦ୍ୟୁତ ବିଲ୍ ସଂଶୋଧନ ଶିବିର



ବାରିପଦା, ୧୯/୦୧ (ନି.ପ୍ର): ବାରିପଦା ବିଦ୍ୟୁତ ଡିଭିଜନ ଅଧିନସ୍ଥ ରଘୁନାଥପୁର ବିଦ୍ୟୁତ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଠାରେ ଟାଟା ପାୱାର ଉତରାଞ୍ଚଳ ଓଡିଶା ବିତରଣ ଲିମିଟେଡ୍ ପକ୍ଷରୁ ଗ୍ରାହକଙ୍କ ବିଦ୍ୟୁତ୍ ବିଲ୍ ସଂଶୋଧନ ଶିବିର 'ଅପରେସନ୍ ନିଷ୍ଠା' ଅନୁଷ୍ଠିତ ହୋଇଯାଇଅଛି । ଏହି ଶିବିରରେ ଜ୍ୟୋତିପୁର, ରାଗଧା, ବୁଢିଖମାରି, ଶଙ୍ଖାଭଙ୍ଗା, ରାଣୀଭୋଳ, ଶିଖରଘାଟି, ରଜାବସା, ବଇଦପୁର, ବେତନା, ବଡଯୋଡ ଓ ରଘୁନାଥପୁର ଆଦି ଅଞ୍ଚଳରୁ ବିଦ୍ୟୁତ ଉପଭକ୍ତାଙ୍କ ମଧ୍ୟରୁ ୭୨ ଜଣ ଉପଭକ୍ତାଙ୍କ ବିଲ୍ ସଂଶୋଧନ ହୋଇଥିଲା । ଏଥିସହ ୩ ଲକ୍ଷ୍ୟ ୪୨ ହଜାର ୫୨୦ ବକେୟା ଟଙ୍କା ଆଦାୟ ହୋଇଥିଲା ଏବଂ ୬୮ ଟି ମନିରସିଦ କଟା ଯାଇଥିଲା । ଟାଟା ପାୱାର ର ନିର୍ବାହୀ ଯନ୍ତ୍ରୀ ଇଂ. କାହ୍ନୁଚରଣ ସର୍ଦ୍ଦାର,ମଣ୍ଡଳ ଅଧିକାରୀ ଇଂ.ସତ୍ୟବ୍ରତ ସେଠୀ ଓ କନିଷ୍ଠ ଯନ୍ତ୍ରୀ ବସନ୍ତ କୁମାର ସାହୁଙ୍କ ତତ୍ୱାବଧାନରେ ଜ୍ୟୋତିକୃଷ୍ଣ ବେହେରା, ଶ୍ରୀକାନ୍ତ ଜେନା, ଯଦୁନାଥ ଗିରି, ବିଜୟ ସାହୁ, ରାଜନାରାୟଣ ସିଂ, ପ୍ରୀତମ ଘୋଷ, ଅଚ୍ୟୁତ ସାହୁ, ପ୍ରଦୀପ ଜେନା, କାହ୍ନୁଚରଣ ଦାସ, ଜଗବନ୍ଧୁ ନାଏକଙ୍କ ପରିଚାଳନାରେ ବିଦ୍ୟୁତ୍ ବିଲ୍ ସଂଶୋଧନ କରାଯାଇଥିଲା । ବିଦ୍ୟୁତ୍ ବିଲ୍ ପ୍ରଦାନ ଓ ସଂଶୋଧନ କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନ କୌଶଳ ପ୍ରୟୋଗ କରାଯାଇଅଛି । ଆଗାମୀ ଦିନରେ ଟାଟା ପାୱାର କେବଳ ଉତରାଂଚଳ ଓଡିଶା ନୁହେଁ ସମଗ୍ର ରାଜ୍ୟ ତଥା ଦେଶ ପାଇଁ ଉଦାହରଣ ସୃଷ୍ଟି କରିବ ବୋଲି ଟାଟା ପାୱାରର ସହକାରୀ ଯନ୍ତ୍ରୀ ବସନ୍ତ କୁମାର ସାହୁ ଦୃଢକ୍ତି ପ୍ରକାଶ କରିଛନ୍ତି । ଏହି ଶିବିରରେ ରଘୁନାଥପୁର ବିଦ୍ୟୁତ୍ ସେକ୍ସନର ସମସ୍ତ କର୍ମଚାରୀ ପୂର୍ଣ୍ଣ ସହଯୋଗ କରିଥିଲେ ।

# ପାରଦିପା ଗ୍ରାମରେ ଜ୍ଞାନ ଯଜ୍ଞ



ରୁପ୍ସା,୧୯/୦୧ (ନି.ପ୍ର): ମୁନି ବିଷ୍ଣୁପଦ ଦଳାଇଙ୍କ ନାତୁଣୀ କୁମାରୀ ରାଜଲକ୍ଷ୍ମୀ ଦଳାଇଙ୍କ ଏକାଦଶତମ ଶୁଭ ଜନ୍ମଦିନ ମହା ସମାରୋହରେ ଯୋଗୀ ଭିକାରି ଚରଣ ମୁନିଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ସତ୍ୟ ପତାକା ଉତ୍ତୋଳନ କରିଥିଲେ ଜିଲ୍ଲା ପ୍ରଚାର ସଙ୍ଗଠନ ମନ୍ତ୍ରୀ ଯୋଗୀ ଚିତ୍ତରଞ୍ଜନ ମୁନି । ମୁଖ୍ଯ ବକ୍ତା ଥିଲେ ବ୍ରହ୍ମବିତ୍ ଯୋଗୀ ମୋହିମ ମୁନି ।ମୁଖ୍ୟ ଅତିଥି ଥିଲେ ଯୋଗୀ ଚିତ୍ତରଞ୍ଜନ ମୁନି । ସମ୍ମାନୀତ ବକ୍ତା ଥିଲେ ଯୋଗୀ ମଧୁସୂଦନ ପଣ୍ଡା,ଯୋଗୀ ପରମାନନ୍ଦ ବାରିକ, ଯୋଗୀ ରାମଚନ୍ଦ୍ର ବେହେରା ।ସମ୍ମାନୀତ ଅତିଥି ଥିଲେ ଯୋଗଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା । ଜନ୍ମଦିନ ସଙ୍ଗୀତ ଗାନ କରିଥିଲେ ଯୋଗଶିକ୍ଷୟତ୍ରୀ ମଞ୍ଜୁଲତା ବେହେରା ଉପସ୍ଥିତ ଥିଲେ ମୁନି ରାଜ ଅନାଦି ବାରିକ, ସନ୍ତୋଷ ଦଳାଇ, ଚକ୍ରଧର ଦଳାଇ, ଅଭିଷେକ ଦଳାଇ, ମନ୍ଦାକିନୀ ଦଳାଇ, ସୀତାଞ୍ଜଳୀ ଦଳାଇ, କମଳା ଦଳାଇ ଇତ୍ୟାଦି । ସଙ୍ଗୀତ ଗାନ କରିଥିଲେ ଭଗବାନ ଓ ପ୍ରବୋଧ ବେହେରା ।ସମୂହ ପ୍ରଣବ, ବେଦ ପାଠ, ଶାନ୍ତିଲାଗେ ସହିତ ସମୂହ ଆଶୀର୍ବାଦ ପ୍ରଦାନ କରାଯାଇଥିଲା । ସମସ୍ତେ ଏକମନ, ଏକ ପ୍ରାଣ ଏବଂ ଏକଭାବନାରେ ତଲ୍ଲୀନହୋଇ । ଶେଷରେ ଯୋଗୀ ରାମଚନ୍ଦ୍ର ବେହେରା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

## ସପ୍ତମ ବେତନ ପାଇବାରୁ ବଞ୍ଚିତ ହେଲେ ବହୁ ଅଧ୍ୟାପକ ଓ କର୍ମଚାରୀ

ବାଲିଆପାଳ, ୧୯/୦୧ (ନି.ପ୍ର): ୨୦୨୧ ଡିସେମ୍ବର ୩୧ରେ ସରକାର ରାଜ୍ୟର ୪୨ ହଜାର ଅଧ୍ୟାପକ, ଶିକ୍ଷକ ଏବଂ କର୍ମଚାରୀଙ୍କ ସପ୍ତମ ବେତନ ହାରରେ ଦରମା ପ୍ରଦାନ କରିବାକୁ କ୍ୟାବିନେଟ ଅନୁମୋଦନ କରିଥିଲେ ଯାହାକି ଉଚ୍ଚଶିକ୍ଷା ଓ ଗଣଶିକ୍ଷା ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇସାରିଛି । ମାତ୍ର ଦୁଃଖର ବିଷୟ ଆଉ କେତେକ ଅଧ୍ୟାପକ ଓ କର୍ମଚାରୀ ୨୦୧୪/୨୦୧୮ ଆଦେଶନାମା ଅନୁଯାୟୀ ୧ ଜାନୁଆରୀ ୨୦୨୨ ରୁ ଶତ ପ୍ରତିଶତ ଅନୁଦାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ ମଧ ଏହି ଗୋଟିଏ ଦିନ ପାଇଁ ସେମାନଙ୍କୁ ସପ୍ତମ ବେତନ ଅନୁଦାନ ପାଇବାରୁ ବଞ୍ଚିତ କରାଇଛି । ବାଲିଆପାଳ ସମେତ ବାଲେଶ୍ୱର ଜିଲ୍ଲାରୁ ବହୁ ଅଧ୍ୟାପକ ଓ ଅଧ୍ୟାପିକା ବାଦ୍ ପଡ଼ିଛନ୍ତି । ତେଣୁ ସରକାର ଏହି ଦିଗପ୍ରତି ବିଚାର କରି ଅଧ୍ୟାପକ ଓ କର୍ମଚାରୀଙ୍କୁ ମଧ ସପ୍ତମ ବେତନ ପ୍ରଦାନ କରିବାକୁ ରାଜ୍ୟ ସଭାପତି ଶଳିଳ ରାଜନନ୍ଦନ ମହାନ୍ତି, ସଞ୍ଜିବ କୁମାର ରାଉତ, ଜିଲ୍ଲା କୋର୍ଡିନେର ପ୍ରଭାତ ରଞ୍ଜନ ଦାସ, ସୁବ୍ରତ କୁମାର ପ୍ରଧାନ, ଅଶୋକ କୁମାର ରଥ, ରାଧାମାଧବ ଘୋଷାଲ, ଅମର ବଲ୍ଲବ ପଣ୍ଡା, ସତ୍ୟନାରାୟଣ ସାହୁ, ମନୋଜ ନାୟକ, ସୁରେନ୍ଦ୍ର ପଣ୍ଡା, ଅଜିତ କୁମାର ଭୁୟା. ଅନିଲ କୁମାର ମହାପାତ୍ର ନିବେଦନ କରିଛନ୍ତି ।

# ଆଞ୍ଚଳିକ ବ୍ରାହ୍ମଣ ସମିତିର ଦ୍ୱାଦଶ ବାର୍ଷିକୋତ୍ସବ



ଖଇରା,୧୯/୦୧ (ନି.ପ୍ର): ହିନ୍ଦୁ ଧର୍ମ ସୁରକ୍ଷିତ ରହିଲେ ଭାରତ ବର୍ଷ ର ଅସ୍ତିତ୍ୱ ସୁଦୃଢ ହେବ । ହିନ୍ଦୁ ଓ ବ୍ରାହ୍ମଣ ଗୋଟିଏ ମୁଦ୍ରାର ୨ ପାର୍ଶ୍ୱ ହୋଇଥିବାରୁ ବ୍ରାହ୍ମଣ ସମାଜର ତ୍ୟାଗ ପାଇଁ ହିନ୍ଦୁଧର୍ମ ଆଜି ବଞ୍ଚି ରହିଛି । ସମ୍ବିଧାନ ସମସ୍ତଙ୍କୁ ସମାନ ଅଧିକାର ଦେଇଥିଲେ ହେଁ ଭୋଟରାଜନୀତି ପାଇଁ ବ୍ରାହ୍ମଣ ମାନେ ସମାଜରେ ଅବହେଳିତ । ହେଲେ ବ୍ରାହ୍ମଣ ମାନେ ବ୍ରହ୍ମଶକ୍ତିକୁ ଜାଗ୍ରତ କରି ଧର୍ମର ରକ୍ଷା କରିବା ସହ ହିନ୍ଦୁସ୍ତାନର ସୁରକ୍ଷା ପାଇଁ କାର୍ଯ୍ୟ କରିବା ଦରକାର ବୋଲି ବୁଧବାର ଖଇରା ବ୍ଲକର ବଣପାରିଆ ଠାରେ ଆୟୋଜିତ ଆଞ୍ଚଳିକ ବ୍ରହ୍ମଣ ସମିତିର ଦ୍ୱାଦଶ ବାର୍ଷିକୋତ୍ସବରେ ଯୋଗ ଦେଇଥିବା ବକ୍ତାମାନେ ଆଲୋକପାତ କରିଛନ୍ତି । ରାଜ୍ୟ ବ୍ରାହ୍ମଣ ସଂଘର ଉପସଭାପତି କୃଷ୍ଣଚନ୍ଦ୍ର ପତ୍ରୀଙ୍କ ଆବାହକତ୍ୱରେ ଆୟୋଜିତ ସଭାରେ ପଣ୍ଡିତ ଜଳଧର ମିଶ୍ର ଅଧ୍ୟକ୍ଷତା କରିଥିଲେ । ବ୍ରାହ୍ମଣ ମହାସଂଘର ରାଜ୍ୟ ସଭାପତି ସଦାନନ୍ଦ ଦିକ୍ଷିତ,ଜିଲା ସମ୍ପାଦକ ଗୌର ଚନ୍ଦ୍ର ଦାଶ, ଜିଲା ଉପସଭାପତି ଶକ୍ତିପଦ ପଣ୍ଡା,ଯୁବ ବାହିନୀ ମୁଖ୍ୟ ବୈଦ୍ୟନାଥ ଆଚାର୍ଯ୍ୟ ବିଶିଷ୍ଟ ବକ୍ତାଭାବେ ଯୋଗ ଦେଇଥିଲେ । ସମ୍ପାଦକ ରମାକାନ୍ତ ଶତପଥି ବିବରଣୀ ପାଠ, ଅନାମାନନ୍ଦ ଦାଶ ବେଦପାଠ, ବୁଦ୍ଧିରାମ ପାଣିଗ୍ରାହୀ ମଞ୍ଚ ପରିଚାଳନା, ରଘୁନାଥ ପତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ ଜୋନର ସଭାପତି ରାମଚନ୍ଦ୍ର ପଣ୍ଡା, ବସୁଦେବ ପଣ୍ଡା, ଉପେନ୍ଦ୍ର ପାଣିଗ୍ରାହୀ ମାନେ ନିଜ ନିଜର ଜୋନ ସମସ୍ୟା ଉପରେ ଅବଗତ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ପଂଚାୟତ ନିର୍ବାଚନ ପରିପ୍ରେକ୍ଷୀରେ....

ମତଦାନ ପରଦିନ ପର୍ଯ୍ୟନ୍ତ ଯେଉଁ ସ୍ଥାନରେ ନିର୍ବାଚନ ହେବାକୁ ଥିବ ସେଠାରେ ମଦର ବିକ୍ରୟ ଓ ବଂଟନ ଉପରେ ନିଷେଧାଦେଶ ଜାରିକରି ରାଜ୍ୟ ଅବକାରୀ ବିଭାଗକୁ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି । ଏହି ସମୟରେ ଅନ୍ୟ ସ୍ଥାନକୁ ମାଦକ ଦ୍ରବ୍ୟର ପରିବହନ, ହୋଟେଲ କିମ୍ବା ରେଷ୍ଟୁରାଂଟ, ଦୋକାନରେ ଅବା ଅନ୍ୟକୌଣସିଠାରେ ମଦର ବ୍ୟବହାର କରାଯାଇପାରିବ ନାହିଁ ବୋଲି ନିର୍ବାଚନ କମିଶନର ସମସ୍ତ ପ୍ରକାରର ବାରଣ କରିଛନ୍ତି । ପଂଚାୟତ ନିର୍ବାଚନରେ ମତଦାନ ନିମନ୍ତେ ସମସ୍ତ ସରକାରୀ କର୍ମଚାରୀ, ବେସରକାରୀ ଅନୁଷ୍ଠାନର କର୍ମଚାରୀ ଓ ସରକାରୀ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନର କର୍ମଚାରୀମାନଙ୍କୁ ମତଦାନ ଦିନଟିକୁ ରାଜ୍ୟ ନିର୍ବାଚନ କମିଶନ ସବୈତନିକ ଛୁଟି ଦିନ ଭାବେ ଘୋଷଣା କରିବା ପାଇଁ ରାଜ୍ୟ ସରକାରଙ୍କୁ ଜଣାଇଛନ୍ତି । ଯେଉଁ କର୍ମଚାରୀମାନଙ୍କର ମତଦାନ କେନ୍ଦ୍ରଠାରୁ କର୍ମସ୍ଥଳ ଦୂର ହୋଇଥିବ ସେମାନେ ତିନିଦିନ ସ୍ୱତନ୍ତ୍ର ସିଏଲ୍ ପାଇବେ ବୋଲି ନିର୍ବାଚନ କମିଶନ ସଂପୃକ୍ତ ବିଭାଗକୁ ଚିଠି ମାଧ୍ୟମରେ ଜଣାଇଛନ୍ତି । ସେହିପରି ଗ୍ରାମାଂଚଳରେ ବିଭିନ୍ନ ଅନୁଷ୍ଠାନ କିମ୍ବା ଶିକ୍ଷାନୁଷ୍ଠାନଗୁଡ଼ିକରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ନିର୍ବାଚନରେ ମତଦାନର ସୁଯୋଗ ଦେବା ପାଇଁ ରାଜ୍ୟ ନିର୍ବାଚନ କମିଶନ ମତଦାନ ଦିବସକୁ ସବୈତନିକ ଛୁଟି ଦିବସ ଭାବେ ଘୋଷଣା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଗ୍ରାମାଂଚଳରେ ରହି ବିଭିନ୍ନ ଅନୁଷ୍ଠାନରେ କାର୍ଯ୍ୟରତ ଶ୍ରମିକ/କାରିଗରମାନେ ଏହାର ସୁଯୋଗ ନେଇ ମତଦାନ କରିପାରିବେ ବୋଲି ରାଜ୍ୟ ନିର୍ବାଚନ କମିଶନ ସଂପୃକ୍ତ ଶ୍ରମ ବିଭଗକୁ ପତ୍ର ମାଧ୍ୟମରେ ଜଣାଇଛନ୍ତି । ନିର୍ବାଚନ ହେଉଥିବା ଅଂଚଳରେ ସମସ୍ତ କର୍ମଚାରୀମାନଙ୍କୁ ମତଦାନର ସୁଯୋଗ ଦେବା ନିମନ୍ତେ ରାଜ୍ୟ ନିର୍ବାଚନ କମିଶନ ଭୋଟ ଗ୍ରହଣ ଦିନକୁ ସଂପୃକ୍ତ ଅଂଚଳରେ ଥିବା ସରକାରୀ କାର୍ଯ୍ୟାଳୟ, ବେସରକାରୀ କାର୍ଯ୍ୟାଳୟ, ବାଣିଜ୍ୟିକ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନଗୁଡ଼ିକୁ ଛୁଟି ଘୋଷଣା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଯଦି ସଂପୃକ୍ତ ଅଂଚଳରେ ଜୁଡ଼ିସିଆଲ୍ କୋର୍ଟ ଥାଏ, ତାହାହେଲେ ଭୋଟ ଗ୍ରହଣ ଦିନ କୋର୍ଟ ମଧ ବନ୍ଦ ରହିବ ବୋଲି ନିର୍ବାଚନ କମିଶନ ସରକାରଙ୍କୁ ଚିଠି ମାଧ୍ୟମରେ ଜଣାଇଛନ୍ତି ।

## ୫ ଜିଲ୍ଲାରେ ପଡ଼ିବ ଘନ କୁହୁଡ଼ି ସମ୍ଭାବନା....

(ରାତିର ତାପମାତ୍ରା)ରେ ମଧ କୌଣସି ବଡ଼ ପରିବର୍ତନର ସମ୍ଭାବନା ନାହିଁ। ତେବେ, ଆଗାମୀ ୩ ଦିନ ମଧ୍ୟରେ ରାଜ୍ୟର ଜିଲ୍ଲାଗୁଡ଼ିକରେ ଦିନର ତାପମାତ୍ରାରେ କ୍ରମାଗତ ଭାବେ ୩ରୁ ୪ ଡିଗ୍ରି ସେଲସିୟସ ପର୍ଯ୍ୟନ୍ତ ବୃଦ୍ଧି ଘଟିବ ଓ ଶୀତ କମିଯିବ ବୋଲି ବୁଧବାର ଅପରାହ୍ନରେ ଭାରତୀୟ ପାଣିପାଗ ବିଭାଗର ଭୁବନେଶ୍ୱର ସ୍ଥିତ ଆଂଚଳିକ କେନ୍ଦ୍ର ପକ୍ଷରୁ କୁହା ଯାଇଛି । ଗତ ୨୪ ଘଂଟା ମଧ୍ୟରେ ବଲାଙ୍ଗୀର ଠାରେ ସର୍ବାଧିକ ୨୭.୫ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ କେନ୍ଦୁଝର ଠାରେ ସର୍ବନିମ୍ନ ୯.୦ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଥିବା ସୂଚନା ଦିଆ ଯାଇଛି ।

## ବିଜେପିରେ ସାମିଲ ହେଲେ....

ମୁଲାୟମଙ୍କ ଦ୍ୱିତୀୟ ପତ୍ନୀ ସାଧନା ଗୁପ୍ତାଙ୍କ ପୁଅ ପ୍ରତୀକ ଯାଦବଙ୍କ ପତ୍ନୀ ହେଉଛନ୍ତି ଅପର୍ଣ୍ଣା । ତେଣୁ ପରିବାରରୁ କେହି ପ୍ରତିଦ୍ୱନ୍ଦ୍ୱୀ ଦଳକୁ ଯିବା ସମାଜବାଦୀ ଦଳ ପାଇଁ ଅଡୁଆ ବଢାଇପାରେ । ଏହାପୂର୍ବରୁ ଅନେକ ସମୟରେ ଅପର୍ଣ୍ଣା ଯାଦବ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଂଶସା କରୁଥିବାର ଦେଖିବାକୁ ମିଳିଛି । ଏପରିକି ରାମମନ୍ଦିର ନିର୍ମାଣ ପାଇଁ ୧୧ ଲକ୍ଷ ୧୧ ହଜାର ଚାନ୍ଦା ଦେଇଥିଲେ ଅପର୍ଣ୍ଣା । ଏକ ସାକ୍ଷାତକାରରେ ଅପର୍ଣ୍ଣା କହିଥିଲେ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଣେ ଯୋଗୀ । ସାଧୁ ସନ୍ଥଙ୍କୁ ସମ୍ମାନ ଦେବା ପାଇଁ ମୋ ପରିବାରରୁ ମୋତେ ସଂସ୍କାର ମିଳିଛି । ତେଣୁ ସେହି ହିସାବରେ ଯୋଗୀ ଆଦିତ୍ୟନାଥଙ୍କୁ ମୁଁ ସମ୍ମାନ କରେ । ମୁଖ୍ୟମନ୍ତ୍ରୀ ହେବା ପୂର୍ବରୁ ମଧ ଯୋଗୀଙ୍କୁ ସମ୍ମାନ ଦେଉଥିଲି । ଯେହେତୁ ସେ ଜଣେ ଗୋ-ପ୍ରେମୀ ତେଣୁ ତାଙ୍କ ପ୍ରତି ମୋର ସମ୍ମାନ ରହିଛି । ଏଭଳି କହି ପରୋକ୍ଷରେ ଯୋଗୀ ଆଦିତ୍ୟନାଥଙ୍କୁ ପ୍ରଂଶସା କରିବା ସହ ବିଜେପି ମୁହାଁ ହେଉଥିବା ନେଇ ସଂକେତ ଦେଇଥିଲେ ଅପର୍ଣ୍ଣା ।

## ମାର୍ଚ୍ଚ ୧୧ ସୁଦ୍ଧା 'ଏଣ୍ଡେମିକ'ର....

ପ୍ରତିରୋଧ ଶକ୍ତି ତିଆରି କରିବ ନାହିଁ ବୋଲି ଏହି ଅଧ୍ୟୟନରୁ ଜଣାପଡିଛି । ଅନ୍ୟପଟେ ଓଡିଶାରେ ଆଉ ୧୪୫ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟରେ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ୩୪୭ରେ ପହଁଚିଛି । ଏପଟେ ରାଜ୍ୟରେ ଗୋଟିଏ ଦିନରେ ୧୧ ହଜାର ୬୦୭ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରେ ୪ ହଜାର ୩୪୭ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ସୁନ୍ଦରଗଡରେ ୧୨୧୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହପରି ଦେଶରେ ଦ୍ରୁତ ଗତିରେ ବଢୁଛି କରୋନା ସଂକ୍ରମଣ । ଦେଶରେ ୨୪ ଘଣ୍ଟା ମଧ୍ୟରେ ୨ ଲକ୍ଷ ୮୨ ହଜାର ୯୭୦ ମାମଲା ଚିହ୍ନଟ ହୋଇଛି । ଦେଶରେ ସଂକ୍ରମଣ ହାର ରହିଛି ୧୫.୧୩ ପ୍ରତିଶତ ।

## ଶ୍ମଶାନରେ ଚେଇଁ ଉଠିଲା ....

ଶିଶୁଟି କାନ୍ଦୁଥିବାର ଦେଖି ପରିବାର ଲୋକେ ତୁରନ୍ତ ତାକୁ ଧରି କରଂଜିଆ ଉପଖଣ୍ଡ ଚିକିତ୍ସାଳୟ ଆଣିଥିଲେ। ତେବେ ଏପରି ଦାୟିତ୍ୱହୀନ କାମ କରିଥିବା କର୍ମଚାରୀ ଏବଂ ଅଧିକାରୀଙ୍କ ବିରୋଧରେ ପରିବାର ଲୋକେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ତେବେ ଏ ସମ୍ପର୍କରେ କରଂଜିଆ ଉପଖଣ୍ଡ ଚିକିତ୍ସା ଅଧିକାରୀ କହିଛନ୍ତି ଯେ, ଶିଶୁଟିକୁ କେହି ମୃତ ଘୋଷଣା କରିନାହାନ୍ତି। ତେବେ ବାସ୍ତବତା କ'ଣ ସେ ସମ୍ବନ୍ଧରେ ବିଶେଷ କିଛି ଜାଣିନାହିଁ। ଏହି ଘଟଣାରେ ଆମେ ପୂରା ତଦନ୍ତ କରିବୁ।

# ରାଜ୍ୟରେ ଲକଡ଼ାଉନ କରିବା ଭଳି ସ୍ଥିତି ଆସିନାହିଁ: ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୧୯/୦୧ (ନି.ପ୍ର): ଗତକିଛି ଦିନ ହେବ ରାଜ୍ୟରେ ସଂକ୍ରମଣ ସମାନ୍ତରାଳ ସ୍ଥିତିରେ ରହିଛି । ସଂକ୍ରମଣ ହାର ଅଧିକ ରହୁଛି ତେଣୁ କିଛି ସ୍ଥାନରେ ଆର ଭ୍ୟାଲୁ ଅଧିକ ରହିବ । ମାତ୍ର ଏଥି ପାଇଁ ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ । ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସାମ୍ବାଦିକ ମାନଙ୍କ ସହ କଥାବାର୍ତା ବେଳେ ଏହା କହିଛନ୍ତି । ସେ କହିଛନ୍ତି ଯେ ଆମେ ଲୋକମାନଙ୍କୁ ବାରମ୍ବାର ଆମେ ନିବେଦନ କରୁଛୁ କି ସାମାନ୍ୟ ଲକ୍ଷଣ ଆସିଲେ ଟେଷ୍ଟିଂ କରାନ୍ତୁ । ଟେଷ୍ଟିଂ କ୍ରାଇଟେରିଆକୁ ମାନି କେତେ ଟେଷ୍ଟିଂ ବଢ଼ାଯାଇ ପାରିବ ସ୍ୱାସ୍ଥ୍ୟ ବିଭାଗ ସେ ଉପରେ ବିଚାର ବିମର୍ଷ କରୁଛି । କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଟେଷ୍ଟିଂ ବଢାଇବା ପାଇଁ କାର୍ଯ୍ୟ କରୁଛୁ। ଲକଡ଼ାଉନ କି ସଟଡ଼ାଉନ କରିବା ଭଳି ସ୍ଥିତି ରାଜ୍ୟରେ ଆସିନାହିଁ ।

# ୫ଜିଲ୍ଲାପରିଷଦ ପଦବୀ ପାଇଁ ବିଜେଡିରୁ ୪ଜଣଙ୍କ ନାମାଙ୍କନ ପତ୍ର ଦାଖଲ

ନୀଳଗିରି, ୧୯/୦୧ (ନି.ପ୍ର): ତ୍ରିସ୍ତରିୟ ପଂଚାୟତ ନିର୍ବାଚନ ପାଇଁ ବିଭିନ୍ନ ଦଳପକ୍ଷରୁ ଜିଲ୍ଲା ପରିଷଦ ପଦବୀ ପାଇଁ ନାମାଙ୍କନ ପତ୍ର ଦାଖଲ ଚାଲିଥିବା ବେଳେ ଆଜି ନୀଳଗିରି ଓ ଔପଦା ବ୍ଲକର ମୋଟ ୫ଜିଲ୍ଲା ପରିଷଦ ଆସନ ପାଇଁ ବିଜୁ ଜନତା ଦଳ ପକ୍ଷରୁ ୪ଟି ଜୋନ୍ ପାଇଁ ୪ଜଣ ପ୍ରାର୍ଥୀ କୋଭିଡ ନିୟମ ଅନୁଯାୟୀ ନିଜର ନାମାଂକନ ପତ୍ର ନୀଳଗିରି ଉପଜିଲ୍ଲାପାଳଙ୍କ ଠାରେ ଦାଖଲ କରିଛନ୍ତି । ବିଜେଡି ପକ୍ଷରୁ ୧୩ନଂ. ଜୋନ ପାଇଁ ଗତିକୃଷ୍ଣ ନନ୍ଦ, ୧୨ନଂ. ଜୋନ୍ ପାଇଁ ରଂଜିତା ସିଂ, ୧୧ନଂ. ଜୋନ୍ ପାଇଁ ସୁବର୍ଣ୍ଣ ମଂଜରୀ ସିଂ, ୨ନଂ. ଜୋନ୍ ପାଇଁ ଶ୍ରଦ୍ଧାଂଜଳି ଜେନା ନାମାଂକନ ପତ୍ର ଦାଖଲ କରିଥିବା ବେଳେ, ସି.ପି.ଆଇ.ଏମ ଦଳ ପକ୍ଷରୁ ୧୧ନଂ. ଜୋନ୍ ପାଇଁ ରଥ ସିଂ, ୨ନଂ. ଜୋନ୍ ପାଇଁ ସମୀଲତା ନାୟକ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ୨ନଂ. ଜୋନ୍ ରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ମନାଲିସା ମହାନ୍ତି ନାମାଙ୍କନ ଦାଖଲ କରିଛନ୍ତି । ମୋନାଲିସା ମହାନ୍ତି ନୀଳଗିରି ର ବେଶ ଚର୍ଚ୍ଚିତ ସମାଜସେବୀ ତଥା ଶିଶିଣ ମହାପାତ୍ର ଫାଉଣ୍ଡେସନପ୍ରତିଷ୍ଠାତା ସବ୍ୟସାଚୀ ମହାପାତ୍ର ନେତୃତ୍ୱରେ ନାମାଂକନ ପତ୍ର ଦାଖଲ କରିଛନ୍ତି ।

# ପଞ୍ଚାୟତ ନିର୍ବାଚନରେ ଓବିସି ସଂରକ୍ଷଣର ଉଚ୍ଛେଦକୁ ବିରୋଧ




ବାରିପଦା, ୧୯/୦୧ (ନି.ପ୍ର): ସ୍ଥାନୀୟ ଜନାର୍ଦ୍ଦନପୁର ଠାରେ ମୟୁରଭଞ୍ଜ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ମଞ୍ଚର ଅସ୍ଥାୟୀ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆଗାମୀ ତ୍ରୀସ୍ତରୀୟ ପଞ୍ଚାୟତ ଓ ପୌରପରିଷଦ ନିର୍ବାଚନରେ ଓବିସିମାନଙ୍କୁ ପୂର୍ବରୁ ମିଳୁଥିବା ସଂରକ୍ଷଣ ସୁବିଧାକୁ ସଂପୂର୍ଣ୍ଣ ରୂପେ ଉଚ୍ଛେଦ କରିବା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ମଞ୍ଚ ଦାୟୀ କରିଛି । ରାଜ୍ୟ ଓବିସି ମଂଚ ସମେତ ଅନେକ ସଂଗଠନ ଓ ରାଜନୈତିକ ଦଳ ଏମାନଙ୍କୁ ପୁନଃ ପୂର୍ବ ସଂରକ୍ଷଣ ସୁବିଧା ପ୍ରଦାନ ପର୍ଯ୍ୟନ୍ତ ଏ ନିର୍ବାଚନକୁ ଘୁଞ୍ଚାଇବା ପାଇଁ ଯେଉଁ ଦାବୀ କରିଥିଲେ ତାହାକୁ ଭୃକ୍ଷେପ ନକରି ରାଜ୍ୟ ସରକାର ନିର୍ବାଚନ ପ୍ରକ୍ରିୟା ଘୋଷଣା କରିଛନ୍ତି । ତେବେ ଜିଲ୍ଲା ଓବିସି ମଞ୍ଚ ନିର୍ବାଚନକୁ ବିରୋଧ କରୁନାହିଁ, କିନ୍ତୁ ଓବିସି ମାନଙ୍କୁ ସଂରକ୍ଷଣ ସୁବିଧାରୁ ବଂଚିତ କରିବା ଆଭିମୁଖ୍ୟକୁ ତୀବ୍ର ବିରୋଧ କରିଛି । ଓଡ଼ିଶା ତୁଲ୍ୟ ସମାନ ପରିସ୍ଥିତି ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ସରକାର ସମ୍ମୁଖୀନ ହୋଇଥିଲେ କିନ୍ତୁ ଉଭୟ ରାଜ୍ୟ ସରକାର ଓବିସିକୁ ଶତକଡ଼ା ୨୭ ଭାଗ ସଂରକ୍ଷଣ ସୁବିଧା ପ୍ରଦାନ ବିଷୟ ନିଶ୍ଚିତ ନହେବା ପର୍ଯ୍ୟନ୍ତ ଏ ନିର୍ବାଚନକୁ ସ୍ଥଗିତ ରଖିଛନ୍ତି । ଓଡ଼ିଶା ସରକାର ମଧ ଏପରି ଚାହିଁଥିଲେ ହୋଇପାରି ଥାଆନ୍ତା । ଏ ବାବଦକୁ ସୁପ୍ରୀମ୍ କୋର୍ଟଙ୍କ ମାର୍ଗଦର୍ଶନକୁ ରାଜ୍ୟ ସରକାର ପୂରଣ କରିବାରେ ଅକ୍ଷମ ହୋଇଛନ୍ତି ବୋଲି ମଂଚ ଅଭିଯୋଗ କରିଛି ।ରାଜ୍ୟ ଓବିସି ମାନଙ୍କ ଜନସଂଖ୍ୟା କେତେ ତାହାର ଏକ ସଠିକ ରିପୋର୍ଟ ରାଜ୍ୟ ସରକାର ଦେଇପାରି ନାହାନ୍ତି । ତାମିଲନାଡୁ, କର୍ଣ୍ଣାଟକ ପ୍ରଭୃତି ରାଜ୍ୟ ନିଜେ ଜାତି ଭିତିକ ଜନଗଣନା କରି ଆବଶ୍ୟକ ମତେ କେନ୍ଦ୍ର ସରକାର ଓ ନ୍ୟାୟାଳକୁ ତଥ୍ୟ ପ୍ରଦାନ କରିଛନ୍ତି । ତେଣୁ ସେହି ସମସ୍ତ ରାଜ୍ୟରେ କୌଣସି ଅସୁବିଧା ହେଉନାହିଁ । ଓଡ଼ିଶା ସରକାର ଚାହିଁଥିଲେ ପୂର୍ବରୁ ଜାତିଭିତିକ ଜନଗଣନା କରାଇ ଓବିସିମାନଙ୍କ ଆବଶ୍ୟକୀୟ ପରିସଂଖ୍ୟାନ କରିପାରି ଥାଆନ୍ତେ । ସେହିପରି ରାଜ୍ୟରେ ଓବିସି ନିଗମ ଏକ ପ୍ରହଶନରେ ପରିଣତ ହୋଇଛି । ଜଣେ ବ୍ୟକ୍ତିରେ ଏହା ଚାଲିଛି । ଓବିସି ମାନଙ୍କ ଉନ୍ନୟନ ପାଇଁ ଅର୍ଥ ନାହିଁ କିମ୍ବା ଯୋଜନା ନାହିଁ । ମଣ୍ଡଳ କମିଶନଙ୍କ ସୁପାରୀଶ ମୁତାବକ ରାଜ୍ୟ ସରକାର ଶିକ୍ଷା ଓ ଚାକିରି କ୍ଷେତ୍ରରେ ଶତକଡ଼ା ୨୭ ଭାଗ ସଂରକ୍ଷଣ ସୁବିଧା ଦେବା କଥା, କିନ୍ତୁ ଏହା ନଦେଇ କେବଳ ଚାକିରି କ୍ଷେତ୍ରରେ ମାତ୍ର ଶତକଡ଼ା ୧୧.୨୫ ଭାଗ ସଂରକ୍ଷଣ ଦିଆଯାଉଛି । ଶିକ୍ଷାରେ ଏମାନଙ୍କ ପାଇଁ ସଂରକ୍ଷଣ ନାହିଁ । ରାଜ୍ୟ ସରକାର ଚାହିଁ ଥିଲେ ତାମିଲନାଡ଼ୁ ତୁଲ୍ୟ ଏ ସଂରକ୍ଷଣ ସୀମା ବଢ଼ାଇ ପାରି ଥାଆନ୍ତେ । ରାଜ୍ୟର ବିଶେଷ ସାମାଜିକ ସ୍ଥିତି ଦର୍ଶାଇ ସଂରକ୍ଷଣ ସୀମା ବୃଦ୍ଧି ବିଧେୟକଙ୍କୁ ବିଧାନ ସଭାରେ ପାରିତ କରି କେନ୍ଦ୍ରକୁ ପଠାଇ ଏହାକୁ ସମ୍ବିଧାନର ନବମ ଅନୁଚ୍ଛେଦରେ ସ୍ଥାନିତ କରାଇ ପାରିଥାନ୍ତେ । ଅନ୍ୟପକ୍ଷରେ କେନ୍ଦ୍ର ସରକାର ମଧ ସମାନଭାବେ ଦାୟୀ । ମଣ୍ଡଳ କମିଶନଙ୍କ ରିପୋର୍ଟଙ୍କୁ ଯଦି ୧୯୩୧ ମସିହାର ଜନଗଣନା ଆଧାରରେ ଗ୍ରହଣ କରାଯାଇଥିଲା ତେବେ ତାହା ଏବେ ଗ୍ରହଣୀୟ ହେବ ନାହିଁ କାହିଁକି ବୋଲି ମଂଚ ପ୍ରଶ୍ନ ଉଠାଇଛି । କେନ୍ଦ୍ର ସରକାର ଏ ବାବଦକୁ ନିୟମ ପ୍ରଣୟନ କରି ରାଜ୍ୟମାନେ ସଂଖ୍ୟା ଆଧାରରେ ସଂରକ୍ଷଣ ଦେଇପାରିବେ ମାତ୍ର କେନ୍ଦ୍ର ସରକାର ମଧ ପଦକ୍ଷେପ ନେଉ ନାହାଁନ୍ତି ବୋଲି ଅଭିଯୋଗ କରାଯାଇଛି । ଯେଉଁ ରାଜନୈତିକ ଦଳ ବା ବ୍ୟକ୍ତି ବିଶେଷ ଓବିସିଙ୍କ ଅଧିକାରରୁ ହନନ କରୁଛନ୍ତି, ତାଙ୍କ ସଂଖ୍ୟାନୁପାତିକ ଅଧିକାରରୁ ବଞ୍ଚିତ କରୁଛି ତାଙ୍କୁ ନିଜର ଗଣତାନ୍ତ୍ରିକ ଅଧିକାର ବଳରେ ଉପଯୁକ୍ତ ଜବାବ ଦେବ ବୋଲି ମଞ୍ଚ ଚେତାବନୀ ଦେଇଛି । ମୟୁରଭଞ୍ଜ ରେ ବସବାସ କରୁଥିବା ପ୍ରାୟ ଶତକଡ଼ା ୩୫ ଭାଗ ଓବିସିକୁ ରାଜନୀତି କ୍ଷେତ୍ରରେ ଉପଯୁକ୍ତ ନ୍ୟାୟ ପ୍ରଦାନ କରାଯାଇ ନାହିଁ । ପଞ୍ଚାୟତ ନିର୍ବାଚନରେ ଯାହାବି ମିଳୁଥିଲା ତାହା ବି ଉଚ୍ଛେଦ ହୋଇଗଲା । ତେଣୁ ଏ ଅନ୍ୟାୟକୁ ଜିଲ୍ଲାର ଓବିସି ମାନେ ସହଜରେ ହଜମ କରିବେ ନାହିଁ ଓ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଏହାର ପ୍ରତିଫଳନ ନିଶ୍ଚୟ ଦେଖିବାକୁ ମିଳିବ ବୋଲି ମଞ୍ଚ କହିଛି । ଏହି ସାମ୍ବାଦିକ ସମ୍ମିଳନୀରେ ମଞ୍ଚର ଜିଲ୍ଲା ସଭାପତି ଅବନୀ କୁମାର ମହାନ୍ତ, ରାଜ୍ୟ ଉପସଭାପତି ଅଧ୍ୟାପକ ଗୋପବନ୍ଧୁ, ଉପଦେଷ୍ଟା ନନ୍ଦ କୁମାର ମହାପାତ୍ର ଓ ବସନ୍ତ କୁମାର ମହାନ୍ତ, ସାଂଗଠନିକ ସଂପାଦକ ରବିନ କୁମାର ଦଣ୍ଡପାଟ, ସଂଗଠକ ବୈଦ୍ୟନାଥ ମହାନ୍ତ, ମନୋରଞ୍ଜନ ମହାକୁଡ଼, ଭବାନୀ ଶଙ୍କର ସାହୁ, ଅର୍ଜୁନ ମହାନ୍ତି, ଶ୍ରୀ ନରେନ୍ଦ୍ର ବେହେରା, ପ୍ରୀୟଜିତ୍ ମଦିନା, କାର୍ତ୍ତିକ ଦାସ, ଅନୀଲ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

# କଲେଜର ଦୁର୍ନୀତିକୁ ଧରୁଥିବାରୁ ଆକ୍ରୋଶମୂଳକ ଭାବେ ବଦନାମ କରାଯାଉଛି : କଲେଜ ଅଧ୍ୟକ୍ଷ

ନୀଳଗିରି, ୧୯/୦୧ (ନି.ପ୍ର): ଦୀର୍ଘଦିନ ଧରି ମିତ୍ରପୁର ସ୍ୱର୍ଣ୍ଣଚୂଡ଼ କଲେଜର କିଛି କର୍ମଚାରୀ ପିଲାଙ୍କ ଅର୍ଥକୁ ତୋଷାରପାତ କରିଆସୁଥିବା ବେଳେ ଏବେକାର ନୂତନ କଲେଜ ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ନାୟକ ଯୋଗଦେବା ପରେ କଲେଜର ବହୁବିଧ ଉନ୍ନତି ଘଟିଥିବା ବେଳେ କଲେଜର ପିଲାମାନଙ୍କ ଟଙ୍କା ଆତ୍ମସାତ କରୁଥିବା ନେଇ ଜାଣିଲା ପରେ ନିଜେ ଆଶ୍ଚର୍ଯ୍ୟ ହୋଇ ପଡ଼ିଥିଲେ । ପିଲାମାନଙ୍କର ଆଡ଼ମିଶନ ବାବଦରେ ଆଦାୟ କରାଯାଇଥିବା ଅର୍ଥକୁ ମଧ କିଛି କର୍ମଚାରୀ ହରିଲୁଟ କରିଥିବାର ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଅଧ୍ୟକ୍ଷ ସୂଚନା ଦେଇଛନ୍ତି । ଏପରିକି ମନି ରସିଦ ବହିରେ ମୁଖ୍ୟ କପିରେ ପିଲାମାନଙ୍କ ଠାରୁ ଆଦାୟ ହୋଇଥିବା ଟଙ୍କାର ପରିମାଣ ସଠିକ୍ ଭାବେ ଲେଖାଥିବା ବେଳେ କାର୍ବନ କପିରେ ଏହାକୁ ଟେମ୍ପରିଂ କରାଯାଇ ବହୁ କମ ଟଙ୍କା ଲେଖାଯାଇଥିବାର ଅଧ୍ୟକ୍ଷ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏପରିକି ହଜାର ହଜାର ଟଙ୍କା ୨ କର୍ମଚାରୀ ଆତ୍ମସାତ କରିଥିବା ନେଇ ନୀଳଗିରି ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କଲା ପରେ ତାଙ୍କ ନିର୍ଦ୍ଦେଶ ୨କର୍ମଚାରୀଙ୍କୁ ଅସ୍ଥାୟୀ ଚାକିରିରୁ ବହିଷ୍କାର କରାଯାଇଥିବା ବେଳେ ଆକ୍ରୋଶରେ ଅଧ୍ୟକ୍ଷଙ୍କ ବିରୁଦ୍ଧରେ କପୋଳକଳ୍ପିତ ଭାବେ ବଦନାମ କରିବା ପାଇଁ ଥାନାରେ ଅଭିଯୋଗ କରୁଥିବାର ଅଧ୍ୟକ୍ଷ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଜୈନିକ ମହିଳା ଅସ୍ଥାୟୀ କର୍ମଚାରୀ ଅଧ୍ୟକ୍ଷଙ୍କ ଅଗୋଚରରେ ଭୁଲ ନଥିପତ୍ର ଦର୍ଶାଇ ମନଇଚ୍ଛା କାର୍ଯ୍ୟକୁ ଅଧ୍ୟକ୍ଷ ତାଗିଦ କରିବାରୁ ଅଧ୍ୟକ୍ଷଙ୍କ ନାମରେ ମିଥ୍ୟାରେ ଥାନାରେ ଅଭିଯୋଗ କରିବା ଘଟଣାକୁ ସଂପୂର୍ଣ୍ଣ ରୂପେ ଖଣ୍ଡନ କରିଛନ୍ତି । ଅଧ୍ୟକ୍ଷ ପ୍ରତାପଚନ୍ଦ୍ର ନାୟକ, କଲେଜ ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଅଧ୍ୟକ୍ଷ, ୨ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର କରିବା ଘଟଣା ଓ କର୍ମଚାରୀଜଣକ ମନଇଚ୍ଛା କାର୍ଯ୍ୟକୁ ବିରୋଧ ପ୍ରତିବାଦରେ କୌଣସି କାରଣ ନ ଥାଇ ଅଯଥାରେ ଅପପ୍ରଚାର କରୁଥିବାର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଅଧ୍ୟକ୍ଷ ଶ୍ରୀଯୁକ୍ତ ନାୟକ ।

# ଧ୍ୱନି ପ୍ରତିଧ୍ୱନି




## ବିଜେଡିକୁ ଘେରିବାକୁ ରଣନୀତି ପ୍ରସ୍ତୁତ କରୁଛନ୍ତି ବିରୋଧି

ଖଇରା,୧୯/୦୧ (ନି.ପ୍ର): ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକରେ ଚଳିତ ପଞ୍ଚାୟତ ନିର୍ବାଚନ ବେଶ ରୋଚକ ହେବାକୁ ଯାଉଛି । ମନୋନୟନ ପତ୍ର ଦାକଲ ଆଉରି ୨ଦିନ ବାକି ଥିବା ବେଳେ ଏବେ ଚା ତେଜରାତି ଦୋକାନ ଗୁଡିକରେ ହାରଜିତକୁ ଆଲୋଚନା ଆରମ୍ଭ ହୋଇ ଗଲାଣି । ଆଶାୟି ପ୍ରାର୍ଥୀ ମାନେ ଲୋମଙ୍କ ମନ ଜିଣିବାକୁ ଦୋକାନକୁ ଡାକି ଚା ବିସ୍କୁଟରେ ଆପ୍ୟାୟିତ କରୁଥିବାର ଦେଖିବାକୁ ମିଳୁଛି । ମଦ ଦୋକାନ ଗୁଡିକରେ ମଧ୍ୟ ଗହଳି ଚହଳି ଆରମ୍ଭ ହୋଇ ଗଲାଣି । ଗୋଟିଏ ପଟେ ଶାସକ ବିଜେଡି ଦଳ ପୂର୍ବଭଳି ସମସ୍ତ ୪ଟି ଜିଲା ପରିଷଦ ଆସନ ଜିତିବାକୁ ରଣନିତି ପ୍ରସ୍ତୁତ କରିସାରିଥିବା ବେଳେ ତାକୁ ଚେକ ଦେବାକୁ ଭାଜପା ସପରକଳ୍ପିତ ଖସଡା ପ୍ରସ୍ତୁତ କରିଛି।ରାଜ୍ୟ ତଥା ଖଇରା ଅଞ୍ଚଳରେ ବିକାଶ ବିଶେଷ କରି ମନ୍ତ୍ରୀ ଜ୍ୟୋତି ପାଣିଗ୍ରାହୀଙ୍କ ସମୟକାଳରେ ହୋଇଥିବା ବିକାଶକୁ ନେଇ ପ୍ରାର୍ଥୀମାନେ ନିଜ ବିଜୟକୁ ନେଇ ବେଶ ଆଶାବାଦୀ ଅଛନ୍ତି । ହେଲେ ଭାଜପା ପ୍ରାର୍ଥୀଙ୍କୁ ଜିତାଇବାକୁ ପୁର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା କିନ୍ତୁ ଭିନ୍ନ ରାସ୍ତା ଆପଣେଇଛନ୍ତି । ବିଜେଡି ଓ କଂଗ୍ରେସର ସମସ୍ତ ଅସନ୍ତୁଷ୍ଟ ଗୋଷ୍ଠୀ ତଥାପୁରୁଖା ଭାଜପା ନେତା ଏକତ୍ର କରି କଡା ମୁକାବିଲା ଦେବାକୁ ଉଦ୍ୟମ ଜାରି ରଖିଛନ୍ତି । ବିଜେଡି ୩ନଂ ପାଇଁ ଜୟନ୍ତ କୁମାର ରାଉତ,୪ନଂ ପାଇଁ ରଶ୍ମିତା ମହାପାତ୍ର,୫ନଂ ପାଇଁ ମାନସ କୁମାର ଦାଶ ଓ ୬ନଂ ପାଇଁ ବର୍ତ୍ତମାନର ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ରଙ୍କୁ ପ୍ରାର୍ଥୀ କରିଛି । ସେପଟେ ଭାଜପା ମଧ୍ୟ ପ୍ରାର୍ଥୀ ଚୟନରେ ପରିପକ୍ୱତା ଦେଖାଇଛି । ୩ନମ୍ବରରେ ପୁର୍ବତନ ଜିଲା ପରିଷଦ ସଭ୍ୟ ତଥା ଭାଜପା ଜିଲା କାର୍ଯ୍ୟକାରିଣୀ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ,୫ନମ୍ବରରେ ଏସଆର ଗ୍ରୁପ ଅଧ୍ୟକ୍ଷ ତଥା ଘରେ ଘରେ ପିଙ୍କୁ ଭାଇ ନାମରେ ପରିଚିତ ରାଜେଶ ମହାକୁଡ,୬ନମ୍ବରରେ ପୁର୍ବଥରର ଭାଜପା ପ୍ରାର୍ଥୀ ମିନାକ୍ଷୀ ମହାପାତ୍ରଙ୍କୁ ପ୍ରାର୍ଥୀ କରାଯାଇଥିବା ବେଳେ ୪ନମ୍ବରରେ ଚୁଡାନ୍ତ ଚୟନ ବାକି ରହିଛି । କଂଗ୍ରେସ କାଁଭାଁ ପଞ୍ଚାୟତରେ ଓ ଜିଲା ପରିଷଦ ଆସନରେ ପ୍ରାର୍ଥୀ ଦେଉଥିବାରୁ ମୁଖ୍ୟତଃ ପ୍ରତିଦ୍ୱନ୍ଦିତା ବିଜେଡି ଓ ଭାଜପା ମଧ୍ୟରେ ହେବ ବୋଲି ଆଲୋଚନା ହେଉଛି ।

## ସଡ଼କ ଦୁର୍ଘଟଣାରେ ୨ ମୃତ

ବାଲେଶ୍ୱର,୧୯/୦୧ (ନି.ପ୍ର): ବାଲେଶ୍ୱର ସହର ଓ ସହର ଉପକଣ୍ଠ ଅଞ୍ଚଳରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ବୁଧବାର ୨ ଜଣଙ୍କର ମୃତ୍ୟୁ ହୋଇଯାଇଛି । ହଳଦୀପଦା ଥାନା ଅନ୍ତର୍ଗତ ଆମ୍ବପୂଜା ବ୍ରାହ୍ମଣ ଶାସନର ଯୋଗେଶ ଦାସ (୪୧) ପତ୍ନୀ ମଞ୍ଜୁଲତା ଦାସ, ଶିଶୁ ପୁତ୍ର ରୁଦ୍ରନାରାୟଣ ଏକ ବାଇକରେ ଫୁଲାଡ଼ିରୁ ପୂର୍ବାହ୍ନରେ ଘରକୁ ଫେରୁଥିଲେ । ତେବେ ସମ୍ପର୍କୀୟ ଟୁକୁନା ଦାସ(୨୨) ବାଇକ ଚଳାଉଥିବା ବେଳେ ତାଙ୍କ ପଛକୁ ଯୋଗେଶ ଓ ରୁଦ୍ର ଏବଂ ଶେଷରେ ମଞ୍ଜୁଲତା ବସିଥିଲେ । ଟୁକୁନା ବାଇକ ଚଳାଇ ୬୦ ନଂ ଜାତୀୟ ରାଜପଥର ଫୁଲାଡ଼ିଛକ ନିକଟ ପେଟ୍ରୋଲ ପମ୍ପ ଅତିକ୍ରମ କରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା । ସମ୍ମୁଖରୁ ଆସୁଥିବା ଏକ ଟ୍ରକ ସହ ଆସନ୍ନ ଦୁର୍ଘଟଣାରୁ ବର୍ତ୍ତିବା ପାଇଁ ଟୁକୁନା ଚେଷ୍ଟା କରୁଥିବା ବେଳେ ରାସ୍ତାରେ ଯାଉଥିବା ଅନ୍ୟଏକ ଟ୍ରକର ହୁକରେ ଟାଣିହୋଇ ଯୋଗେଶ ତଳେ ପଡ଼ି ଟ୍ରକର ଚକ ତଳକୁ ଚାଲିଯାଇଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ ବି ଡାକ୍ତର ଯୋଗେଶଙ୍କୁ ମୃତ ଘୋଷଣା କରିଥିଲେ । ତେବେ ଯୋଗେଶ ଟ୍ରକରେ ଟାଣି ହୋଇଯିବା ସମୟରେ ବାଇକଟି ତଳେ ପଡ଼ିଯାଇଥିଲା । ଏଥିରେ ଟୁକୁନା ଓ ମଞ୍ଜୁଲତାଙ୍କ ସମେତ ଶିଶୁପୁତ୍ର ରୁଦ୍ର ମଧ୍ୟ ଆହତ ହୋଇଛନ୍ତି । ଘଟଣାସ୍ଥଳରେ ପୁଲିସ ପହଞ୍ଚି ବାଇକ ଓ ଟ୍ରକକୁ ଅଟକ ରଖି ତଦନ୍ତ ଜାରି ରଖିଛି । ସେହିଭଳି ସହରର ବୈରାମନଗର ରାସ୍ତାରେ ଅନ୍ୟଏକ ଦୁର୍ଘଟଣାରେ ଜନୈକ ମହିଳାଙ୍କ ମୃତ୍ୟୁ ହୋଇଯାଇଛି । ମୃତ ମହିଳା ଜଣକ ହେଲେ ସଦର ବ୍ଲକ ଅନ୍ତର୍ଗତ ପରିଖି ପଞ୍ଚାୟତର ନନ୍ଦସର ଗ୍ରାମ ସହଦେବ ସେନାପତିଙ୍କ ପତ୍ନୀ ବାସନ୍ତି ସେନାପତି(୫୫) । ଉଭୟ ପତି-ପତ୍ନୀ ମାକଳପୁର ଠାରେ ଡାକ୍ତରଙ୍କୁ ଦେଖାଇ ଚାଲିଚାଲି ବୈରାମନଗର ଫେରୁଥିବା ବେଳେ ପଛରୁ ଆସୁଥିବା ଏକ ଟ୍ରକ ବାସନ୍ତିଙ୍କୁ ଧକ୍କା ଦେଇଥିଲା । ଏଥିରେ ସେ ତଳେ ପଡ଼ିଯାଇଥିବା ବେଳେ ଟ୍ରକର ଚକ ତାଙ୍କ ଉପରେ ଚାଲିଯାଇଥିଲା । ତାଙ୍କୁ ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ ବି ଡାକ୍ତର ବାସନ୍ତିଙ୍କୁ ମୃତ ଘୋଷଣା କରିଥିଲେ ।

## ବାଲ୍ୟ ବିବାହ ବନ୍ଦ କଲା ଚାଇଲ୍ଡ଼ ଲାଇନ

ଖଇରା,୧୯/୦୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ କଇଥଗଡିଆ ପଞ୍ଚାୟତରେ ବାଲ୍ୟ ବିବାହ ହେଉଥିବା ଖବର ପାଇ ଖଇରା ଚାଇଲ୍ଡଲାଇନର ସଦସ୍ୟ ମାନେ ଘଟଣାସ୍ଥଳରେ ପହଞ୍ଚି ଏହାକୁ ବନ୍ଦ କରିଛନ୍ତତି । ଉକ୍ତ ପଞ୍ଚାୟତ ଅସୁରଖାଲ ଗ୍ରାମର ମଙ୍ଗୁଲୁ ନାଇକ ଏକ ନସବାଳିକାକୁ ଘରେ ରଖି ବିବାହ ପାଇଁ ପ୍ରସ୍ତୁତି ଚଳାଇଥିଲେ । ଚାଇଲ୍ଡ ଲାଇନର ନିର୍ଦ୍ଦେଶକ ମଦନମୋହନ ବେହେରା ଙ୍କ କ୍ରମେ ଚାଇଲ୍ଡଲାଇନର ଏକ ଟିମ ପୋଲିସ ସହାୟତାରେ ଗ୍ରାମକୁ ଯାଇ ନବାଳିକାକୁ ଉଦ୍ଧାର କରି ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରିଛନ୍ତି । ଉକ୍ତ ନାବାଳିକାର ଘର କେନ୍ଦୁଝର ଜିଲା କଣ୍ଡାପଡା ଥାନା ଅଧୀନ ଟାଙ୍କଯୋଡା ଗ୍ରାମରେ ।

## ଯାନବାହନ ଚଳାଚଳ ନେଇ ପ୍ରଶାସନ ପକ୍ଷରୁ କଟକଣା ଲାଗୁ

ବାଲେଶ୍ୱର,୧୯/୦୧ (ନି.ପ୍ର): ଦୁର୍ଘଟଣା, ଜୀବନହାନି ଏବଂ ଟ୍ରାଫିକ ଜାମ ହ୍ରାସ ପାଇଁ ବାଲେଶ୍ୱର ସହରର କେତୋଟି ନିର୍ଦ୍ଦିଷ୍ଟ ରାସ୍ତାରେ ଭାରୀଯାନ ଚଳାଚଳ ନେଇ ଜିଲ୍ଲା ପ୍ରଶାସନ ତରଫରୁ କଟକଣା ଲାଗୁ କରାଯାଇଛି । ଆଇଟଆଇ. ଛକରୁ ଭାୟା ବାଲେଶ୍ୱର ବସ୍ଷ୍ଟାଣ୍ଡ, ଏଫଏମ୍ ଗୋଲେଇ ଦେଇ ସୂରଜ ହୋଟେଲ ଛକ, ପୁଲିସ ଲାଇନ ଛକରୁ ଭାୟା ଏଫଏମ କଲେଜ ଦେଇ ହେମକାପଦା ଛକ, ଫକୀରମୋହନ ଗୋଲେଇରୁ ଭାୟା ଫାଣ୍ଡି ଛକ, ଚିଡିଆପୋଲ, ସଦର ମହକୁମା ଡାକ୍ତରଖାନା, ସିନେମା ଛକ ଏବଂ ମୋତିଗଞ୍ଜ ବଜାର ଦେଇ ଟାଉନ ଥାନା, ଷ୍ଟେସନ ଛକରୁ ଭାୟା ଏଡିଏମ ଛକ, ଜିଲ୍ଲା ସ୍କୁଲ ଦେଇ ପାଣି ଟାଙ୍କି ଛକ, ମିର୍ଜାପୋଖରୀ ଛକରୁ ଭାୟା ମାଣିକ୍ଷମ୍ଭ ଏବଂ ବାରବାଟୀ ଦେଇ ବୁଢା କାର୍ତ୍ତିକ ଛକ, ମିର୍ଜାପୋଖରୀରୁ ଭାୟା ଟାଉନହଲ ଏବଂ ସିନେମା ଛକ ଦେଇ ବେବିଲୋନ ଛକ, ଟେକନିକାଲ ସ୍କୁଲ ଛକରୁ ଭାୟା ଏଡିଏମ ଛକ, ରାଜାବଗିଚା ଦେଇ ନାରୀସଂଘ,ଷ୍ଟେସନ ଛକରୁ ଭାୟା ନାରୀସଂଘ ଦେଇ ପଡୁଆଁପଦା ଛକ, ହରିପୁର ଛକରୁ ଭାୟା ଗଳାପୋଲ, ଦରଜୀପୋଖରୀ, ଚୂନଭାଟି ଦେଇ ମିର୍ଜାପୋଖରୀ ଛକ ପର୍ଯ୍ୟନ୍ତ ରାସ୍ତାଗୁଡିକରେ ସକାଳ ୮ଟା ୩୦ମିନିଟରୁ ରାତ୍ର ୧୦ଘଟିକା ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଛ । ସେହିଭଳି ହରିପୁର ପାର୍ଶ୍ୱରୁ ଆସୁଥିବା କେବଳ ଟ୍ରାକ୍ଟର, ମିନିଟ୍ରକ ଗୁଡିକୁ ଆନନ୍ଦ ବଜାର, ମାଲଗୋଦାମ, ଭାସ୍କରଗଞ୍ଜ ଛକ, ତେଲେଙ୍ଗା ସାହି ଛକ, ପୋଲିସ ଲାଇନ ଛକ ଦେଇ ଆଇଟିଆଇ ଛକ ଅଭିମୁଖେ ଯିବା ଓ ସେହି ସମାନ ରାସ୍ତା ଦେଇ ଫେରିବାକୁ ଅନୁମତି ଦିଆଯାଇଛ । ଅନୁରୂପ ଭାବେ ଚାନ୍ଦିପୁର ଅଂଚଳରେ ସମୁଦ୍ର ବେଳାଭୂମିରେ ଗାଡ଼ି ଚାଳନା ଯୋଗୁଁ ଘଟୁଥିବା ଅଘଟଣକୁ କମାଇବା ପାଇଁ ସୋନାପୁର ଛକରୁ ଆରମ୍ଭ କରି ଚାନ୍ଦିପୁର ପାନ୍ଥନିବାସ ପର୍ଯ୍ୟନ୍ତ ଯାନ ଚାଳନା ନିଷେଧ ସହ ସମସ୍ତ ପ୍ରକାର ଯାନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଛି । ଅନୁରୂପ ଭାବେ ଯାନବାହାନ ଚଳାଚଳ ପାଇଁ ଉଦ୍ଦିଷ୍ଟ ନ ଥିବା ତାଳସାରୀ ବେଳାଭୂମି ଅଂଚଳରେ ମଧ୍ୟ ସମସ୍ତ ପ୍ରକାର ଯାନ ଚଳାଚଳ ଉପରେ କଟକଣା ଲାଗିଛି । ବାଲେଶ୍ୱର ସହରର ଫାଣ୍ଡି ଛକ(ସହଦେବଖୁଣ୍ଟ ଥାନା)ରୁ ଆରମ୍ଭ କରି ଚିଡ଼ିଆପୋଲ ପର୍ଯ୍ୟନ୍ତ ମୁଖ୍ୟ ପରିବହନ ରାସ୍ତାରେ ଅବାଧ ଗାଡି ଚଳାଚଳ ପାଇଁ ଦୁଇ ଚକିଆ ଯାନ ବ୍ୟତୀତ ସମସ୍ତ ପ୍ରକାର ଯାନର ବେଆଇନ ପାର୍କିଂ ଉପରେ କଟକଣା ଲାଗୁ କରାଯାଇଛି । ଏ ସମସ୍ତ ଯାନ ମିଶନ ପଡିଆରେ ପାର୍କିଂ କରିବାକୁ କୁହାଯାଇଛି । ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଦ୍ୱାରା ଅନୁମୋଦିତ ଆଦେଶନାମା ଅନୁଯାୟୀ ତା୧୭.୧.୨୦୨୨ରିଖରୁ ତା୧୫.୨.୨୦୨୨ରିଖ ପର୍ଯ୍ୟନ୍ତ ୩୦ଦିନ ପାଇଁ ଏହି ସମସ୍ତ କଟକଣା ବଳବତ୍ତର ରହିବ ।

## ଇଂ ପ୍ରଶାନ୍ତ ଦତ୍ତଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା



ବାଲେଶ୍ୱର,୧୯/୦୧ (ନି.ପ୍ର): ସୁସାହିତ୍ୟିକ ତଥା ଅନୁଷ୍ଠାନ ପ୍ରେମୀ ଦିବଂଗତ ଇଂ ପ୍ରଶାନ୍ତ ଦତ୍ତଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ନୃତ୍ୟ ସଙ୍ଗୀତ କଳାମନ୍ଦିର ପରିସରରେ ବୁଧବାର ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ନୃତ୍ୟ ସଙ୍ଗୀତ କଳାମନ୍ଦିରର ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପ-ସଭାପତି ତଥା ରେବତୀ ପତ୍ରିକାର ସମ୍ପାଦିକା ସୁବାସିନୀ ଜେନା, ବ୍ରଜନାଥ ରଥ ଫାଉଣ୍ଡେସନ ଟ୍ରଷ୍ଟର କାର୍ଯ୍ୟକର୍ତ୍ତା କାଳୀକିଙ୍କର ଦାସ, ସୁବର୍ଣ୍ଣଶ୍ରୀ ପ୍ରକାଶନର ମୁଖ୍ୟ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ କବି କାଳୀପଦ ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦତ୍ତଙ୍କ ଜୀବନାଦର୍ଶ ଓ ସାହିତ୍ୟାନୁରାଗ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ଜଣେ ସାହିତ୍ୟିକ, ସ୍ଥପିତ ଓ ସଂସ୍କୃତିପ୍ରେମୀ ଭାବେ ସେ ବିଭିନ୍ନ ସାରସ୍ୱତ ଏବଂ ସାଂସ୍କୃତିକ ଅନୁଷ୍ଠାନରେ କାର୍ଯ୍ୟକର୍ତ୍ତା ଭାବେ ଦାୟିତ୍ୱ ତୁଲାଉ ଆସୁଥିବା ବକ୍ତାମାନେ କହିଥିଲେ । ତାଙ୍କର ଆକସ୍ମିକ ପରଲୋକ ସମସ୍ତଙ୍କୁ ମ୍ରିୟମାଣ କରିଥିବା ବେଳେ ଇଂ ଦତ୍ତଙ୍କ ଅବର୍ତ୍ତମାନରେ ସାରସ୍ୱତ ଓ ସଂସ୍କୃତି କ୍ଷେତ୍ରରେ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ବୋଲି ଏହି ଶ୍ରଦ୍ଧାଞ୍ଜଳି ସଭାରେ ମତ ପ୍ରକାଶ ପାଇଥିଲା । ସାଂସ୍କୃତିକ ଅନୁଷ୍ଠାନ ଇନ୍ଦ୍ରଧନୁର ସମ୍ପାଦକ ବ୍ରହ୍ମନାଥ ରଥ ପ୍ରାକ ସୂଚନା ଦେଇଥିଲେ । ପ୍ରାରମ୍ଭରେ ସ୍ୱର୍ଗତ ଦତ୍ତଙ୍କ ଫୋଟଚିତ୍ରରେ ପୁଷ୍ପ ଅର୍ପଣ ଓ ନିରବ ପ୍ରାର୍ଥନା ସହ ତାଙ୍କର ଅମର ଆତ୍ମା ପ୍ରତି ସମସ୍ତେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ବ୍ୟମନାଥ ରଥ, ଅଜୟ ଆଚାର୍ଯ୍ୟ, ନନ୍ଦକିଶୋର ଦାସ, ଲକ୍ଷ୍ମୀ ଘୋଷ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ ।

## ନୀଳଗିରିରେ ପୁଣି କଳାପଲସର ଆତଙ୍କ : ୨ଜଣଙ୍କ ଠାରୁ ଝାମ୍ପିନେଲେ ୩ଲକ୍ଷ ଟଙ୍କା

ନୀଳଗିରି, ୧୯/୦୧ (ନି.ପ୍ର): କିଛି ମାସ ଧରି ନୀଳଗିରିରେ କଳା ପଲସର ଆତଙ୍କ ବନ୍ଦ ଥିବା ବେଳେ ପୁଣି କଳାପଲସର ଆତଙ୍କ ନୀଳଗିରିରେ ଦେଖା ଦେଇଥିବା ବେଳେ ପୋଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି । ଆଜି ପୃଥକ ପୃଥକ ଦୁଇଟି ସ୍ଥାନରୁ ୩ଲକ୍ଷ ୩୦ହଜାର ଟଙ୍କା ଝାମ୍ପି ନେଇଥିବା ବେଳେ ପୋଲିସ ଘଟଣାର ଛାନଭିନ୍ ଆରମ୍ଭ କରିଛି । ସୂଚନା ଥାଉକି ଟଣକା ଅଂଚଳର ଶ୍ରୀକାନ୍ତ ମଲିକ ୨ଲକ୍ଷ ୩୦ହଜାର ଟଙ୍କା ଜମା କରିବା ପାଇଁ ନୀଳଗିରି ଆସୁଥିବା ବେଳେ ନୀଳଗିରି ପଂଚଲିଙ୍ଗେଶ୍ୱର ରାସ୍ତାର ପଟାପୋଲ ଠାରେ ଏକ କଳା ପଲସର ବାଇକରେ ୨ଜଣ ଆସି ଶ୍ରୀକାନ୍ତ ମଲିକ ଠାରୁ ୨ଲକ୍ଷ ୩୦ ହଜାର ଟଙ୍କା ଝାମ୍ପି ନେଇ ଫେରାର ହୋଇଯାଇଥିଲେ । ସେହିପରି ଅଯୋଧଗ୍ରାମର ପ୍ରଫୁଲ୍ଲ ଦାସ ୧ ଲକ୍ଷ ଟଙ୍କା ନୀଳଗିରି ଏସ.ବି.ଆଇ. ବ୍ୟାଙ୍କରୁ ଉଠାଇ ନିଜ ଘର ଅଯୋଧ୍ୟାକୁ ଫେରୁଥିବା ବେଳେ ନୀଳଗିରି ଜଗନ୍ନାଥ ମନ୍ଦିର ନିକଟରୁ ଝାମ୍ପିନେଇ ଫେରାର ହୋଇଯାଇଥିଲେ । କଳା ପଲସର ଆତଙ୍କ ଯୋଗୁଁ ଏବେ ସାଧାରଣ ଜନତାଙ୍କ ମଧ୍ୟରେ ଭୟର ସଂଚାର ଦେଖିବାକୁ ମିଳିଛି ।

## ଦେଉଳିରେ ମହାମିଶ୍ରଣ ପର୍ବ : ଭାଜପାରେ ଯୋଗ ଦେଲେ ରାଜେଶ ଓ ସୁଶାନ୍ତ



ଖଇରା,୧୯/୦୧ (ନି.ପ୍ର): ଭାଜପାର ଏକ ମହାମିଶ୍ରଣ ପର୍ବ ବାଲେଶ୍ୱର ଜିଲା ଖଇରା ବ୍ଲକର ଦେଉଳି ଛକରେ ଅନୁଷ୍ଠିତ ହୋଇ ଯାଇଛି । ମଣ୍ଡଳ ସଭାପତି ମହେଶ୍ୱର ନାଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଏମ୍ପି ପ୍ରାର୍ଥୀ ଅଭିମନ୍ୟୁ ସେଠୀ,ପୁର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା, ଯୁବନେତା ନିଳମାଧବ ପଣ୍ଡା ପ୍ରମୁଖ ଯୋଗ ଦେଇ ୨୧ବର୍ଷ ମଧ୍ୟରେ ବିଜେଡି ଅମଳରେ ବ୍ୟାପକ ଦୁର୍ନିତି ହୋଇଥିବାର ଅଭିଯୋଗ କରିଥିଲେ । ବିଜେଡି କର୍ମୀ ତଥା ଏସଆର ଗ୍ରୁପ ଏବଂ ସମ୍ଭାବନା ଫାଉଣ୍ଡେସନ ର ଅଧ୍ୟକ୍ଷ ରାଜେଶ ମହାକୁଡ,ଶ୍ୟାମସୁନ୍ଦରପୁର ପଞ୍ଚାୟତର୨ଥର ସରପଞ୍ଚ ଓ ଥରେ ସମିତିସଭ୍ୟ ଜିତିଥିବା ସୁଶାନ୍ତ ମହାକୁଡ ଓ ରତ୍ନାକର ବେହେରା ତାଙ୍କର ସମର୍ଥକଙ୍କ ସହ ଭାଜପାରେ ଯୋଗ ଦାନ କରିଛନ୍ତି । ଉକ୍ତ ମିଶ୍ରଣ ପରେ ତୁଡିଗଡିଆ ୫ନମ୍ବର ଜୋନରେ ଭାଜପା ପ୍ରଭାବଶାଳୀ ହୋଇ ପଡିଥିବା ନେଇ ନେତୃବୃନ୍ଦ ଦାବୀ କରିଛନ୍ତି ।

## ପଂଚାୟତ ନିର୍ବାଚନରେ ସଂରକ୍ଷଣରେ ଅସଂଗତି : ସରକାରଙ୍କୁ ହାଇକୋର୍ଟର ନୋଟିସ୍

ଜଳେଶ୍ୱର, ୧୯/୧(ନିପ୍ର): ଚଳିତ ପଂଚାୟତ ନିର୍ବାଚନରେ ଆଦିବାସୀ ମାନଙ୍କୁ ସଂରକ୍ଷଣ ଦେବା କ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରାଯାଇଥିବା ପ୍ରସଙ୍ଗକୁ ନେଇ ବାଲେଶ୍ୱର ଜିଲାର ଜଳେଶ୍ୱର ଆଦିବାସୀ ମହାମଂଚ ପକ୍ଷରୁ ୪ଜଣ ଆଦିବାସୀ ନେତା ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଆଜି ବୁଧବାର ମାନ୍ୟବର ହାଇକୋର୍ଟ ସେ ସବୁର ଶୁଣାଣି କରି ରାଜ୍ୟ ସରକାରଙ୍କୁ କୈଫତ ତଲବ କରିଛନ୍ତି । ଅଦାଲତର ଦ୍ୱାରସ୍ଥ ହୋଇଥିବା ୪ଜଣ ଆଦିବାସୀ ନେତା ରାମଚନ୍ଦ୍ର ହେମ୍ବ୍ରମ, ଉଦୟ ମୁର୍ମୁ, ମଙ୍ଗଳ ମାର୍ଣ୍ଡି, ଓ କେଲାରାମ ହେମ୍ବ୍ରମ ପୃଥକ ପୃଥକ ଭାବେ ମାମଲା ଦାୟାର କରିଛନ୍ତି । ସେମାନଙ୍କ ପାଇଁ କ୍ଲାପର ନିର୍ଦ୍ଦେଶକ ତଥା ବିଶିଷ୍ଟ ଆଇନ୍‌ଜିବୀ ଡ. ବିକାଶ ଦାସ ମାମଲା ଲଢୁଥିବା ଜଣାଯାଇଛି । ସୂଚନାଯୋଗ୍ୟ ଜଳେଶ୍ୱର ଅଂଚଳରେ ୪୧ ଶତକଡା ଲୋକେ ଆଦିବାସୀ ଓ ହରିଜନ ସମ୍ପ୍ରଦାୟର । ସର୍ଦ୍ଧାରବନ୍ଧ, ଶ୍ୟାମନଗର, ବରଡିହା ଇତ୍ୟାଦି ପଂଚାୟତରେ ୬୦/୭୦ ଭାଗ ଲୋକେ ଆଦିବାସୀ ଓ ହରିଜନ ସମ୍ପ୍ରଦାୟର । ମାତ୍ର ସେଠାରେ ଗୋଟିଏବି ସରପଂଚ ପଦବୀ ସଂରକ୍ଷିତ ରହିନାହିଁ । ଏହା ସରକାରଙ୍କ ଆଦିବାସୀ ବିରୋଧୀ ମନଭାବ ବୋଲି ଅବିହିତ କରି କଂଗ୍ରେସ ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ କିଛିଦିନ ପୂର୍ବରୁ ରାଜଘାଟଠାରେ ଆଦିବାସୀ ମହାପଞ୍ଚାୟତ ଡାକିଥିଲେ । ମହାପଂଚାୟତର ନିଷ୍ପତ୍ତି ଅନୁଯାୟୀ ଆଦିବାସୀମାନେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ରାଜ୍ୟସରକାର ଏହାର ଉତ୍ତର ଦେଲାପରେ ପରବର୍ତ୍ତୀ ଶୁଣାଣୀ ହେବ ବୋଲି ଜଣାଯାଇଛି ।

## ଫେବୃଆରୀ ୨୭ରୁ ଆରମ୍ଭ ହେବ ପଲସ ପୋଲିଓ ଅଭିଯାନ

ବାଲେଶ୍ୱର,୧୯/୦୧ (ନି.ପ୍ର): ଆସନ୍ତା ଜାନୁଆରୀ ୨୩ ତାରିଖରୁ ଆରମ୍ଭ ହେବାକୁ ଥିବା ପଲସ ପୋଲିଓ ଅଭିଯାନର ସମୟ ସୂଚୀରେ ପରିବର୍ତ୍ତନ ହୋଇଛି । ପୂର୍ବରୁ ଜାନୁଆରୀ ୨୩, ୨୪ ଓ ୨୫ ତାରିଖରେ ଏହା ଆୟୋଜିତ ହେବାକୁ ଥିବା ବେଳେ ଏବେ ଏଥିରେ ପରିବର୍ତ୍ତନ ହୋଇ ଆସନ୍ତା ଫେବୃଆରୀ ୨୭, ୨୮ ଓ ମାର୍ଚ୍ଚ ୧ ତାରିଖରେ ଏହା କରାଯିବାକୁ ସ୍ଥିରୀକୃତ ହୋଇଛି । ଏ ନେଇ ଜାତୀୟ ସ୍ୱାସ୍ଥ୍ୟ ମିଶନ ରାଜ୍ୟ ଶାଖା ପକ୍ଷରୁ ସମସ୍ତ ଜିଲାକୁ ସୂଚନା ଦିଆଯାଇଛି । ଫେବୃୟାରୀ ୨୭ ତାରିଖ ଦିନ ବୁଥସ୍ତରରେ ଶିଶୁମାନଙ୍କୁ ପୋଲିଓ ବୁନ୍ଦା ଦିଆଯିବାକୁ ଥିବା ବେଳେ ଫେବୃଆରୀ ୨୮ ଓ ମାର୍ଚ୍ଚ ୧ ତାରିଖରେ ସ୍ୱାସ୍ଥ୍ୟ କର୍ମୀମାନେ ଘରକୁ ଘର ଯାଇ ପୋଲିଓ ବୁନ୍ଦା ପାଇ ନ ଥିବା ଶିଶୁମାନଙ୍କୁ ଏହା ଖୁଆଇବେ । ଜିଲାର ସମସ୍ତ ବ୍ଲକର ୨ଲକ୍ଷ ୧୨ହଜାର ୪୫୮ଜଣ ଶିଶୁଙ୍କୁ(୦ରୁ ୫ବର୍ଷ) ପୋଲିଓ ବୁନ୍ଦା ଖୁଆଇବା ପାଇଁ ଏଥର ଲକ୍ଷ୍ୟ ରଖାଯାଇଛି । ଏଥି ନିମନ୍ତେ ଜିଲ୍ଲାର ବିଭିନ୍ନ ଅଂଚଳରେ ବୁଥ ସ୍ଥାପନ ସହିତ ସ୍ୱାସ୍ଥ୍ୟକର୍ମୀ(ଏଏନଏମ, ଅଙ୍ଗନବାଡ଼ି ଓ ଆଶାକର୍ମୀ) ଏବଂ ସୁପରଭାଇଜରଙ୍କୁ ନିୟୋଜିତ କରାଯିବ । ପଲସ ପୋଲିଓ ଅଭିଯାନରେ ନିୟୋଜିତ ହେବାକୁ ଥିବା ସମସ୍ତ ସ୍ୱାସ୍ଥ୍ୟ କର୍ମୀ ଓ ଅଧିକାରୀମାନେ କୋଭିଡ୍-୧୯ ବୁଷ୍ଟର ଡୋଜ୍ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । କୌଣସି ଆଶଙ୍କା ନ ରଖି ପିତାମାତା ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇବା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି ।

## ୨୦ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ : ୩ ଯୁବକ ଅଟକ

ଜଳେଶ୍ୱର, ୧୯/୧(ନିପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ଅଂଚଳର ୨ ଯୁବକଙ୍କ ଠାରୁ ପଶ୍ଚିମବଂଗ ପୁଲିସ୍ ୬୫ କୋଟି ଟଙ୍କାର ବ୍ରାଉନ୍‌ସୁଗର ଧରିଥିବା ବେଳେ ମାତ୍ର ୧ ସପ୍ତାହ ପରେ ଆଜି ବୁଧବାର ଜଳେଶ୍ୱର ପୁଲିସ୍ ୩ଜଣ ଯୁବକଙ୍କୁ ଅଟକ ରଖିବା ସହିତ ସେମାନଙ୍କ ଠାରୁ ପ୍ରାୟ ମୋବାଇଲ୍ ଓ ୨୦୦ ଗ୍ରାମର ବ୍ରାଉନ୍ ସୁଗର ଜବତ୍ କରିଛି । ଘଟଣାରୁ ପ୍ରକାଶ ବଜାରଶୋଲ ଅଂଚଳର ରାଜେଶ ବିଶ୍ୱାଳ (୩୦) କିଛି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଯୁବକମାନଙ୍କ ସହିତ ମିଶି ବିଭିନ୍ନ ସ୍ଥାନରେ ଛେଳି ଓ ମୋଟର ସାଇକେଲ ଚୋରି କରିବା ଇତ୍ୟାଦି କାର୍ଯ୍ୟ କରି ଆସୁଥିଲା । ତେବେ ଆଜି ଜଳେଶ୍ୱର ପୁଲିସ୍ ତା ନିକଟରୁ ବ୍ରାଉନ୍‌ସୁଗର ସହିତ ୫ଟି ମୋବାଇଲ୍ ଓ କିଛି ଟଙ୍କା ମଧ୍ୟ ଜବତ୍ କରିଛି । ସେହି ଆଧାରରେ ଜଳେଶ୍ୱର ଝାଡେଶ୍ୱରପୁର ଅଂଚଳର ରାମଜାନୀ (୨୫) ଓ ରିଜୁଆନ(୨୨)କୁ ପୁଲିସ୍ ଅଟକ ରଖି ପଚରାଉଚରା କରୁଛି । ସେମାନଙ୍କ ନିକଟରୁ ମିଳିଥିବା ବ୍ରାଉନ୍‌ସୁଗରର ଆନୁମାନିକ ମୂଲ୍ୟ ୨୦ ଲକ୍ଷ ଟଙ୍କା ହେବ ବୋଲି ଜଣାଯାଇଛି । ତେବେ ବାରମ୍ବାର ଜଳେଶ୍ୱର ଅଂଚଳରୁ ବ୍ରାଉନ୍‌ସୁଗର ଧରାପଡୁଥିଲେ ମଧ୍ୟ ଏହାର ମୂଳପୋଛ କାହିଁକି ହେଉନାହିଁ ବୋଲି ବୁଦ୍ଧିଜିବୀ ମହଲରେ ଚର୍ଚ୍ଚା ହେଉଛି । ଅବକାରୀ, ଏସ୍‌ଟିଏଫ କିମ୍ବା ପୁଲିସ୍ ଏହାର ମାଷ୍ଟାର ମାଇଣ୍ଡକୁ ଧରିବାରେ ସଫଳ ହେଉନାହିଁ ବୋଲି ଆଲୋଚନା ହେଉଛି ।

## ବିଘ୍ନବିନାୟକ ଏବଂ ମା' ସରସ୍ୱତୀ ମନ୍ଦିରର ଚୂଡାବରଣ ରତ୍ନମୋଦ ଉତ୍ସବ

ବାଲିଆପାଳ, ୧୯/୦୧ (ନି.ପ୍ର): ବାଲିଆପାଳ ବ୍ଲକ କୁମ୍ଭାରୀ ପଞ୍ଚାୟତ ଅଧିନସ୍ଥ ତାପଣ୍ଡିଆ ସରକାରୀ କୁଞ୍ଜବିହାରୀ ହାଇସ୍କୁଲ ପରିସରରେ ନୂତନ ବିଘ୍ନବିନାୟକ ଏବଂ ବିଦ୍ୟାଧିଷ୍ଠାତ୍ରୀ ମା' ସରସ୍ୱତୀଙ୍କର ମନ୍ଦିର ଚୂଡାବରଣ (ରତ୍ନମୋଦ ଉତ୍ସବ )ଅନୁଷ୍ଠିତ ହୋଇଛି ।ସଂକୀର୍ତ୍ତନ ପୂର୍ବକ ଯଜ୍ଞାରମ୍ଭ ପରେ ପୂର୍ଣ୍ଣାହୂତି ଏବଂ ସ୍ୱହସ୍ତ ଦାନ ଦ୍ରବ୍ୟ ଚୂଡାକରଣରେ ଗ୍ରାମବାସୀମାନେ ପ୍ରଦାନ କରିଥିଲେ । ଏହାପରେ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ସଭାପତି ପରମାନନ୍ଦ ଦେ, ଉପ ସଭାପତି ଜୀବନକୃଷ୍ଣ ଗିରି,ସଂପାଦକ ସୁମନ୍ତ ଗିରି,ସହ ସଂପାଦକ ମହେଶ୍ୱର ରାଉତ,ପ୍ରଧାନଶିକ୍ଷକ ବିକର୍ତ୍ତନ



ରାଉତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଭାପତି ଦିନେଶ୍ କୁମାର ଗିରି,ବିଜୟ କୁମାର ବାରିକ,ଭଗୀରଥ ଗିରି,ଶିବ ପ୍ରସାଦ ଅଣ୍ଡିଆ,ଲକ୍ଷ୍ମୀଧର ସେଠୀ,ଜଗନ୍ନାଥ ବିଶ୍ୱାଳ,ଶିବାନନ୍ଦ ଦାସ,ଜଳଧର ସାହୁ,ପ୍ରଶାନ୍ତ ସାହୁ,ଗୋବିନ୍ଦ ଗିରି,ରମାନାଥ ଗିରି, ରାମଚନ୍ଦ୍ର ଦାସ,ଚିତ୍ତରଂଜନ ଗିରି,ବିଶ୍ୱେଶ୍ୱର ରାଉତ,ମନୋଜ ବିଶ୍ୱାଳ,କାଞ୍ଚନବାଳା ବିଶ୍ୱାଳ ପ୍ରମୁଖ ଅନେକ ବିଦ୍ୟାଳୟର ପୂର୍ବତନ ଛାତ୍ରଛାତ୍ରୀ,ଗ୍ରାମବାସୀ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ,ଆଖ ପାଖ ଗ୍ରାମର ଅନେକ ଶ୍ରଦ୍ଧାଳୁ ଉପସ୍ଥିତ ରହି ରତ୍ନମୋଦ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

## ଓଡିଶାରେ ପହଂଚିଲା ୫୦ ହଜାର ଓମିସିଓର କିଟ୍

ଭୁବନେଶ୍ୱର, ୧୯/୦୧ (ନି.ପ୍ର): ରାଜ୍ୟରେ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାବେଳେ ବୁଧବାର ଓଡ଼ିଶାରେ ୫୦ ହଜାର ଓମିସିଓର କିଟ୍ ପହଂଚିଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ଓମିସିଓର କିଟ୍ କୁ ଆରଏମଆରସିକୁ ଦିଆଯାଇଛି । ଏସମ୍ପର୍କରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି ଯେ ଓମିସିଓର କିଟ ପହଂଚିବା ପରେ ଡ୍ରାଏ ରନ ଚାଲିଛି । କିଟ୍ ଠିକ୍ ଅଛି ନା ନାହିଁ ଟେଷ୍ଟ କରାଯାଉଛି । ଏହାପରେ ଇଂଟରନାଲ ଷ୍ଟଡ଼ି ପାଇଁ ବ୍ୟବହାର କରାଯିବ । ଯେଉଁ ଜିଲ୍ଲାରେ ଅଧିକ ସଂକ୍ରମିତ ବାହାରୁଛନ୍ତି ସେହି ଜିଲ୍ଲାକୁ କିଟ୍ ପଠାଯିବ । ସହଜରେ ଓମିକ୍ରନ ଭ୍ୟାରିଆଂଟ ଚିହ୍ନଟ କରିବାରେ ଏହା ସହାୟକ ହେବ ।ପ୍ରାରମ୍ଭିକ ଭାବେ ବ୍ରହ୍ମପୁର, କଟକ, ରାଉରକେଲା, ଭୁବନେଶ୍ୱରରେ ଏହି କିଟ୍ ବ୍ୟବହାର କରାଯିବ । ଟାଟା ଏମଡି ଓଡ଼ିଶାକୁ ଏହି କିଟ୍ ଦେଇଥିବାବେଳେ ଏହାର ବ୍ୟବହାର ଫଳରେ ଆଉ ଜିନମ ସିକ୍ୱେନ୍ସିଂର ଆବଶ୍ୟକତା ପଡିବନି । କିଛି ଦିନ ତଳେ ଓମିକ୍ରନ ସହ ଲଢ଼ିବା ପାଇଁ ଟାଟା ପ୍ରସ୍ତୁତ କରିଥିବା ଟେଷ୍ଟିଂ କିଟ୍ ଓମିସିଓରକୁ ମଞ୍ଜୁରୀ ପ୍ରଦାନ କରିଥିଲା ଆଇସିଏମଆର । ଆଉ ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ଓମିସିଓର କିଟ କିଣିବା ପାଇଁ ଅର୍ଡର ଦେଇଥିଲା । ଓଡିଶା ଷ୍ଟେଟ ମେଡିକାଲ କର୍ପୋରେସନ ଲିମିଟେଡ (ଓଏସଏମସିଏଲ) ୫ଲକ୍ଷ ପରୀକ୍ଷା କିଟ୍ ପାଇଁ ପାଇଁ ଟାଟା ଏମଡିକୁ ଅର୍ଡର ଦେଇଥିଲା ।

## ନାରାୟଣ ଚନ୍ଦ୍ର ପ୍ରଧାନଙ୍କ ନାମାଙ୍କନ ପତ୍ର ଦାଖଲ




ବାଲେଶ୍ୱର,୧୯/୦୧(ନି.ପ୍ର): ଆଜି ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୨୯ ନମ୍ବର ଜିଲ୍ଲା ପରିଷଦ ଜୋନର ବିଜୁ ଜନତା ଦଳର ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ଶ୍ରୀଯୁକ୍ତ ନାରାୟଣ ଚନ୍ଦ୍ର ପ୍ରଧାନ । ତାଙ୍କ ସହ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ବିଧାୟକ ଶ୍ରୀଯୁକ୍ତ ସ୍ୱରୂପ କୁମାର ଦାସ ଏବଂ ରେମୁଣା ବିଧାୟକ ଶ୍ରୀଯୁକ୍ତ ସୁଧାଂଶୁ ଶେଖର ପରିଡ଼ା ନାମାଙ୍କନ ପତ୍ର ଦାଖଲରେ ଯୋଗ ଦେଇଛନ୍ତି । ବିଧାୟକ ଶ୍ରୀ ଦାସଙ୍କ କାର୍ଯ୍ୟାଳୟରେ ଆଜି ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ଚାରି ଗୋଟି ଜିଲ୍ଲା ପରିଷଦ ଜୋନର ବିଜୁ ଜନତା ଦଳର ପ୍ରାର୍ଥୀଙ୍କୁ ବିଧାୟକ ଶ୍ରୀ ଦାସ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପାଖରୁ ଆସିଥିବା ଦଳୀୟ ଟିକେଟ ପ୍ରଦାନ କରିଥିଲେ ଏବଂ ପରେ ସେମାନେ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ରବୀନ୍ଦ୍ର କୁମାର ଜେନାଙ୍କୁ ଦେଖା କରି ଆଶ୍ରିବାଦ ଲାଭ କରିଥିଲେ । ପୂର୍ବରୁ ନାରାୟଣ ଚନ୍ଦ୍ର ପ୍ରଧାନ ବାଲେଶ୍ୱର ସଦର ବ୍ଲକ ଅଧକ୍ଷ ଥିଲେ ଏବଂ ତାଙ୍କର କାର୍ଯ୍ୟଶୈଳୀ ଏବଂ ବିକାଶ ମୂଳକ କାର୍ଯ୍ୟରେ ସନ୍ତୁଷ୍ଟ ହୋଇ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ୨୯ ନମ୍ବର ଜୋନର ଜିଲ୍ଲା ପରିଷଦର ବିଜୁ ଜନତା ଦଳର ପ୍ରାର୍ଥୀ ଭାବେ ଟିକେଟ ପ୍ରଦାନ କରିଛନ୍ତି । ବାକି ଥିବା ତିନି ଗୋଟି ଜୋନ ତଥା ୨୬ ନମ୍ବର ଜିଲ୍ଲା ପରିଷଦ ଜୋନରୁ ସୋନାଲି ବିଶ୍ୱାଳ, ୨୮ ନମ୍ବର ଜିଲ୍ଲା ପରିଷଦ ଜୋନରୁ ସଞ୍ଜୟ ବିଶ୍ୱାଳ ଏବଂ ୨୫ ନମ୍ବର ଜୋନରୁ ଜିଲ୍ଲା ପରିଷଦ ଜୋନରୁ ସଞ୍ଜୟ ଦାସଙ୍କୁ ବିଜୁ ଜନତା ଦଳର ପ୍ରାର୍ଥୀ ଭାବେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଟିକେଟ ପ୍ରଦାନ କରିଛନ୍ତି ଏବଂ ସେମାନେ ଆସନ୍ତା ୨୧ ତାରିଖରେ ସେମାନଙ୍କର ନାମାଙ୍କନ ପତ୍ର ଦାଖଲ କରିବେ ।


❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo